ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୦/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Tuesday, June 20/2023 | Page 20 | ₹ 7.00

୪୯ଶ ଭାଗ ୨୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 205 | ମୂଲ୍ୟ ₹୭/-

# ସିଗ୍‌ନାଲ ଜେଇଙ୍କ ପତ୍ତା ମିଳୁନି

**ବାହାନଗା ଟ୍ରେନ ଦୁର୍ଘଟଣା**

## ଭଡ଼ା ଘରକୁ ସିଲ୍ କଲା ସିବିଆଇ

ବାହାନଗା/ସୋର, ୧୯।୬
(ଅରୂପ ଦାସ/ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାକୁ ୧୯ଦିନ ବିତିଗଲାଣି। ଦୁର୍ଘଟଣାରେ ୨୯୨ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଏହାର ପ୍ରକୃତ କାରଣ ସମ୍ପର୍କରେ ଖୋଳତାଡ ଚଳାଇଛି ସିବିଆଇ। ରେଲୱେ ସୋର ସେକ୍ସନର ସିଗ୍‌ନାଲ ଜେଇ (କନିଷ୍ଠ ଯନ୍ତ୍ରୀ) ଅମିର ଖାନ୍‌ଙ୍କୁ ଧରିବାରେ ସିବିଆଇ ବିଫଳ ହେବା ପରେ ସେ ଭଡ଼ାରେ ରହୁଥିବା ଘରକୁ ସୋମବାର ସିଲ୍ କରିଛି। ଦୁର୍ଘଟଣା ପରଠାରୁ ସିଗ୍‌ନାଲ ଜେଇ ଓ ତାଙ୍କ ପରିବାର ଘରେ ଅନୁପସ୍ଥିତ ଅଛନ୍ତି। ଏବେ ଜିଆର୍‌ପି ପୋଲିସ ତାଙ୍କ ଘରକୁ ଜଗି ବସିଛି। ପ୍ରାଥମିକ ତଦନ୍ତ କରି ସିବିଆଇ ଫେରିଯାଇଥିବା ବେଳେ ସୋମବାର ପୁଣି ଆସି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ସିଗ୍‌ନାଲ ଯନ୍ତ୍ରୀ ଖାନ୍ ଦୁର୍ଘଟଣା ରାତିରେ ହିଁ ପରିବାର ସହ ଫେରାର ହୋଇଯାଇଛନ୍ତି। ସିବିଆଇ ବାହାନଗା ଷ୍ଟେଶନକୁ ସିଲ୍ କରିଦେଇଥିବାବେଳେ ଷ୍ଟେଶନ ମ୍ୟାନେଜରଙ୍କ ସମେତ ଅନ୍ୟ ୨ ଅଧିକାରୀଙ୍କୁ ଉଠାଇ ନେଇଥିଲା। ଆସନ୍ତା ମଙ୍ଗଳବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାହାନଗା ରେଳଷ୍ଟେଶନ ନିକଟକୁ ଆସିବା କାର୍ଯ୍ୟକ୍ରମ ରହିଛି। ଏହାର ପୂର୍ବଦିନ ପୁନର୍ବାର ସିବିଆଇ ତତ୍ପର ହୋଇଉଠିଛି। ସିବିଆଇ ସିଗ୍‌ନାଲ ଯନ୍ତ୍ରୀ ଖାନ୍‌ଙ୍କୁ ନ ପାଇବା ପରେ ଶେଷରେ ସେ ଭଡ଼ାରେ ରହୁଥିବା ସୋରସ୍ଥିତ କମରପୁରର ଭାଗୀରଥି ସନ୍ଦିପଗ୍ରହଙ୍କ ଘରକୁ ସିଲ୍ କରିଦେଇଛନ୍ତି। ସିଗ୍‌ନାଲ ଜେଇ ଖାନ୍ ସେଠାରେ ଦୀର୍ଘ ୨ ବର୍ଷ ଧରି ରହି ଆସୁଥିଲେ। ଏ ସମ୍ପର୍କରେ ଖାନ୍‌ଙ୍କ ପଡୋଶୀ ମହେଶ୍ୱର ବେହେରା କହିଛନ୍ତି, ସିଗ୍‌ନାଲ୍ ଯନ୍ତ୍ରୀ ଖାନ୍ ଜଣେ ମେଳାପି ଲୋକ। ଟ୍ରେନ ଦୁର୍ଘଟଣା ପରଠାରୁ ତାଙ୍କ ପରିବାରକୁ କେହି ଦେଖିନାହାନ୍ତି।




# ରବି ସିହ୍ନା 'ର' ମୁଖ୍ୟ

ନୂଆଦିଲ୍ଲୀ, ୧୯।୬(ପି.ଟି.)



ବରିଷ୍ଠ ଆଇପିଏସ୍ ଅଫିସର ରବି ସିହ୍ନା ସୋମବାର ବିଦେଶ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର)ର ନୂଆ ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ବର୍ତ୍ତମାନର 'ର' ମୁଖ୍ୟ ସାମନ୍ତ ଗୋଏଲଙ୍କ ୪ ବର୍ଷିଆ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଥିବାବେଳେ ପରବର୍ତ୍ତୀ ମୁଖ୍ୟ ଭାବେ ସିହ୍ନା ଦାୟିତ୍ୱ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ବଞ୍ଚିବା କଷ୍ଟକର



**ଆଜି ଘୋଷଯାତ୍ରା:** ପୁରୀ ବଡ଼ଦାଣ୍ଡ ସିଂହଦ୍ୱାର ସମ୍ମୁଖକୁ ସୋମବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଟାଣି ନିଆଯାଉଛି।

DSPL-96

5T TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545



OIPR-10003/13/0065/2324



"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସମସ୍ତଙ୍କର ସୁଖ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା"

**ରଥଯାତ୍ରା-୨୦୨୩ ନିମନ୍ତେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା**

- ବୟୋବୃଦ୍ଧ/ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଏକୁଟିଆ ଭିଡ ଭିତରକୁ ଛାଡନ୍ତୁ ନାହିଁ।
- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ।
- ବାହାରେ ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ହେଉଥିବା ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ।
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡା ଲଗାନ୍ତୁ ଏବଂ ଓ.ଆର୍.ଏସ୍ ପିଅନ୍ତୁ।
- ସମୁଦ୍ର ସ୍ନାନ ସମୟରେ ଦୂର୍ଘଟଣା ଏଡାଇବା ପାଇଁ ସତର୍କ ରୁହନ୍ତୁ।
- ଅସୁସ୍ଥ ଅନୁଭବ କଲେ କିମ୍ବା ଦୂର୍ଘଟଣା ଘଟିଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରକୁ ଯାଇ ଚିକିତ୍ସିତ ହୁଅନ୍ତୁ।

**ଜରୁରୀ ଫୋନ୍ ନମ୍ବର :**
ପୁରୀ ସଦର ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟ ସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ ସେବା : ୧୦୮

NATIONAL HEALTH MISSION

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ**

facebook.com/HFWOdisha
http://www.health.odisha.gov.in/
@HFWOdisha

## ସନ୍ଧ୍ୟାଧୂପରେ ପଖାଳ

ମହାପ୍ରଭୁଙ୍କ ଉପାସନାରେ ଅରୁଆ ପଖାଳ ପ୍ରଚଳନ ବ୍ୟବସ୍ଥା ରହିଛି। ମଣିଷଟିଏ ଦିନ ହେଉ ବା ରାତିରେ ପଖାଳ ଖାଇଥାଏ। କିନ୍ତୁ ମହାପ୍ରଭୁ କେବଳ ସନ୍ଧ୍ୟାଧୂପରେ ପଖାଳ ଭୋଗ ଗ୍ରହଣ କରନ୍ତି। ପ୍ରକାର ଭେଦରେ ଏଗୁଡିକ ବିଭିନ୍ନ ପ୍ରକାର ହୋଇଥାଏ।




# ଲୀଳାକ୍ଷେତ୍ର ଚିଲିକା

ଶ୍ରୀଜଗନ୍ନାଥ ମନ୍ଦିର ଉପରେ ସମୁଦାୟ ୧୮ଥର ଆକ୍ରମଣ ହୋଇଥିଲା। ଶ୍ରୀମହାପ୍ରଭୁ ୨୧ଥର ଶ୍ରୀମନ୍ଦିର ରତ୍ନସିଂହାସନରୁ ସ୍ଥାନାନ୍ତର ହୋଇଥିଲେ। ସେଥିରୁ ଶ୍ରୀକ୍ଷେତ୍ର ମଧ୍ୟରେ ଦୁଇ ଥର ଲୀଳା କରିଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ୧୯ଥର ଲୀଳା କରିଥିଲେ। ଇତିହାସରୁ ଜଣାପଡ଼େ ଯେ, ୨୧ଥର ମଧ୍ୟରୁ ମହାପ୍ରଭୁ ଦୁଇ ଥର ପାତାଳି ଲୀଳା କରିଥିଲେ। ସୋନପୁର ଜିଲାର ଗୋ-ପାଲି ବା ବର୍ତ୍ତମାନର କୋଟସମଲାଇ ତ୍ରିକୂଟ ପାହାଡ଼ ଗୁମ୍ଫାରେ ୯୯ବର୍ଷ ପର୍ଯ୍ୟନ୍ତ ପାତାଳି ଲୀଳା କରିଥିଲେ। ଦ୍ୱିତୀୟତଃ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣ ସମୟରେ ଚିଲିକାର ହସ୍ତିପାଟଣା ବା ହାତୀପଡାଠାରେ। ଇତିହାସରୁ ଆହୁରି ଜଣାପଡ଼େ ଯେ, ମହାପ୍ରଭୁ ୨ଥର ବ୍ରହ୍ମଲୀଳା କରିଥିଲେ। ଏ ଜାତିର ଅନନ୍ୟ ବିଶ୍ୱକର୍ମା ବିଶର ମହାନ୍ତିଙ୍କ ଦ୍ୱାରା ଏବଂ ଦ୍ୱିତୀୟ ବ୍ରହ୍ମଲୀଳା ହୋଇଥିଲା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ୍ ଆକ୍ରମଣ ସମୟରେ ଗୁପ୍ତ ଭାବେ ଗଜପତିଙ୍କ ପରାମର୍ଶରେ ସେବାୟତମାନେ ଖୋର୍ଦ୍ଧା ଜିଲାର ଗଡମାଣିତିରିରେ ବ୍ରହ୍ମଲୀଳା କରାଇଥିଲେ।

ଚିଲିକା ମଧ୍ୟରେ ଥିବା ଗୁରୁବାଇଗଡକୁ ଓ ବାଣପୁର ତହସିଲର ନଇରୀ ଗ୍ରାମରେ ହରିଶ୍ୱର ମଣ୍ଡପକୁ ଦୁଇ ଥର ମହାପ୍ରଭୁ ବିଜେ କରି ଲୀଳା କରିଥିଲେ। ନଇରୀ ଗ୍ରାମ ଚିଲିକାର ଉତ୍ତରପାର୍ଶ୍ୱରେ ଅବସ୍ଥିତ। ଏଣୁ ଚିଲିକା ହେଉଛି ମହାପ୍ରଭୁଙ୍କ ଅତିପ୍ରିୟ ଲୀଳାକ୍ଷେତ୍ର। ମହାପ୍ରଭୁ ୮ଥର ଚିଲିକାକୁ ଏବଂ ଚିଲିକା ମଧ୍ୟ ଦେଇ ଅନ୍ୟ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ୫ଥର ଚିଲିକା ମଧ୍ୟକୁ ଯାଇଥିବା ବେଳେ ୩ଥର ଚିଲିକା ବକ୍ଷ ଦେଇ ଅନ୍ୟାନ୍ୟ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ।

### ମହିଷାନାସୀରୁ ଚକାନାସୀ

୧୬୧୧ ମସିହାରେ କଲ୍ୟାଣମଲ୍ଲ ପ୍ରଥମ ଆକ୍ରମଣ ସମୟରେ ମହାପ୍ରଭୁ ଯାଇଥିଲେ ମହିଷା ବରହମପୁରକୁ। ସେତେବେଳେ ଗଜପତି ଥିଲେ ଶ୍ରୀପୁରୁଷୋତ୍ତମ ଦେବ। ମାଦଳା ବର୍ଣ୍ଣିତ ମହିଷା ସ୍ଥାନର ଉଲ୍ଲେଖ ରହିଛି। ମହିଷାର ସ୍ଥଳଭାଗ ଦକ୍ଷିଣପାର୍ଶ୍ୱ ନାସୀକୁ ଅର୍ଥାତ୍ ଶେଷ ଭାଗକୁ ମହାପ୍ରଭୁ ବିଜେ କରିଥିଲେ। ଉକ୍ତ ନାସୀ ଶେଷ ଭାଗ ପରେ ଚିଲିକାର ଜଳଭାଗ ରହିଛି। ଅପରପାର୍ଶ୍ୱର ରାଜହଂସ ଜଙ୍ଗଲର ପଶ୍ଚିମପାର୍ଶ୍ୱ ରହିଛି। ଶ୍ରୀବିଗ୍ରହ ବିଜେ କରିବା ପରେ ଏଠାକାର ଲୋକେ ଦାରୁବ୍ରହ୍ମ ଆସିଥିବାରୁ ଗୁପ୍ତରେ ରହିଥିବା ସ୍ଥାନକୁ ବ୍ରହ୍ମପୁର(ବ୍ରହ୍ମ ରହିଥିବା ପୁର) ବୋଲି କହିଥିଲେ। ପ୍ରାୟ ୪ଶହ ବର୍ଷ ପରେ ମଧ୍ୟ ସେହି ଅଞ୍ଚଳ ବ୍ରହ୍ମପୁର ବା ବରହମପୁର ନାମରେ ପ୍ରସିଦ୍ଧି ଲାଭ କରିଛି। ବରହମପୁର ନାମରେ ଏକ ସ୍ୱତନ୍ତ୍ର ଜନବସତି ମଧ୍ୟ ସୃଷ୍ଟି ହୋଇଛି। ବରହମପୁର ଉତ୍ତର ଦିଗକୁ ସ୍ଥଳଭାଗରେ ତିନି କିମି ଗଲେ ମହିଷା ଗ୍ରାମ ରହିଛି। କାଳକ୍ରମେ ଶ୍ରୀବିଗ୍ରହମାନେ ଗୁପ୍ତରେ ଲୀଳା କରିଥିବା ସ୍ଥାନ ମହିଷାନାସୀ ପରିବର୍ତ୍ତେ ଚକାନାସୀ ଭାବେ ପରିଚିତ ହୋଇଛି। ଶ୍ରୀବିଗ୍ରହଙ୍କୁ ଚକା ଉପରେ ବିଜେ କରାଯାଇଥିବାରୁ ତାହା ଚକାନାସୀ ଭାବେ ପ୍ରସିଦ୍ଧିଲାଭ କରିଛି। ବର୍ତ୍ତମାନ ବରହମପୁର ଜନବସତିଠାରୁ ଦକ୍ଷିଣ ଦିଗକୁ ଦୁଇ କିମି ପରେ ଅବସ୍ଥିତ। ଚକାନାସୀର ପରବର୍ତ୍ତିତ ନାମ ଖଡିନାସୀ ଭାବରେ ମଧ୍ୟ ପ୍ରସିଦ୍ଧ। ମହିଷାର ଉତ୍ତରରେ ସ୍ଥଳଭାଗରେ ଶେଷ ନାସୀ ସିପନାସୀ ଭାବେ ପରିଚିତ। ୧୬୧୧ ଜୁନ ମାସଠାରୁ ୧୬୧୨ ମଇ ମାସ ପର୍ଯ୍ୟନ୍ତ ହାରାହାରି ଏକବର୍ଷ ଶ୍ରୀବିଗ୍ରହ ଏଠାରେ ଗୁପ୍ତ ଲୀଳା କରିଥିଲେ। କଲ୍ୟାଣମଲ୍ଲର ଦ୍ୱିତୀୟ ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ଚିଲିକାର ଗୁରୁବାଇ ଦ୍ୱୀପ ସାମନାରେ ଚାପରେ ବିଜେ କରାଯାଇଥିଲା। ସେହି ସମୟରେ ଚକାନାସୀରୁ ସିପିନାସୀକୁ ସ୍ଥଳଭାଗରେ ଶ୍ରୀବିଗ୍ରହମାନଙ୍କୁ ନିଆଯାଇଥିବା ଏହି ଅଞ୍ଚଳରେ ପ୍ରାଚୀନ ଜନଶ୍ରୁତିରୁ ଜଣାପଡ଼େ। ଚକାନାସୀଠାରେ ୩ଟି ମୁଗୁନି ପଥରର ଚକା ରହିଥିଲା। କାଳର ଗର୍ଭରେ ନିକଟସ୍ଥ କଣ୍ଟାବୁଦା ମଧ୍ୟରେ ଶ୍ରୀବିଗ୍ରହ ବିଜେ କରିଥିବା ଚକା ୩ଟି ପୋତି ହୋଇଯାଇଥିବା ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଜଣାପଡ଼େ।

**-ପ୍ରଭାତ ପାଣିଗ୍ରାହୀ, ଖୋର୍ଦ୍ଧା**


















## ଖଣ୍ଡାରେ ହାଣି ୱେବ୍ ଖବରଦାତା ଗିରଫ

**ମଙ୍ଗୁଳି-ଜଗତପୁର,୧୯।୬(ମାନସ ସାମଲ):** ଜଣେ ଯୁବକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ୱେବ୍ ଚ୍ୟାନେଲର ଜଣେ ଖବରଦାତାଙ୍କୁ ଜଗତପୁର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଶଙ୍ଖମୁହାଣ ଗ୍ରାମର ଯଶୋବନ୍ତ ପ୍ରଧାନ ଓରଫ ମାନୁଆ। ଏ ନେଇ ପୋଲିସ (ନଂ.୨୯୦/୨୩)ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ଶଙ୍ଖମୁହାଣ ଗ୍ରାମର ଅର୍ଜୁନ ପ୍ରଧାନ ଶୁକ୍ରବାର ସନ୍ଧ୍ୟା ୫ଟାରେ କାମରୁ ଫେରି ଘର ନିକଟ ଏକ ନଦୀକୂଳରେ ବିଶ୍ରାମ ନେଉଥିଲେ। ସେଇ ସମୟରେ ଯଶୋବନ୍ତ ହାତରେ ଏକ ଖଣ୍ଡା ଧରି ସେଠାରେ ପହଞ୍ଚି କୌଣସି କଥାକୁ ନେଇ ଯୁକ୍ତି କରିଥିଲେ। ଅର୍ଜୁନ ଏହାକୁ ବିରୋଧ କରିବାରୁ ଯଶୋବନ୍ତ ଖଣ୍ଡାରେ ତାଙ୍କ ଗୋଡ଼ ଏବଂ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଅର୍ଜୁନ ପାଟି କରିବାରୁ ତାଙ୍କ ପରିବାର ଲୋକ ଆସିଥିଲେ। ଯଶୋବନ୍ତ ନିଜକୁ ଖବରଦାତା ପରିଚୟ ଦେବା ସହ ଥାନାରେ ଏତଲା କଲେ ସମସ୍ତଙ୍କୁ ପେଟ୍ରୋଲ ପକାଇ ମାରିଦେବି ବୋଲି ଧମକାଇ ଚାଲିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅର୍ଜୁନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଏ ନେଇ ଅର୍ଜୁନ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା ରୁଜୁ କରି ରବିବାର ଯଶୋବନ୍ତଙ୍କୁ ଘରୁ ଗିରଫ କରିବା ସହ ଏକ ଖଣ୍ଡା ଜବତ କରିଛି।




# ଆଜି ପଥେ ଭକ୍ତ-ଭଗବାନ ଭେଟ

**■ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ ରଥ**
**■ଅପରାହ୍ଣ ୨.୩୦ରେ ଛେରାପହଁରା, ୪ଟାରେ ରଥଟଣା**

**ପୁରୀ, ୧୯।୬(ଅଜିତ୍ ମହାନ୍ତି)**

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ମଙ୍ଗଳବାର ପବିତ୍ର ଘୋଷଯାତ୍ରା। ଏଥିପାଇଁ ରଥ, ପଥ, ଭକ୍ତ ଏବଂ ସେବାୟତ ସମସ୍ତେ ପ୍ରସ୍ତୁତ। କେବଳ ମହାପ୍ରଭୁଙ୍କୁ ଅପେକ୍ଷା। ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଭକ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ପୁରୀ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ମହାବାହୁ। ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରିବେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରଥାରୂଢ଼ ଦାରୁଦିଅଁଙ୍କ ଦର୍ଶନ କରି କୃତାର୍ଥ ହେବେ ଭକ୍ତ। ଏହି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ସାମିଲ ହେବା ନିମନ୍ତେ ଭକ୍ତଙ୍କ ସୁଅ ଛୁଟିଛି। ଆଉ କେଇ ଘଣ୍ଟା ପରେ ଭକ୍ତ ଏବଂ ଭଗବାନ୍‌ଙ୍କ ମିଳନ ହେବ, ଯାହାକୁ ନେଇ ସମସ୍ତଙ୍କ ମନରେ ଭରି ରହିଛି ଉତ୍ସାହ ଓ ଉଲ୍ଲାସ।

ଏହି କ୍ରମରେ ପରମ୍ପରା ଅନୁଯାୟୀ, ସୋମବାର ପ୍ରତିପଦା ତିଥିରେ ରଥଖଳାରୁ ତିନିରଥ ଟଣାହୋଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଆସିଛି। ଏ ନେଇ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୬ଟା ୩୫ରେ ଚକା ଅପସର, ୬ଟା ୪୫ରେ ମଙ୍ଗଳ ଆଳତି, ୬ଟା ୫୫ରେ ଅବକାଶ, ୬ଟା୫୦ରେ ମଇଲମ, ୭ଟା ୧୫ରେ ଅବକାଶ ପୂଜା ସରିଥିଲା। ୭ଟା ୨୦ରେ ଦଶ ଅବତାର ଠାକୁରଙ୍କ ବାହୁଡ଼ା ବିଜେ ଓ ୭ଟା ୨୫ରେ ତାଟି ଫିଟିବା ପରେ ଶ୍ରୀବିଗ୍ରହଙ୍କ ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୭ଟା ୩୦ରେ ପରିମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ପରିମାଣିକ ଟିକେଟଧାରୀ ଭକ୍ତମାନେ ଧାଡ଼ିରେ ଯାଇ ଦାରୁବିଗ୍ରହଙ୍କ ଦର୍ଶନ କରିଥିଲେ। ୮ଟାରେ ସାହାଣ ମେଲା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ୧୧ଟା ୩୦ରେ ଦର୍ଶନ ବ୍ୟବସ୍ଥା ବନ୍ଦ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ବୃନପାଣି ପଡ଼ି ଧୁଆଧୋଇ ହୋଇଥିଲା। ୧୨ଟା ୨୫ରେ ଦଇତାପତି ସର୍ବାଙ୍ଗ, ଅପରାହ୍ଣ ୧ଟା ୫ରେ ନେତ୍ର ଉତ୍ସବ ବନ୍ଦାପନା, ୧ଟା ୨୦ରେ ରାଜନୀତି, ୧ଟା ୩୦ରେ ବନ୍ଦାପନା, ୨ଟା ୧୫ରେ ଯାତ୍ରାଙ୍ଗୀ ମହାସ୍ନାନ, ୨ଟା ୪୦ରେ ଘଣ୍ଟ ଛତା ସର୍ବାଙ୍ଗ ପରେ ଅନ୍ୟାନ୍ୟ ନୀତି ବଢି ୪ଟା ୨୫ରେ ସକାଳଧୂପ ଶେଷ ହୋଇ ପାଣି ପଡ଼ିଥିଲା। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଭୋଇସେବକମାନେ ରଥରେ ଦଉଡ଼ି ସଂଯୋଗ କରିଥିଲେ। ତାଳଧ୍ୱଜ ରଥରେ ବିଜେ କାହାଳୀ ବାଜିବା ପରେ ତିନି ରଥକୁ ସିଂହଦ୍ୱାର ଅଭିମୁଖେ ଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିଲା। ଭକ୍ତିସଙ୍ଗୀତର ତାଳେ ତାଳେ ଭକ୍ତ ଏବଂ ଆରକ୍ଷୀ ବାହିନୀ ରଥ ଟାଣିଥିଲେ। ସନ୍ଧ୍ୟା ସୁଦ୍ଧା ତିନି ରଥ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିଲା। ତିନିରଥକୁ ବିଭିନ୍ନ ଫୁଲରେ ସୁସଜ୍ଜିତ କରାଯାଇଥିଲା। ତିନିରଥରେ ଭୋଇ ସେବକମାନେ ଚାରମାଳ ବାନ୍ଧିବା ପରେ ସାରଥିମାନଙ୍କୁ ଉଠାଯାଇଥିଲା। ରାତିରେ ମହାପ୍ରଭୁଙ୍କ ପହୁଡ଼ ଆଳତି ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ସେନାପଟା ଓ ବାହୁଟ କଷ୍ଟ କରିଥିଲେ।

ମଙ୍ଗଳବାର ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ସକାଳ ୬ଟାରେ ମଙ୍ଗଳ ଆଳତି, ୬ଟା ୧୦ରେ ମଇଲମ, ୬ଟା ୩୦ରେ ତଡ଼ପ ଲାଗି ଓ ରୋଷହୋମ, ୭ଟାରେ ଅବକାଶ, ୭ଟା ୧୦ରେ ସୂର୍ଯ୍ୟ ପୂଜା, ୭ଟା ୩୦ରେ ଦ୍ୱାରପାଳ ପୂଜା ଓ ବେଶ ଶେଷ ହେବ। ୮ଟାରୁ ୯ଟା ପର୍ଯ୍ୟନ୍ତ ଗୋପାଳ ବଲ୍ଲଭ ଓ ସକାଳ ଧୂପ, ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ, ପରେ ଡୋରଲାଗି ହୋଇ ୯.୩୦ରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ୧୨.୩୦ରେ ପହଣ୍ଡି ସରି ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଶ୍ରୀମଦନ ମୋହନ, ଶ୍ରୀରାମକୃଷ୍ଣ ରଥକୁ ବିଜେ ହେବେ। ୧ଟା ୩୦ରୁ ୨ଟା ପର୍ଯ୍ୟନ୍ତ ଚିତା ଲାଗି ହୋଇ ବେଶ ଶେଷ ହେବ। ୨ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଛେରାପହଁରା, ୩ଟାରୁ ୪ଟା ପର୍ଯ୍ୟନ୍ତ ଚାରମାଳ ଫିଟା, ଘୋଡ଼ା ଲଗାଯିବ। ଅପରାହ୍ଣ ୪ଟାରୁ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ରଥ ଉପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ। ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ଆଶା ରଖିଛି। ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନଜରରେ ପୁରୀ ସହର ରହିଥିବାବେଳେ ସହରରେ ଟ୍ରାଫିକ ମୋବିଲିଟି ପ୍ଲାନ୍ କାର୍ଯ୍ୟକାରୀ ହୋଇଛି। ୧୭୦ ପ୍ଲାଟୁନ୍ ଫୋର୍ସ ସମେତ ସାଦା ପୋଷାକଧାରୀ ପୋଲିସ୍, ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ୱତନ୍ତ୍ର ଟାକ୍ଟିକାଲ୍ ୟୁନିଟ ମୁତୟନ ରହିଛନ୍ତି।










# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ଜାଣିଛି ଦୁଧ ସର**
**ଡେଇଁ ପଡୁଛି ଗଉଡ଼ ଘର।**

ଗାଇ ଥିଲେ କ୍ଷୀର ସରର ଅଭାବ ରହି ନ ଥାଏ। ସାଧାରଣତଃ ଗଉଡ଼ ଗାଇ ପାଳିଥାଏ, କ୍ଷୀର ପାଇବାକୁ ହେଲେ ଗଉଡ଼ ଘର ଯିବାକୁ ପଡ଼ିଥାଏ। ପରୋକ୍ଷରେ କିଛି ସୁବିଧାବାଦୀ ବ୍ୟକ୍ତି ନିଜେ କିଛି ନ କରି କେଉଁଠୁ ସୁବିଧାରେ ସବୁ ହାତେଇ ହେବ ସେ ଚିନ୍ତାରେ ରହିଥା'ନ୍ତି। ଯେଉଁଠି ସହଜରେ ମିଳିଯିବାର ସମ୍ଭାବନା ଥାଏ, ସେଠାରେ ବଳେ ଆସି ହାଜର ହୋଇଯାଇଥା'ନ୍ତି। କିଛି ନ କରି ପାଇବାକୁ ଆଗଭର ହେଉଥିବା ବ୍ୟକ୍ତିର ମତିଗତିକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଟା ତୋରାଣିକୁ ନ ଅଣ୍ଟେ ଲୁଣ**
**ଦାଣ୍ଡରେ ବଖାଣେ ସହସ୍ର ଗୁଣ।**

ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ବଡ଼ଲୋକିପଣିଆ ନିରର୍ଥକ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜର ପ୍ରୌଢ଼ି ପ୍ରକାଶ କରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଆତ୍ମବଡ଼ିମା ଶୋଭା ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମ୍ବିଧାନରେ ମୁଣ୍ଡାରୀ, ଭୂମିଜ ଭାଷାକୁ ସ୍ଥାନ ଦିଆଯାଉ

## ବିଜେଡିର ଦାବି

### ଆଦିବାସୀ ଭାଷା ପ୍ରତି ଭାଜପାର ଆନ୍ତରିକତା ନାହିଁ: ବାସନ୍ତୀ ହେମ୍ବ୍ରମ

ଭୁବନେଶ୍ୱର, ୧୯।୬(ଅନିଲ ଦାସ)

ହୋ, ଭୂମିଜ ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ କରିବାକୁ ବିଜେଡି ଦାବି କରିଛି। ଆଦିବାସୀମାନଙ୍କ ପରିଚୟ ପାଇଁ ଭାଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ରାଜ୍ୟର ଉକ୍ତ ତିନୋଟି ପ୍ରମୁଖ ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଆଜି ପର୍ଯ୍ୟନ୍ତ ସ୍ଥାନ ଦିଆଗଲା ନାହିଁ। ଏହି ଜାତିଗୁଡ଼ିକ କେବେ ସ୍ଥାନ ପାଇବ ବୋଲି ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ପ୍ରଶ୍ନ କରିଛନ୍ତି।

ସୋମବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଯେ, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଏହି ୩ ଆଦିବାସୀଭାଷାକୁ ଅନ୍ତର୍ଭୁକ୍ତ କରିବାର ଏକ ବଡ଼ ଆବଶ୍ୟକତା ଅଛି। ରାଜ୍ୟରେ ଅନୁସୂଚିତ ଜନଜାତିର ଜନସଂଖ୍ୟା ୨୨.୮୫ ପ୍ରତିଶତରୁ ଅଧିକ। ଓଡ଼ିଶାରେ ୬୨ଟି ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି; ଯେଉଁଥିରେ ୧୩ଟି ବିଶେଷ ଭାବରେ ବିଲୁପ୍ତପ୍ରାୟ ଆଦିବାସୀ ସମ୍ପ୍ରଦାୟ (ପିଭିଟିଜି) ଅନ୍ତର୍ଭୁକ୍ତ।

ଏହି ତିନୋଟି ଭାଷା ହୋ, ମୁଣ୍ଡାରୀ ଏବଂ ଭୂମିଜ କହୁଥିବା ଆଦିବାସୀ ସମ୍ପ୍ରଦାୟ ସେମାନଙ୍କ ଭାଷାକୁ ସମ୍ବିଧାନରେ ସାମିଲ କରିବା ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ବହୁବାର ଚିଠି ଲେଖି ଏହି ତିନୋଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ବିଜୁ ଜନତା ଦଳର ଏମ୍‌ପିମାନେ ମଧ୍ୟ ପାର୍ଲାମେଣ୍ଟରେ ଏହି ଦାବି ବାରମ୍ବାର ଉଠାଇଆସୁଛନ୍ତି। ତେବେ ଓଡ଼ିଶାର ଭାଜପା ଏମ୍‌ପି ଏବଂ କେନ୍ଦ୍ର ମନ୍ତ୍ରୀମାନେ ବିଶେଷକରି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ମନ୍ତ୍ରୀ ଓ ସାଂସଦମାନେ ମଧ୍ୟ ଏହି ପ୍ରସଙ୍ଗରେ ଚୁପ୍ ରହିବା ଆଶ୍ଚର୍ଯ୍ୟ କରିଛି। ପାର୍ଲାମେଣ୍ଟରେ କିମ୍ବା ଅନ୍ୟ କୌଣସି ପ୍ଲାଟଫର୍ମରେ ଏହି ପ୍ରସଙ୍ଗରେ କଦାପି ସ୍ୱର ଉତ୍ତୋଳନ କରୁ ନାହାନ୍ତି। ହୋ ଭାଷା ଓଡ଼ିଶା ଏବଂ ଝାଡଖଣ୍ଡରେ ରହୁଥିବା ପ୍ରାୟ ୧୦ ଲକ୍ଷ ଆଦିବାସୀଙ୍କ କଥିତ ଭାଷା। ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇସାରିଥିବା ସାନ୍ତାଳୀ ପରେ ହୋ ହେଉଛି ଓଡ଼ିଶାରେ ବହୁଳ ଭାବେ

କୁହାଯାଉଥିବା ଦ୍ୱିତୀୟ ଆଦିବାସୀ ଭାଷା। ଭାରତ ମୁଣ୍ଡା ସମାଜର ଓଡ଼ିଶା ସଭାପତି ତଥା ସର୍ବଭାରତୀୟ ମୁଣ୍ଡାରୀ ଭାଷା ଶିକ୍ଷା ବୋର୍ଡର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ସିଂହ କହିଥିଲେ ଯେ, ସମଗ୍ର ଦେଶରେ ପ୍ରାୟ ୭୫ ଲକ୍ଷ ଲୋକ ମୁଣ୍ଡାରୀ ଭାଷା କହୁଥିବାବେଳେ ଓଡ଼ିଶାର ୮ ଲକ୍ଷରୁ ଅଧିକ ଲୋକ ଏହି ଭାଷା କହିଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ବିଜେଡି ସରକାର ପ୍ରାଥମିକ ସ୍ତରରେ ଏହି ଭାଷାରେ ଶିକ୍ଷାଦାନ ଲାଗି ୨୫୦ ଜଣ ପ୍ରାଥମିକ ଶିକ୍ଷକ ନିଯୁକ୍ତି କରିଛନ୍ତି। ମୁଣ୍ଡାରୀ ଭାଷାର ନିଜସ୍ୱ ଲିପି ରହିଛି, ଯାହାର ନାଁ ହେଉଛି 'ମୁଣ୍ଡାରୀ ବାଣୀ' ବୋଲି ସେ କହିଛନ୍ତି। ସେହିଭଳି ଓଡ଼ିଶାରେ ୩ ଲକ୍ଷରୁ ଅଧିକ ଲୋକେ ଭୂମିଜ କହିଥାନ୍ତି। ଆଦିବାସୀ ଭାଷାକୁ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ଗ୍ରହଣ କରିବା ସହିତ ଆଦିବାସୀଙ୍କ ସଶକ୍ତୀକରଣ ତଥା ବିକାଶ ଦିଗରେ କାର୍ଯ୍ୟ କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଆଦିବାସୀ ବାଳିକାଙ୍କୁ ହଷ୍ଟେଲ ଯୋଗାଇ ଦେଇଛନ୍ତି। ସେ ଓଡ଼ିଶାର ୨୩ଟି ଜିଲାରେ ସ୍ୱତନ୍ତ୍ର ବିକାଶ ପରିଷଦ (ଏସ୍‌ଡିସି) ଗଠନ କରିଛନ୍ତି, ଯାହା କି ଆଦିବାସୀ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର, ଦେଶୀୟ ଜ୍ଞାନକୁ ସ୍ୱୀକୃତି ଏବଂ ଆଦିବାସୀ ସଂସ୍କୃତି, ପରମ୍ପରା ଏବଂ ପ୍ରଥାଗୁଡ଼ିକର ଦସ୍ତାବିଜ ପ୍ରସ୍ତୁତି ଦିଗରେ କାର୍ଯ୍ୟ କରୁଛି। ଏଭଳି ସ୍ଥିତିରେ ଉକ୍ତ ତିନି ଆଦିବାସୀ ଭାଷାକୁ ତୁରନ୍ତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବାପାଇଁ ବିଜେଡି ପକ୍ଷରୁ ଦାବି ହୋଇଛି। ସଂସଦର ଆଗାମୀ ଅଧିବେଶନରେ ଏହା ଗୃହୀତ ହେବା ଜରୁରୀ ବୋଲି ବିଜେଡି କହିଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ତଥା କେନ୍ଦୁଝର ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ତଥା ବିଜେଡିର ସାଧାରଣ ସମ୍ପାଦକ ଧନୁର୍ଜ୍ଜୟ ସିଦ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

# କାନାଡ଼ାରେ ଖଲିସ୍ତାନୀ ସମର୍ଥକ ଆତଙ୍କବାଦୀ ହରଦୀପ ନିଜ୍ଜାରଙ୍କୁ ହତ୍ୟା

ଚଣ୍ଡିଗଡ଼, ୧୯।୬


ହରଦୀପ୍ ସିଂ ନିଜ୍ଜାର

କାନାଡ଼ାର ଖଲିସ୍ତାନୀ ସପକ୍ଷବାଦୀ ନେତା ତଥା ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାରଙ୍କୁ କାନାଡ଼ାରେ ଦୁଇ ଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ବ୍ରିଟିଶ କଲମ୍ବିଆ ପ୍ରଦେଶର ପଞ୍ଜାବୀ ବହୁଳ ସୁରୀ ସହରର ଗୁରୁ ନାନକ ଶିଖ୍ ଗୁରୁଦ୍ୱାରା ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ଗୁରୁ ନାନକ ସିଂ ଗୁରୁଦ୍ୱାରାର ଅଧ୍ୟକ୍ଷ ଥିବା ହରଦୀପ୍ ବିଭିନ୍ନ ହିଂସା ଏବଂ ଧ୍ୱଂସକାରୀ କାର୍ଯ୍ୟରେ ଲିପ୍ତ ରହିବା କାରଣରୁ ଭାରତ ସରକାର ତାଙ୍କୁ ୱାଣ୍ଟେଡ୍ ଆତଙ୍କବାଦୀ ଘୋଷଣା କରିଥିଲେ। ପଞ୍ଜାବର ହିନ୍ଦୁ ପୂଜକ ହତ୍ୟା ଷଡ଼ଯନ୍ତ୍ର ସମେତ ଶିଖ୍ ମୌଳବାଦ ସହ ଜଡ଼ିତ ୪ ଏନ୍‌ଆଇଏ ମାମଲାରେ ସେ ସମ୍ପୃକ୍ତ। ତାଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଏନ୍‌ଆଇଏ ଗତବର୍ଷ ଜୁଲାଇରେ ଘୋଷଣା କରିଥିଲା। ଖଲିସ୍ତାନ ଟାଇଗର ଫୋର୍ସ (କେଟିଏଫ୍) ସଂଗଠନର ମୁଖ୍ୟ ହରଦୀପ୍ 'ଶିଖ୍‌ସ୍ ଫର୍ ଜଷ୍ଟିସ୍'ର ପ୍ରଚାର ପ୍ରସାରରେ ସମ୍ପୃକ୍ତ ଥିଲେ।

# 'ମନ୍ତ୍ରୀ, ବିଧାୟକଙ୍କ ଅସହାୟ ଅବସ୍ଥା ଦେଖି ଦୟା ଲାଗୁଛି'

## ୫-ଟି ସଚିବଙ୍କ ଗସ୍ତକୁ ନେଇ ଏମ୍‌ପିଙ୍କ କଟାକ୍ଷ

ବାଲେଶ୍ୱର, ୧୯।୬(ମାନସ ବିଶ୍ୱାଳ)

ବାଲେଶ୍ୱରକୁ ଜଣେ ସଚିବଙ୍କ ଗସ୍ତ ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ୧୫ଦିନ ହେଲା ଏଠାରେ ରହି ଅଧସ୍ତନ କର୍ମଚାରୀଙ୍କ ପରି ପ୍ରସ୍ତୁତିରେ ଲାଗିଛନ୍ତି। ବିଜେଡି ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନଙ୍କର ଅସହାୟ ଅବସ୍ଥା ଦେଖି ଦୟା ଲାଗୁଛି ବୋଲି ସୋମବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଯେଉଁ କେତେଜଣ ପୂର୍ବରୁ ବୁକ୍ ସର୍କୁଲାର ୪୭ ଅନୁସାରେ ନିଜର ପଦମର୍ଯ୍ୟାଦାକୁ ନେଇ ବିଧାନସଭାରେ ଲଢୁଥିଲେ, ଗର୍ଜନ କରୁଥିଲେ, ସେମାନେ ଏବେ ନୀରବ କାହିଁକି। ଜଣେ ବିଧାୟକଙ୍କର ସ୍ତର ମୁଖ୍ୟ ଶାସନ ସଚିବଙ୍କ ଉପରେ, ମାତ୍ର ଜଣେ ବ୍ୟକ୍ତିଗତ ସଚିବଙ୍କୁ ୫-ଟି ସଚିବ ଭାବରେ ପରିଚିତ କରାଇବା ପଛରେ କେଉଁ ଯୁକ୍ତି ଅଛି ତାଙ୍କର ସ୍ତର କଣ, ୫-ଟି ବିଭାଗର ମନ୍ତ୍ରୀ କିଏ ନବୀନ ବାବୁ କହିବେ କି ? ଲୋକମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କୁ ଏପରି ଅପମାନିତ କରିବାକୁ ଅଧିକାର ନବୀନ ବାବୁଙ୍କୁ କିଏ ଦେଲା ବୋଲି ଏମପି ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି। ସମ୍ଭବତଃ ନବୀନ ବାବୁଙ୍କର ଅସହାୟତାର ସୁଯୋଗ ନେଇ କିଛି ଧୂର୍ତ୍ତ ଲୋକ ତାଙ୍କୁ ନିଜ ସ୍ୱାର୍ଥ ପାଇଁ ଓଡ଼ିଶା ସରକାରଙ୍କୁ ହାଇଜାକ୍ କରିନେଇଛନ୍ତି। ଏଣୁ ବେଳହୁଁ ସାବଧାନ ହେବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାଶ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏମ୍‌ପି ଓ ଅନ୍ୟମାନେ।

# ଆଉ ବଢ଼ିବନି ଗ୍ରୀଷ୍ମଛୁଟି, ୨୧ରୁ ସ୍କୁଲ୍ ଖୋଲିବ

## ନିୟମିତ ସୂଚୀ ଅନୁସାରେ ପାଠପଢ଼ା

ଭୁବନେଶ୍ୱର, ୧୯।୬ (ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକ୍ରମେ ଆସନ୍ତା ୨୧ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଅନୁଦାନ ଓ ଅଣଦାନପ୍ରାପ୍ତ ବିଦ୍ୟାଳୟ ଖୋଲିବ। ରାଜ୍ୟର ପାଣିପାଗକୁ ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଭିତ୍ତିରେ ପୂର୍ବ ନିର୍ଦ୍ଧାରିତ ଦିନ ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ୨୧ରେ ବିଦ୍ୟାଳୟ ଖୋଲିବା ନେଇ ଗତ ଦୁଇଦିନ ତଳେ ବିଭାଗ ପକ୍ଷରୁ ପରିବର୍ତ୍ତିତ ସୂଚନା ଦିଆଯିବା ପରେ ବିଭିନ୍ନ ମହଲରୁ ଏହାକୁ ବିରୋଧ କରାଯାଇଥିଲା। ଗ୍ରୀଷ୍ମଛୁଟି ଅବଧି ବୃଦ୍ଧି କିମ୍ବା ସକାଳୁଆ ସ୍କୁଲ କରିବା ପାଇଁ ଦାବି ହୋଇଥିଲା। ତେବେ ପାଣିପାଗରେ ପରିବର୍ତ୍ତନ ଆଶା କରାଯାଉଥିବାରୁ ଗ୍ରୀଷ୍ମ ଛୁଟି ବଢ଼ିବ ନାହିଁ ଓ ନିୟମିତ କାର୍ଯ୍ୟସୂଚୀ ଅନୁସାରେ ପିଲାଙ୍କ ପାଠପଢ଼ା ହେବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ, ଅନୁଗୋଳ, ସୋନପୁର ଓ ବଲାଙ୍ଗୀର ଜିଲାରେ ପରିସ୍ଥିତି ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଜିଲାପାଳଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଜିଲାପାଳମାନେ ନିଜ ଜିଲାର ବିଦ୍ୟାଳୟଗୁଡ଼ିକୁ ସକାଳୁଆ କିମ୍ବା ଛୁଟି ଘୋଷଣା କରିପାରିବେ।

# କେନ୍ଦ୍ରର ଜନଜାତି ବିକାଶ ଯୋଜନାକୁ ହାଇଜାକ୍ କରୁଛି ରାଜ୍ୟ: ଭାଜପା

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

କେନ୍ଦ୍ରରେ ଭାଜପା ଶାସନ କ୍ଷମତାକୁ ଆସିବା ପରେ ଜନଜାତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡ଼ିବା ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମନାଗମନ, ମହିଳା ସଶକ୍ତୀକରଣ, ଶିଶୁ ବିକାଶ ଆଦି କ୍ଷେତ୍ରରେ ମୋଦି ଗୋଟିଏ ପରେ ଗୋଟିଏ ଯୋଜନା କରୁଛନ୍ତି। ଓଡ଼ିଶାରେ ୧୧୪ ଏକଲବ୍ୟ ମଡେଲ ସ୍କୁଲ କରିବା ପାଇଁ କେନ୍ଦ୍ର ପଦକ୍ଷେପ ନେଇଛି। ହେଲେ ରାଜ୍ୟ ସରକାର ଏଥିପାଇଁ ଜମି ଯୋଗାଇ ଦେଉନାହାନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ କେନ୍ଦ୍ର ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉନାହିଁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନଜାତି ବିକାଶ ଯୋଜନାକୁ ରାଜ୍ୟରେ ବିଜେଡି ସରକାର ଚଞ୍ଚକତା କରି ହାଇଜାକ୍ କରୁଛି ବୋଲି ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିତ୍ୟାନନ୍ଦ କହିଛନ୍ତି ଯେ, ଆଦିବାସୀ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାର ଅବହେଳା କରୁଛନ୍ତି। ଆଦିବାସୀବହୁଳ ଜିଲାଗୁଡିକରେ ମେଡିକାଲ କଲେଜ ପ୍ରତିଷ୍ଠା କରାଇ ଶିକ୍ଷାପ୍ରାପ୍ତି ପରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସେହି ଜିଲାରେ ନିଯୁକ୍ତି ଦେଲେ ସ୍ୱାସ୍ଥ୍ୟସେବା ସୁଧୁରିବ। ସେହିପରି ରାଜ୍ୟର ଆଦିବାସୀବହୁଳ ପ୍ରତ୍ୟେକ ବ୍ଲକରେ ସରକାରୀ ଡିଗ୍ରୀ କଲେଜ ପ୍ରତିଷ୍ଠା କରାଇଲେ ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେଉଥିବା ଆଦିବାସୀ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପ୍ରାପ୍ତ କରିପାରିବେ। ଆଦିବାସୀ ପିଲାଙ୍କ ପାଇଁ ଉଚ୍ଚଶିକ୍ଷା ଲାଗି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୬ ପ୍ରତିଶତ ସୁଧ ହାରରେ କେନ୍ଦ୍ର ସରକାର ଋଣ ଦେବାର ବ୍ୟବସ୍ଥା କରିଛନ୍ତି। ଆଦିବାସୀ ମହିଳାଙ୍କ ସଶକ୍ତୀକରଣ ପାଇଁ ଜନଧନ ଯୋଜନାରେ ୪୦ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଛନ୍ତି, ହେଲେ ରାଜ୍ୟ ସରକାର ଜନଜାତିଙ୍କୁ ନେଇ କେବଳ ରାଜନୀତି କରୁଛନ୍ତି। ଆଦିବାସୀ ଜିଲାଗୁଡିକରେ ବହୁ ଖଣି ରହିଛି ଏନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ, କିନ୍ତୁ ମୋଦି ସରକାର ଶାସନକୁ ଆସିବା ପରେ ଡିଏମ୍‌ଏଫ ଗଠନ କରି ଆଦିବାସୀଙ୍କ ବିକାଶକୁ ପ୍ରାଧାନ୍ୟ ଦେଉଥିବାବେଳେ ଅନ୍ୟ ପଟେ ବିଜେଡି ସରକାରର ନେତା ଓ ମନ୍ତ୍ରୀମାନେ ଏହି ଫଣ୍ଡରେ ଆସୁଥିବା ଟଙ୍କାକୁ ବ୍ୟାପକ ମାତ୍ରାରେ ହେରଫେର କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କାର୍ଯ୍ୟରେ ଲାଗିପଡ଼ିଛନ୍ତି ବୋଲି ନିତ୍ୟାନନ୍ଦ କହିଛନ୍ତି।

# ବର୍ଷା ଜଳ ଅମଳ ସଂରଚନାର ରକ୍ଷଣାବେକ୍ଷଣ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

ପବ୍ଲିକ୍ ହେଲ୍‌ଥ ଇଞ୍ଜିନିୟରିଂ ଅର୍ଗାନାଇଜେଶନ (ପିଏଚ୍‌ଇଓ) ଏବଂ ୱାଟକୋ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସେମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବର୍ଷା ଜଳ ଅମଳ ସଂରଚନାର ରକ୍ଷଣାବେକ୍ଷଣ ପାଇଁ ମିଶନ ଶକ୍ତି ଗୋଷ୍ଠୀ ଗୁଡ଼ିକୁ ନିୟୋଜିତ କରାଯିବ। ମୁକ୍ତା ଅନ୍ତର୍ଗତ ବର୍ଷା ଜଳ ଅମଳ ସରଞ୍ଜନା ନିର୍ମାଣ ମାଧ୍ୟମରେ "କ୍ୟାଚ୍ ଦ ରେନ୍" ଅଭିଯାନ ଯାତ୍ରାକୁ ତୃଣମୂଳସ୍ତରରୁ ବିପୁଳ ସମର୍ଥନ ସହ ସଫଳତା ପାଇଁ ପ୍ରଶଂସା ମିଳିଛି। ଫଳସ୍ୱରୂପ ୨୦୨୧ ଏବଂ ୨୦୨୨ ମଧ୍ୟରେ ବିଭାଗ ରାଜ୍ୟର ୧୧୧ଟି ପୌରସଂସ୍ଥାରେ ପ୍ରାୟ ୩୭,୨୪୨ଟି ବର୍ଷା ଜଳ ଅମଳ ସଂରଚନା ନିର୍ମାଣ କରିବାରେ ସଫଳତା ହାସଲ କରିପାରିଛି । "ମୁକ୍ତା" ଅଧୀନରେ, ୧୫ ଏପ୍ରିଲ୍ ୨୦୨୧ରେ 'କ୍ୟାଚ୍ ଦ ରେନ୍' ନାମକ ଏକ ଅଭିନବ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନର ଉଦ୍ଦେଶ୍ୟକୁ ସଫଳ କରିବା ନିମନ୍ତେ ରାଜ୍ୟସ୍ତରରେ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇଥିଲା। ସମସ୍ତ ୧୧୪ଟି ପୌରସଂସ୍ଥାକୁ ପ୍ରଶିକ୍ଷିତ କରାଯାଇ ବର୍ଷା ଜଳ ଅମଳ ସଂରଚନା ନିର୍ମାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୦୨୨-୨୩ ବର୍ଷରେ ୧୦,୦୦୦ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘସମୂହକୁ କାର୍ଯ୍ୟ ସମ୍ପାଦନ ଏଜେନ୍ସି ଭାବେ ନିୟୋଜିତ କରାଯାଇ ୮୦ କୋଟି ଟଙ୍କା ବିନିଯୋଗରେ ୨୪୦୦୦ ରୁ ଊର୍ଦ୍ଧ୍ୱ ବର୍ଷା ଜଳ ଅମଳ ସଂରଚନା ନିର୍ମାଣ କରାଯାଇଛି। ଏଥିଲାଗି ୬ କୋଟି ଟଙ୍କାର ତଦାରଖ ଦେୟ ପ୍ରଦାନ କରାଯାଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ପୌରସଂସ୍ଥାଗୁଡ଼ିକ ଦ୍ୱାରା ରକ୍ଷଣାବେକ୍ଷଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ରକ୍ଷଣାବେକ୍ଷଣ କାର୍ଯ୍ୟରେ ମିଶନ ଶକ୍ତି ଗୋଷ୍ଠୀ ସମୂହର ନିୟୋଜନ ପାଇଁ ସେମାନେ ପୌରସଂସ୍ଥା ସହିତ ସମନ୍ୱୟ ରକ୍ଷା କରିବେ। ପୌରସଂସ୍ଥାର ସମ୍ପୃକ୍ତ ଯନ୍ତ୍ରୀ, ପିଏଚ୍‌ଇଓ, ୱାଟକୋ ଏବଂ ମୁକ୍ତା ଟିମ୍ ତୃଣମୂଳ ସ୍ତରରେ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଯତ୍ନପୂର୍ବକ ଯାଞ୍ଚ କରିବେ। ସମ୍ପୃକ୍ତ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘକୁ ୭ ଦିନ ମଧ୍ୟରେ ଦେୟ ପ୍ରଦାନ କରିବେ ବୋଲି ସଂଗ୍ରାମଜିତ କହିଛନ୍ତି।

# 'ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲ'

## କେନ୍ଦ୍ର ମନ୍ତ୍ରୀ ଜର୍ଦୋଶଙ୍କ ପାରାଦୀପ ଗସ୍ତ

### ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ଭୁଲିଗଲେ

ପାରାଦୀପ, ୧୯।୬(ଶରତ ରାଉତ)

କେନ୍ଦ୍ର ରେଲ୍ ଓ ଟେକ୍ସଟାଇଲ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦୋଶ ସୋମବାର ପାରାଦୀପ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଜନସମ୍ପର୍କ ଅଭିଯାନ ଓ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ଭାଗ ନେଇ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ତୈଳ ବିଶୋଧନାଗାର ଅତିଥି ଭବନରେ ଏକ ସମୀକ୍ଷା ବୈଠକ କରିଥିଲେ। ପରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସିଜୁ ଗ୍ରାମରେ ଜନସମ୍ପର୍କ ଅଭିଯାନରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ପାରାଦୀପର ଜୟଦେବ ଭବନରେ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଯୁବନେତା ସମ୍ପଦ ସ୍ୱାଇଁ, ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, କାଉନ୍‌ସିଲର ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜର୍ଦୋଶ କହିଥିଲେ, ରାଜ୍ୟ ସରକାର ଦୀର୍ଘ ବର୍ଷ ଶାସନରେ ରହି ଓଡ଼ିଶାବାସୀଙ୍କୁ ଅନେକ ଠକିଲେଣି। ତାଙ୍କ ଅସଲ ମୁଖା ଖୋଲିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣି ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ ବୋଲି ଅଭିଯୋଗ କରିଥିଲେ। ଅପରପକ୍ଷେ ଯେଉଁ ଜୟଦେବ ଭବନରେ ସମ୍ମିଳନୀ ହୋଇଥିଲା ତା'ଠାରୁ ମାତ୍ର ୫୦୦ ମିଟର ବ୍ୟବଧାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅଛି। ଦଳୀୟ କର୍ମୀ ଓ ମନ୍ତ୍ରୀ ସେହି ବାଟ ଦେଇ ଯାତାୟାତ କରିଥିଲେ ହେଁ ପ୍ରତିମୂର୍ତ୍ତି ପାଖକୁ ଯାଇ ନ ଥିଲେ କିମ୍ବା ଫୁଲମାଳ ଦେଇ ନ ଥିଲେ ବୋଲି ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ସଭାପତି ଅଜିତ ଦାସ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ରବି ସିହ୍ନା...

ଗ୍ରହଣ କରିବେ। ୧୯୮୮ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇପିଏସ୍ ଅଫିସର ସିହ୍ନାଙ୍କୁ ଦୁଇବର୍ଷ ପାଇଁ 'ର' ସଚିବ ନିଯୁକ୍ତି ପ୍ରସ୍ତାବକୁ କ୍ୟାବିନେଟ ନିଯୁକ୍ତି କମିଟି ଅନୁମୋଦନ କରିଥିବା କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୫୯ ବର୍ଷୀୟ ସିହ୍ନା ଉକ୍ତ ଗୋଇନ୍ଦା ସଂସ୍ଥାରେ ଦୁଇ ଦଶନ୍ଧ ଧରି କାର୍ଯ୍ୟ କରିଆସୁଥିବାବେଳେ ଏବେ ସେ ଏହାର ଦ୍ୱିତୀୟ କମାଣ୍ଡ ରହିଛନ୍ତି। ପଡୋଶୀ ଦେଶ ଉପରେ ତାଙ୍କର ଭଲ ଅଭିଜ୍ଞତା ରହିଛି। ପାକିସ୍ତାନ ରାଜନୈତିକ ତଥା ଆର୍ଥିକ ଅସ୍ଥିରତାର ସମ୍ମୁଖୀନ ହୋଇଥିବାବେଳେ ଶିଖ୍ ଉଗ୍ରପନ୍ଥୀମାନେ ବିଦେଶରୁ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି। ଉତ୍ତର-ପୂର୍ବାଞ୍ଚଳରେ ହିଂସାକାଣ୍ଡକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ ହେଉଥିବାବେଳେ ସିହ୍ନା 'ର' ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିପାରେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ବନ୍ଧୁଗହଣରେ ଫାଇଦା ହାସଲ ଲକ୍ଷ୍ୟରେ ମିତ୍ରମାନେ ପ୍ରଶଂସା ଗାଇବୁଲିବେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ**
ବିଭିନ୍ନ ପ୍ରକାର ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଅଯଥାରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଶତ୍ରୁତା ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ପରିବହନରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ**
ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବାରୁ ଖୁସି ରହିବେ। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସମର୍ଥକଙ୍କ ଶୁଭକାମନାରୁ ଖୁସି ରହିବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିବା କାରଣରୁ ଟେନ୍‌ସନ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି ପାଇବା କାରଣରୁ ଆଲୋଚନା ଅମୀମାଂସିତ ରହିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମନ ଖୁସି ହୋଇଯିବ।

**ସିଂହ**
ନିକଟସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସମସ୍ୟା ସମାଧାନ କରିବାରେ ସହାୟତା କରିବ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବ। ଆଜିର କଳା, ସାହିତ୍ୟ, ସାଂସ୍କୃତିକ ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ। ତଥାପି ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖର ମାତ୍ରା ବଢ଼ାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**
ଆଜି ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍ ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପରିବାରରେ ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ବିରକ୍ତ ଅନୁଭବ କରିପାରନ୍ତି।

**ବିଛା**
ଆଜି ଯଥା ସମୟରେ ସବୁ କାମ ସମ୍ପନ୍ନହେବାରୁ ମନ ଖୁସି ହୋଇଯିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି।

**ଧନୁ**
ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଗତକାଲିଠାରୁ ଆପଣ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡିବେ। ଆଜି ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର**
ଆଜି କୌଣସି ଜିନିଷ ପାଇବାକୁ କେନ୍ଦ୍ରକରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତାକରି ରକ୍ତଚାପ ବଢ଼ିଯାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ**
ଆଜି ବନ୍ଧୁମେଳରେ ନୂତନ ଜିନିଷ କ୍ରୟକରିବା ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ହରାଇବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ କ୍ରନିକ୍ ରୋଗପୀଡ଼ାରେ ବିଶେଷ କଷ୍ଟ ପାଇପାରନ୍ତି।

**ମୀନ**
ଆଜି ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଅର୍ଥ ଆଦାୟରେ ସକ୍ଷମ ହେବେ। ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟର ଲାଭ ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି ଶ୍ରୀଗୁଣ୍ଡିଚା, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ଆଷାଢ଼ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ମଙ୍ଗଳବାର, ଜୁନ୍ ୨୦ ତାରିଖ। ବିଶ୍ୱ ଶରଣାର୍ଥୀ ଦିବସ। ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ। ଦିବା.ଘ.୦୫।୧୨ ଗତେ, ଘ.୦୬।୫୧ ମଧ୍ୟେ, ଘ.୦୯।୩୬ ଗତେ, ଘ.୧୨।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୬ ଗତେ, ଘ. ୦୪।୪୫ ମଧ୍ୟେ ରାହୁକାଳ।

# ଶିମିଳିପାଳ ସୁରକ୍ଷା ନେଇ ବଢ଼ିଲା ଚିନ୍ତା

## ଆନ୍ଦୋଳନରେ ବନ କର୍ମଚାରୀ
## ଖାଲିପଡ଼ିଛି ୧୮୮ ପଦବୀ

ବାରିପଦା,୧୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ଡାକରାରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ କାର୍ଯ୍ୟରତ ବନ କର୍ମଚାରୀମାନେ ୫ଦଫା ଦାବି ନେଇ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନ ଆସନ୍ତା ଜୁଲାଇ ୮ ପର୍ଯ୍ୟନ୍ତ ଚାଲିବ। ସଂଘର ଜିଲା ଜୋନର ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ଆରସିସିଏଫ୍)ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆନ୍ଦୋଳନରତ କର୍ମଚାରୀମାନେ ଅଭୟାରଣ୍ୟ ମଧ୍ୟରେ ପାଟ୍ରୋଲିଂ କରିବାକୁ ମନା କରିଦେଇଥିବାରୁ ଶିମିଳିପାଳର ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ଶିମିଳିପାଳ ମଧ୍ୟକୁ ପ୍ରତିଦିନ ଶତାଧିକ ଶିକାରୀଙ୍କ ଅନୁପ୍ରବେଶ ଜାରି ରହିଥିବା ବେଳେ ଏହାର ସୁରକ୍ଷା ଓ ବନ୍ୟପ୍ରାଣୀଙ୍କ ଜୀବନ ରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାସକ ମଧ୍ୟରେ ଶିକାରୀ ଗୁଳିରେ ଦୁଇ ବନ କର୍ମଚାରୀ ମାଥି ହାଁସଦା ଓ ବିଜୟ କୁମାର ଜେନା ନିହତ ହେବା ଘଟଣାକୁ ନେଇ କର୍ମଚାରୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ୫ଟି ବନଖଣ୍ଡରେ ଅର୍ଦ୍ଧାଧିକ ପଦବୀ ଫାଙ୍କା ପଡ଼ିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ଦକ୍ଷିଣ ବନଖଣ୍ଡ, ଉତ୍ତର ବନଖଣ୍ଡ, ବାରିପଦା ବନଖଣ୍ଡ, ରାଇରଙ୍ଗପୁର ବନଖଣ୍ଡ ଓ କରଞ୍ଜିଆ ବନଖଣ୍ଡରେ ମୋଟ ୫୬୮ କର୍ମଚାରୀଙ୍କ ସ୍ଥାନରେ ୩୯୦ଜଣ କର୍ମଚାରୀ କାର୍ଯ୍ୟ ତୁଲାଉଛନ୍ତି। ଏହି ବନଖଣ୍ଡଗୁଡ଼ିକରେ ଥିବା ୧୬ ଡେପୁଟି ରେଞ୍ଜର ପଦବୀ ମଧ୍ୟରୁ ୮ଟି ପଦବୀ ଖାଲି ପଡ଼ିଛି। ୧୭୧ ଫରେଷ୍ଟର ପଦବୀ ମଧ୍ୟରୁ ୪୪ ଖାଲିପଡ଼ିଥିବା ବେଳେ ୩୯୧ ଫରେଷ୍ଟଗାର୍ଡ ମଧ୍ୟରୁ ୧୩୬ ପଦବୀ ଫାଙ୍କା ରହିଛି। ସେହିପରି ଶିମିଳିପାଳ ସୁରକ୍ଷା ସହାୟକ ଦାୟିତ୍ୱରେ ଥିବା ୮ଶହ କର୍ମଚାରୀଙ୍କ ସ୍ଥାନରେ ୬ଶହ ଜଣ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଉ ନ ଥିବାରୁ ଅଳ୍ପସଂଖ୍ୟକ କର୍ମଚାରୀ ଦାୟିତ୍ୱ ସମ୍ଭାଳୁଛନ୍ତି। ଅନ୍ୟପକ୍ଷରେ କର୍ମଚାରୀଙ୍କ ଆତ୍ମରକ୍ଷା ପାଇଁ ବନ ବିଭାଗ ନିକଟରେ ୫୦ଟି ବନ୍ଧୁକ ରହିଛି। ଅନେକ କର୍ମଚାରୀ ଅଦ୍ୟାବଧି ବନ୍ଧୁକ ଚାଳନା ତାଲିମ ମଧ୍ୟ ନେଇନାହାନ୍ତି। ଠେଙ୍ଗା ସାହାଯ୍ୟରେ ସଶସ୍ତ୍ର ଶିକାରୀଙ୍କୁ ପ୍ରତିରୋଧ କାରିବାକୁ ଯାଇ କର୍ମଚାରୀମାନେ ମୃତ୍ୟୁମୁଖରେ ପଡୁଥିବା ମତ ପ୍ରକାଶ ପାଇଛି।







# ୨୬୯ ଅଧିକାରୀଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ

## ମନପ୍ରାଣ ଦେଇ ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଲେ

ଭୁବନେଶ୍ୱର,୧୯।୬(ଅନିଲ ଦାସ)

ମନପ୍ରାଣ ଦେଇ ସହୃଦୟତାର ସହ ଲୋକମାନଙ୍କ ସେବା କର। ପ୍ରଶାସନର ୫-ଟି ବ୍ୟବସ୍ଥାକୁ ଅନୁସରଣ ସହ ନୂତନ ଜ୍ଞାନକୌଶଳକୁ ବ୍ୟବହାର କରି ଲୋକଙ୍କ ପାଖରେ ସେବା ପହଞ୍ଚାଅ। ମିଳିତ ଭାବେ ନିର୍ଦ୍ଧାରିତ ସମୟରେ ସ୍ୱଚ୍ଛତାର ସହ କାମ କରିବାକୁ ହେବ। ସେବାରୁ ଯେପରି କେହି ବଞ୍ଚିତ ହେବେ ନାହିଁ ସେଥିଲାଗି ଦୃଷ୍ଟିଦେବାକୁ ହେବ। ୨୦୩୬ରେ ଓଡ଼ିଶାକୁ ୧୦୦ ବର୍ଷ ପୂର୍ଣ୍ଣ ହେଉଥିବାରୁ ସମସ୍ତଙ୍କୁ ଗୁରୁଦାୟିତ୍ୱ ନେବାକୁ ପଡ଼ିବ ବୋଲି ନବ ନିଯୁକ୍ତ ସୂଚନା ଅଧିକାରୀ, ଶିକ୍ଷା ଅଧିକାରୀ ଓ ସାମାଜିକ ସେବା ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ମନୋନୀତ ୨୬୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ୧୬୦ ପ୍ରଧାନଶିକ୍ଷକ ଓ ବ୍ଲକ୍ ଶିକ୍ଷା ଅଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ୯୦ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ୧୯ଜଣ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରହିଛନ୍ତି।

ସୋମବାର ଲୋକସେବା ଭବନଠାରେ ଆୟୋଜିତ ନବନିଯୁକ୍ତ କର୍ମଚାରୀମାନଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃଦ୍ଧ, ଭିନ୍ନକ୍ଷମ ଏବଂ ଅସହାୟମାନଙ୍କୁ ସେବା ଯୋଗାଇବାରେ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏହା ନିଶ୍ଚିତ ହେବା ଜରୁରୀ ଯେ ଯେପରି କୌଣସି ଜଣେ ଯୋଗ୍ୟ ବ୍ୟକ୍ତି ସେବା ପାଇବାରୁ ବଞ୍ଚିତ ହେବେ ନାହିଁ। ସେହିପରି ଲୋକମାନଙ୍କ ପାଖରେ ଠିକ୍ ଓ ନିର୍ଭୁଲ୍ ସୂଚନା ଯେପରି ପହଞ୍ଚିପାରିବ ସେ ଦିଗରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟ କରିବା ଦରକାର। ସେହିପରି ଆମର ରୂପାନ୍ତରଣ ସ୍କୁଲ ଶିକ୍ଷା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିଛି। ଶିକ୍ଷାପ୍ରତି ଉତ୍ସର୍ଗ ପିଲାମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇଥିଲେ। ଉନ୍ନୟନ କମିଶନର ଅନୁଗର୍ଗ ସ୍ୱାଗତ ଭାଷଣରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ନିଯୁକ୍ତି ସମ୍ପର୍କରେ ସୂଚନା ଦେଇଥିଲେ।

# ଅନୁକୂଳ ହେଉଛି ପାଗ

## ୨/୩ ଦିନ ଭିତରେ ଓଡ଼ିଶା ଛୁଇଁପାରେ ମୌସୁମୀ

**ଭୁବନେଶ୍ୱର,୧୯।୬(ଅନିଲଦାସ):** ଦକ୍ଷିଣ ପଶ୍ଚିମ ମୌସୁମୀ ପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ଦୁଇ କିମ୍ବା ତିନି ଦିନ ମଧ୍ୟରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉପକୂଳ ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗର କିଛି ଅଞ୍ଚଳକୁ ପ୍ରବେଶ କରିଛି। ଓଡ଼ିଶାକୁ ଖୁବ୍‌ଶୀଘ୍ର ଏହା ପ୍ରବେଶ କରିବା ସମ୍ଭାବନା ରହିଛି। ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ପବନ ହୋଇଛି। ଏଥିଯୋଗୁ ସୋମବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କିନ୍ତୁ ସୁନ୍ଦରଗଡରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୧.୬, ରାଉରକେଲା ୪୦.୮, ସମ୍ବଲପୁର ୪୦.୫, ଟିଟିଲାଗଡ ୪୦.୫, ଯାଜପୁର ୪୦.୫ ଏବଂ ହୀରାକୁଦରେ ସର୍ବୋଚ୍ଚ ତାପମାତ୍ରା ୩୦.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଆସନ୍ତା ୨୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୋଳ, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାରେ କେତେକ ସ୍ଥାନରେ ବର୍ଷା ଓ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି।

ଚଳିତବର୍ଷ ମୌସୁମୀ ଯୋଗୁ ଚାଷକାର୍ଯ୍ୟ ବିଳମ୍ବ ହେବା ଆଶଙ୍କା ଦେଖା ଦେଇଛି। ମୌସୁମୀ ରାଜ୍ୟରେ ସ୍ୱାଭାବିକ ଭାବେ ଜୁନ ୧୦ ତାରିଖ ସୁଦ୍ଧା ପ୍ରବେଶ କରିଥାଏ। ଚଳିତବର୍ଷ ୧୦ ଦିନ ବିଳମ୍ବ ହୋଇସାରିଲାଣି। କେରଳରେ ମୌସୁମୀ ଜୁନ ୪ ତାରିଖରେ ପ୍ରବେଶ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାର ୧୦ ଦିନ ମଧ୍ୟରେ ଅର୍ଥାତ୍ ୧୫ ତାରିଖ ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବା କଥା, ମାତ୍ର ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି।









# ବଞ୍ଚିବା କଷ୍ଟକର

ଗ୍ରୀଷ୍ମପ୍ରବାହ ଭାରତର ଅନେକ ରାଜ୍ୟରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଶେଷକରି ଉତ୍ତରପ୍ରଦେଶ, ବିହାର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ତେଲଙ୍ଗାନା ସମେତ ଅନ୍ୟ କେତେକ ରାଜ୍ୟ ଏହାଦ୍ୱାରା ଅଧିକ ଛଟପଟ ହେଉଛନ୍ତି। ମୌସୁମୀ ପ୍ରବାହରେ ବିଳମ୍ବ ଯୋଗୁ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି। କେବଳ ଉତ୍ତରପ୍ରଦେଶ ଓ ବିହାରରେ ଅଂଶୁଘାତ ଯୋଗୁ ଗତ ୪ ଦିନ ମଧ୍ୟରେ ୧୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି। ଓଡ଼ିଶାରେ ୨୦ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ଘଟିଛି ବୋଲି କୁହାଯାଉଛି। ସେଥିରୁ ଜଣଙ୍କର ମୃତ୍ୟୁ ସ୍ପଷ୍ଟ ହୋଇଥିବାବେଳେ ଅନ୍ୟମାନଙ୍କୁ ସରକାର ଏ ପର୍ଯ୍ୟନ୍ତ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ସ୍ମରଣଯୋଗ୍ୟ ଯେ, ନବେ ଦଶକର ଶେଷ ଭାଗରେ ଭାରତରେ ଗ୍ରୀଷ୍ମ ପ୍ରବାହର ଭୟଙ୍କର ରୂପ ପ୍ରକାଶ ପାଇଥିଲା। ପରିବେଶ ସୁରକ୍ଷାକୁ ଉପେକ୍ଷା କରିବାର ଏହା ଏକ ପରିଣାମ ବୋଲି ପରିବେଶବିତ୍‌ମାନେ ସେତେବେଳେ ସତର୍କ କରିଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ପରିବେଶ ସୁରକ୍ଷା ଚିନ୍ତା କରାଯାଉଛି ଓ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବା ଦେଖାଯାଉଛି। କିନ୍ତୁ ଲକ୍ଷ୍ୟ କରାଯାଉଛି, ଏ କ୍ଷେତ୍ରରେ କଥା ବେଶି କାମ କମ୍। କେବଳ ଭାରତ ନୁହେଁ, ବିଶ୍ୱତାପନ ବୃଦ୍ଧିରେ ମୁଖ୍ୟ ଭୂମିକାରେ ଥିବା ଅନ୍ୟ ଦେଶଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛନ୍ତି। ବିକଶିତ ଦେଶଗୁଡ଼ିକ ଅଳ୍ପ କିଛି ଉଦ୍ୟମ କରୁଥିବାବେଳେ ଭାରତରେ କୌଣସି ପଦକ୍ଷେପ କାହାରିକୁ ଜଣା ନ ଥିବ। ଅଥଚ ବାକ୍ ବୀରତ୍ୱରେ ଆମେ ହୁଏତ ସବୁଠାରୁ ଆଗରେ ରହିଛୁ। ଏହା ସ୍ପଷ୍ଟ ଯେ, ତାପମାତ୍ରା ବୃଦ୍ଧି ପଛରେ ବହୁ ମନୁଷ୍ୟକୃତ କାରଣ ଅଛି। ଅତ୍ୟାଧୁନିକ ଜୀବନଶୈଳୀ, ଜୈବମଣ୍ଡଳର ବ୍ୟାପକ କ୍ଷତି ସମେତ ଗାଡ଼ିମୋଟର, କଳକାରଖାନା ଓ ତାପଜ ବିଦ୍ୟୁତ୍ କ୍ଷେତ୍ରରୁ ନିର୍ଗମନ ହେଉଥିବା ସବୁଜ ଗୃହ ବାଷ୍ପ ବିଶ୍ୱ ତାପମାତ୍ରା ବୃଦ୍ଧି କରିବାରେ ଲାଗିଛି। ଏହା ଏଭଳି ସ୍ତରରେ ପହଞ୍ଚିଲାଣି ଯେ, ତାହାକୁ ହ୍ରାସ କରିବା ଏବଂ ତାହାର ପ୍ରଭାବକୁ ଅଟକାଇବା କଷ୍ଟକର ହୋଇପଡ଼ିଲାଣି। ଏମିତି କି ଶୀତପ୍ରଧାନ ଦେଶଗୁଡ଼ିକ ଗ୍ରୀଷ୍ମ ପ୍ରବାହ ଓ ବନାଗ୍ନିରୁ ତ୍ରାହି ପାଇପାରୁନାହାନ୍ତି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଆକଳନ ଅନୁଯାୟୀ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଶ୍ୱ ତୁଳନାରେ ଭାରତରେ ଶ୍ରମଶକ୍ତି ଅଧିକ କ୍ଷତି ହେବ। କୃଷି ଓ ଚିକିତ୍ସା ସେବା ମଧ୍ୟ ଚାପଗ୍ରସ୍ତ ହୋଇପଡ଼ିବ।

ଭାରତରେ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ହେଉଛି ଦେଶରେ ସବୁଜ ବିପ୍ଳବର ବ୍ୟାପକତା, ନିର୍ମାଣ ଭିତ୍ତିଭୂମି, ଅତ୍ୟଧିକ ଜୀବାଶ୍ମ ଇନ୍ଧନ ଚାଳିତ ଯାନବାହନର ବ୍ୟବହାର। ସମୟକୁ ତାଳ ଦେଇ ନିର୍ମାଣ ଭିତ୍ତିଭୂମିର ବିକାଶକୁ ଅଟକାଯାଇପାରିବ ନାହିଁ। କିନ୍ତୁ ଉଦାହରଣ ଭାବେ ରାସ୍ତା ନିର୍ମାଣକୁ ଦେଖାଯାଇପାରେ। ଗବେଷଣାରୁ ଜଣାପଡ଼ିଛି ଯେ, ଯେତେ ଅଧିକ ପିଚୁ କିମ୍ବା କଂକ୍ରିଟ ରାସ୍ତା ଓ ବିରାଟକାୟ ରାଜପଥ ନିର୍ମାଣ କରାଯାଉଛି ତାହାର ପରିବେଶ ଉପରେ ପ୍ରଭାବ ଅତ୍ୟନ୍ତ ଗଭୀର ହୋଇଯାଉଛି। ରାସ୍ତାର ଉପରିଭାଗ ସୂର୍ଯ୍ୟକିରଣକୁ ନେଇ ଅଧିକ ସମୟ ଉଷ୍ମତା ରଖିବା ଫଳରେ ତାପମାତ୍ରା ବୃଦ୍ଧି ପାଇଥାଏ। ସେହିଭଳି କୁହାଯାଉଛି ଯେ, କେବଳ ମାତ୍ର ନିର୍ମାଣ ଶିଳ୍ପ ପୃଥିବୀର ୫୦% ପ୍ରାକୃତିକ ସମ୍ପଦ ବ୍ୟବହାର କରୁଥିବାବେଳେ ଏକାକୀ ପରିବହନ ଶିଳ୍ପ ଏକ ଚତୁର୍ଥାଂଶ କାର୍ବନ ନିର୍ଗମନ ସୃଷ୍ଟି କରୁଛି। ଏହିସବୁ ତଥ୍ୟ ଜାଣିବା ସତ୍ତ୍ୱେ ଭାରତ ସରକାର କୌଣସି ପରିବର୍ତ୍ତନଶୀଳ ପଦକ୍ଷେପ ନେଉ ନ ଥିବାରୁ ସମସ୍ୟା ଅଧିକ ଜଟିଳ ହେବାରେ ଲାଗିଛି। ସବୁଜ ଉଦ୍‌ଜାନ, ଅକ୍ଷୟଶକ୍ତି ଓ ଇଥାନଲ ବ୍ୟବହାର ଭଳି ଅନେକ ପଦ୍ଧତି ଓ ବୈଜ୍ଞାନିକ ଆବିଷ୍କାର ପୃଥିବୀରେ ବ୍ୟବହାର ହେବାରେ ଲାଗିଲାଣି, ଯାହାକୁ ଭାରତ ସରକାର ଏ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେଉନାହାନ୍ତି। ସବୁ କାର୍ଯ୍ୟକୁ ବ୍ୟବସାୟିକ ମାନସିକତାରେ ଦେଖିଲେ ବଞ୍ଚିବା କଷ୍ଟକର ହୋଇଯିବ।

**ସବୁଜ ଉଦ୍‌ଜାନ, ଅକ୍ଷୟଶକ୍ତି ଓ ଇଥାନଲ ବ୍ୟବହାର ଭଳି ଅନେକ ପଦ୍ଧତି ଓ ବୈଜ୍ଞାନିକ ଆବିଷ୍କାର ପୃଥିବୀରେ ବ୍ୟବହାର ହେବାରେ ଲାଗିଲାଣି, ଯାହାକୁ ଭାରତ ସରକାର ଏ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେଉନାହାନ୍ତି। ସବୁ କାର୍ଯ୍ୟକୁ ବ୍ୟବସାୟିକ ମାନସିକତାରେ ଦେଖିଲେ ବଞ୍ଚିବା କଷ୍ଟକର ହୋଇଯିବ।**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | 6 |
| | 1 | | 3 | | 2 | | | 5 |
| | 6 | | | | 7 | | 3 | |
| | 3 | 9 | | | | | 5 | 4 |
| | | 4 | | | 1 | 3 | | |
| | | 1 | 4 | | | | 8 | 2 |
| | | | | | | | | |
| | | | 7 | | | | 2 | |
| | | 2 | 1 | | 3 | | 4 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 2 | 3 | 5 | 6 | 9 | 1 | 8 |
| 9 | 3 | 6 | 4 | 8 | 1 | 7 | 2 | 5 |
| 8 | 1 | 5 | 7 | 9 | 2 | 3 | 6 | 4 |
| 2 | 4 | 7 | 9 | 1 | 3 | 8 | 5 | 6 |
| 6 | 8 | 1 | 5 | 2 | 7 | 4 | 3 | 9 |
| 5 | 9 | 3 | 8 | 6 | 4 | 1 | 7 | 2 |
| 7 | 2 | 9 | 6 | 3 | 8 | 5 | 4 | 1 |
| 1 | 5 | 4 | 2 | 7 | 9 | 6 | 8 | 3 |
| 3 | 6 | 8 | 1 | 4 | 5 | 2 | 9 | 7 |

ଗତକାଲିର ଉତ୍ତର

# ଉପରବେଡ଼ାର ଝିଅ



ପ୍ରଫେସର ଦମୟନ୍ତୀ ବେଶ୍ରା

ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ ଅନ୍ତର୍ଗତ ଉପରବେଡ଼ା ଗ୍ରାମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ୨୦।୦୬।୧୯୫୮ରେ। ଶ୍ରୀମତୀ ମୁର୍ମୁ ନିଜ ଗ୍ରାମର ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ଆରମ୍ଭ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାଦିନରୁ ତାଙ୍କର ନିର୍ଭୀକତା, ଆତ୍ମବିଶ୍ୱାସ ଏବଂ ଦାୟିତ୍ୱ ତୁଲାଇବାର ଦକ୍ଷତା ଜଣାପଡୁଥିଲା। ଶ୍ରେଣୀରେ ପ୍ରଥମ ହେଉଥିଲେ। ସେସମୟରେ ଶ୍ରେଣୀରେ ପ୍ରଥମ ହେଉଥିବା ପିଲା ମନିଟର ହେଉଥିଲେ। କିନ୍ତୁ ସେ ଝିଅପିଲା ହୋଇଥିବାରୁ ପୁଅ ସହପାଠୀମାନେ ଦାବିକଲେ ପୁଅପିଲା ମନିଟର ହେଉ ବୋଲି। ମାତ୍ର ଦ୍ରୌପଦୀ ମୁର୍ମୁ ନିର୍ଭୀକଭାବରେ ଶିକ୍ଷକଙ୍କୁ କହିଲେ, ସେ ଶ୍ରେଣୀରେ ପ୍ରଥମ ହୋଇଥିବାରୁ ମନିଟର ହେବାର ଅଧିକାର ତାଙ୍କର। ଶିକ୍ଷକ ସେଥିରେ ଏକମତ ହୋଇ ତାଙ୍କୁ ମନିଟର କଲେ। ସେ ପ୍ରମାଣିତ କରିଥିଲେ ଝିଅମାନଙ୍କ ନିକଟରେ ନେତୃତ୍ୱ ନେବାର ଦକ୍ଷତା ରହିଛି ଏବଂ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ନିର୍ବାହ କରିପାରିବେ।

ଭୁବନେଶ୍ୱର ୟୁନିଟ୍-୨ ଗାର୍ଲସ ହାଇସ୍କୁଲରୁ ମାଟ୍ରିକ, ବର୍ତ୍ତମାନର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ଆଇଏ ଏବଂ ବିଏ ଶିକ୍ଷାପ୍ରାପ୍ତ କରିଛନ୍ତି। ବିଏ ପଢୁଥିବା ସମୟରେ ଏକ ସାନ୍ତାଳୀ ନାଟକରେ ନାୟକ ଭୂମିକାରେ ଅଭିନୟ କରି ଉଚ୍ଚପ୍ରଶଂସିତ ହୋଇଥିଲେ। ଯେଉଁ ସମୟରେ ଛାତ୍ରୀମାନେ ପୁରୁଷ ଚରିତ୍ରରେ ଅଭିନୟ କରିବାକୁ ପଛଘୁଞ୍ଚା ଦେଉଥିଲେ, ସେତେବେଳେ ଦ୍ରୌପଦୀ ଆଗ୍ରହର ସହ ନାୟକ ଚରିତ୍ରକୁ ବାଛିନେଇଥିଲେ। ତାହାହିଁ ଦର୍ଶାଇ ଦିଏ ଆହ୍ୱାନମୂଳକ କାର୍ଯ୍ୟ କରିବାରେ ତାଙ୍କର ନିଷ୍ଠା ଓ ଦୃଢ଼ମନୋବଳ।

ଏମ୍‌ଏ ପଢ଼ିବାର ଇଚ୍ଛା ଥାଇ ସୁଦ୍ଧା ସେ ଚାକିରି କରିବାକୁ ମନସ୍ଥ କରିଥିଲେ। କାରଣ ଚାକିରି କଲେ ବାପାଙ୍କୁ ସାହାଯ୍ୟ କରିପାରିବେ। ଚାକିରି ପାଇଁ ଦରଖାସ୍ତ କଲେ, ପରୀକ୍ଷା ଦେଲେ ଏବଂ କୃତ୍‌କାର୍ଯ୍ୟ ହୋଇ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ଚାକିରି କଲେ ମାସିକ ୨୫୫ ଟଙ୍କା ବେତନରେ। ଚାକିରି ପରେ ପାହାଡ଼ପୁର ନିବାସୀ ଶ୍ୟାମଚରଣ ମୁର୍ମୁଙ୍କୁ ବିବାହ କରି କନ୍ୟାରତ୍ନଟିଏ ପାଇଥିଲେ। ମାତ୍ର ୩ବର୍ଷ ପରେ ସେ ହୋଇଗଲେ ଦୂର ଆକାଶର ତାରା। ଏହାପରେ ସେ ଚାକିରି ଛାଡ଼ି ରାଇରଙ୍ଗପୁରକୁ ଫେରି ଆସିଲେ। ପରେ ତାଙ୍କ କୋଳକୁ ଆସିଥିଲେ ୨ପୁଅ ଓ ଝିଅଟିଏ। ପିଲାମାନେ ବଡ଼ ହେଲା ପରେ ସମାଜସେବାରେ ମନୋନିବେଶ କରିଥିଲେ। ରାଇରଙ୍ଗପୁରରେ ଥିବା ଆଦିବାସୀ ସମାଜ ଶିକ୍ଷା ଓ ସଂସ୍କୃତି ସଂଘ ସହ ଜଡ଼ିତ ଥିବାରୁ ସେଠାରେ ପିଲାଙ୍କୁ ଗଣିତ ଓ ଇଂରାଜୀ ପଢ଼ାଉଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମଧ୍ୟ ଶିକ୍ଷାଦାନ ଦେଇଥିଲେ ବିନା ବେତନରେ। ଏହି ସମୟରେ ରାଜନୀତିରେ ପ୍ରବେଶ ପାଇଁ ତାଙ୍କୁ ସୁଯୋଗ ମିଳିଲା। ଅଚାନକ ଜୀବନର ଗତିପଥର ମୋଡ଼ ପରିବର୍ତ୍ତନ ହେଲା। ନିର୍ବାଚନରେ ବିଜୟୀ ହୋଇ ପ୍ରଥମେ କାଉନ୍‌ସିଲର, ପରେ ଉପାଧ୍ୟକ୍ଷ ହେଲେ ରାଇରଙ୍ଗପୁର ବିଜ୍ଞପିତ ଅଞ୍ଚଳ ପରିଷଦର। ସେଇଠାରୁ ଆରମ୍ଭ ହେଲା ରାଜନୀତିର ଜୟଯାତ୍ରା। ଆଉ ପଛକୁ ଫେରିଚାହିଁ ନାହାନ୍ତି। ଆଗେଇ ଚାଲିଛି ଚରୈବେତି ଚରୈବେତି ରୀତିରେ। ପ୍ରଥମେ ବିଧାୟିକା, ତା'ପରେ ମନ୍ତ୍ରୀ, ଭାଜପାର ରାଜ୍ୟ ଆଦିବାସୀ ସଭାନେତ୍ରୀ ଏବଂ ଝାଡ଼ଖଣ୍ଡର ହୋଇଛନ୍ତି ରାଜ୍ୟପାଳ। ସେ ହୋଇଛନ୍ତି ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ। ପ୍ରତ୍ୟେକ ପଦବୀରେ ସେ ଉଲ୍ଲେଖନୀୟ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଛନ୍ତି।

ଉପାଧ୍ୟକ୍ଷ ଭାବରେ ସେ ରାଇରଙ୍ଗପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାରେ ସଫଳ ହୋଇ ପାରିଥିଲେ। ବିଧାୟିକା ଥିବାବେଳେ କୁସୁମୀ ବ୍ଲକ, ବିଜାତଳା ବ୍ଲକ, ରାଇରଙ୍ଗପୁର ବ୍ଲକ, ରାଇରଙ୍ଗପୁର ଏନ୍‌ଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ବିଧାୟିକା ଭବେ ନୀଳକଣ୍ଠ ଦାସ ପୁରସ୍କାର ମଧ୍ୟ ମିଳିଛି। ସେ ମନ୍ତ୍ରୀ ଥିବା ସମୟରେ 'ଜହ୍ନମାମୁଁ' ପତ୍ରିକା ଅନୂଦିତ ହୋଇ ସାନ୍ତାଳୀ ଭାଷାରେ 'ଚାନ୍ଦମାମ' ନାମରେ ପ୍ରକାଶିତ ହେଉଥିଲା। କେବଳ ସେତିକି ନୁହେଁ ତାଙ୍କର ସବୁଠାରୁ ବଡ଼ ଉଦ୍ୟମ ଥିଲା ସାନ୍ତାଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ। ଶ୍ରୀମତୀ ମୁର୍ମୁ ଯେତେବେଳେ ଆଦିବାସୀ ଉପଦେଷ୍ଟା ପରିଷଦର ସଦସ୍ୟା ଥିଲେ ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ସାନ୍ତାଳୀ ଭାଷା ପ୍ରସଙ୍ଗ ଉଠାଇ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହାକୁ ସୁପାରିସ କରିଥିଲେ। ସେତେବେଳେ କେନ୍ଦ୍ରରେ ଭାଷା କମିଟିର ଅଧ୍ୟକ୍ଷ ଥଲେ ରଙ୍ଗନାଥ ମିଶ୍ର। ସେ ମଧ୍ୟ ଅନୁକୂଳ ସୁପାରିସ କରିଥଲେ। ଏହାପରେ ସେ ବାଲେଶ୍ୱରର ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁଙ୍କ ସହ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସାକ୍ଷାତ କରି ଦାବି ଜଣାଇଥିଲେ। ବାଜପେୟୀ ସାନ୍ତାଳୀ ଭାଷାର ମହତ୍ତ୍ୱକୁ ଉପଲବ୍ଧି କରି ସାମ୍ବିଧାନିକ ସ୍ୱୀକୃତି ଦେବାପାଇଁ ସୁପାରିସ କରିଥିଲେ। ଶେଷରେ ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନିତ ହେଲା। ଏଥିରେ ଦ୍ରୌପଦୀ ମୁର୍ମୁଙ୍କର ନିରନ୍ତର ଉଦ୍ୟମ ଥିବାରୁ ସାନ୍ତାଳମାନେ ଚିରଦିନ କୃତଜ୍ଞ ରହିବେ ତାଙ୍କ ନିକଟରେ।

**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଉପଲକ୍ଷେ**



ଝାଡ଼ଖଣ୍ଡର ରାଜ୍ୟପାଳ ଥିବା ସମୟରେ ଶିକ୍ଷାକ୍ଷେତ୍ରରେ ସେ ଅନେକ ସଂସ୍କାର ଆଣିଥିଲେ। ସେଠାକାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଠିକ୍ ସମୟରେ ପରୀକ୍ଷା ହେଉ ନ ଥିଲା। ଫଳରେ ଅନେକ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଠିକ୍ ସମୟରେ ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦେଇ ଶିକ୍ଷା ବ୍ୟବସ୍ଥାକୁ ନିୟମିତ କରିଥିଲେ।

ଶ୍ରୀମତୀ ମୁର୍ମୁ ପରିବେଶ ସୁରକ୍ଷା ନିମନ୍ତେ ରାଜଭବନ ପରିସରରେ ପାଞ୍ଚଶତ ଶାଳବୃକ୍ଷ ରୋପଣ କରିଛନ୍ତି। ତାଙ୍କ ଅନ୍ତେ ଆଉ ଜଣେ ଏ ପୃଥିବୀକୁ ତାଙ୍କ ଆଖିରେ ଦେଖୁ, ସେଥିପାଇଁ ସେ ଚକ୍ଷୁଦାନ ପାଇଁ ଅନୁବନ୍ଧିତ ହୋଇଛନ୍ତି। ଏହିପରି ଅନେକ ଜନହିତକର କାର୍ଯ୍ୟ ସମ୍ପନ୍ନ ହୋଇଛି ତାଙ୍କ ଦ୍ୱାରା। ବ୍ୟକ୍ତିଗତ ହେଉ ବା ସାମୂହିକ, ଯେଉଁମାନେ ତାଙ୍କର ବଦାନ୍ୟତାକୁ ଅନୁଭବ କରିଥିବେ ଅନ୍ତରରୁ କୃତଜ୍ଞତା ଜ୍ଞାପନ କରୁଥିବେ ନିଶ୍ଚିତ ରୂପେ।

ସମଗ୍ର ନାରୀଜାତିର ସେ ପ୍ରେରଣା। ନାରୀଶକ୍ତିର ଦୃଷ୍ଟାନ୍ତ। ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି। ଭାରତବର୍ଷର ସର୍ବକନିଷ୍ଠ ରାଷ୍ଟ୍ରପତି। ଆଦିବାସୀଙ୍କ ମଉଡମଣି। ଓଡ଼ିଶା ମାଟିର, ମୟୂରଭଞ୍ଜ ଜିଲାର ଗର୍ବ ଓ ଗୌରବ।

ରାଜନୀତିରେ ସର୍ବୋଚ୍ଚ ପଦବୀର ଅଧିକାରିଣୀ ରାଷ୍ଟ୍ରପତି ମୁର୍ମୁଙ୍କ ବ୍ୟକ୍ତିଗତ ଜୀବନ କିନ୍ତୁ ଅନେକ ଦୁର୍ଘଟଣାରେ ପରିପୂର୍ଣ୍ଣ। ଅଜଣା ଅନାମଧେୟ ଅସମୟର ମହାବାତ୍ୟା ଓ ସୁନାମି ତାଙ୍କ ପରିବାରକୁ ଛାରଖାର କରି ଦେଇଛି। ଏକମାତ୍ର କନ୍ୟା ବର୍ତ୍ତମାନ ତାଙ୍କ ସାଥିରେ। ସେ କିନ୍ତୁ ସମସ୍ତଙ୍କର। ସେ ଉପବେଡାର୍ ଝିଅ, ପାହାଡ଼ପୁରର ବଧୂ। ସବୁବେଳେ ଉପରେ। ପାହାଡ଼ର ଶୀର୍ଷ ଦେଶରେ। ଖୁସିରେ ଯେତେବେଳେ ନାଚନ୍ତି ସର୍ବାଗ୍ରେ ଥାଆନ୍ତି। ସବୁ ନାରୀକୁ ସତେ ଯେପରି ହାତ ଧରିନେଉଛନ୍ତି ଆଗକୁ ଆଗକୁ ପଥ କଢ଼ାଇ। ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରିତା, ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତା, ରାଜଯୋଗରେ ନିବିଷ୍ଟ ମୁର୍ମୁଙ୍କୁ ଦୁଃଖ ଛୁଇଁପାରିନାହିଁ, ବରଂ ସେ ଧୈର୍ଯ୍ୟରେ ଉତ୍ତୁଙ୍ଗ ପାହାଡ଼, ସହନଶୀଳତାରେ ଧରିତ୍ରୀ, ସମଦୃଷ୍ଟିରେ ଅମ୍ବର, ଶ୍ରଦ୍ଧାଶୀଳରେ ସାଗର ପାଲଟିଯାଇଛନ୍ତି। ତାଙ୍କ ଅଭିଭାଷଣରେ ରବର୍ଟ ଫ୍ରଷ୍ଟଙ୍କ ଲିଖିତ ଏବଂ ମାୟାଧର ମାନସିଂହ ଅନୂଦିତ ସ୍ମରଣୀୟ ପଦକୁ ସେ ବାରବାର ଉଦ୍ଧାର କରି କହନ୍ତି– ସୁନ୍ଦର ଯେତିକି ଅନ୍ଧାର ସେତିକି

ଏଇ ଯେ ଗହନ ବନ
ତେଣୁ ତୁ ଆପଣା ସଂକଳ୍ପେ ଅଚଳ
ଅଟଳ ରହରେ ମନ।
ଆଗରେ ପଡ଼ିଛି ପଥବହୁ ଦୂର
ଆହୁରି କେତେ ଯେ ବାକି
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି।

ଜୀବନର ଅନ୍ୟ ନାମ ଚାଲିବା। ସେ ଆଗକୁ ଚାଲିବାରେ ବିଶ୍ୱାସୀ। ଏ ପୃଥିବୀ ସର୍ବଦା ଚଳନଶୀଳ। ଆମେ ଅଟକି ଯିବା କାହିଁକି? ଏଇ ଆତ୍ମବିଶ୍ୱାସ ତାଙ୍କୁ ସବୁଠାରୁ ଉଚ୍ଚରେ ଥିବା ବେଡ଼ା (ରାଇସିନା ହିଲ୍) ରେ ପହଞ୍ଚାଇପାରିଛି। ତାଙ୍କର ଜନ୍ମ ସବୁବେଳେ ଉପରବେଡ଼ାରେ ରହିବା ପାଇଁ। ବାସ୍ତବିକ ସେ ଉପରବେଡ଼ାର ଝିଅ।

– ମଧୁବନ, ବାରିପଦା
ମୋ: ୯୪୩୭୩୪୯୮୯୧

# ଗିଗ୍ ଅର୍ଥନୀତିର ଆହ୍ୱାନ



ଅରୁଣ କୁମାର ତ୍ରିପାଠୀ

ନିକଟରେ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଜମାଟୋ ଗୋଟିଏ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି, ଯେଉଁଥିରେ ୧୦ମିନିଟ୍‌ରେ ଆଦେଶକୁ ଅନୁପାଳନ କରାଯିବ। ଗଣମାଧ୍ୟମରେ ଏହା ଶୁଣିବାକୁ ଭଲ ଲାଗୁଥିବା ସ୍ଥଳେ ସମ୍ପୃକ୍ତ ଆଦେଶକୁ ତ୍ୱରାନ୍ୱିତ କରୁଥିବା କର୍ମଚାରୀଙ୍କ ଏହା ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜୀବନ ବୀମା କରିଛନ୍ତି ବୋଲି କର୍ମଚାରୀଙ୍କୁ ପଶୁତୁଲ୍ୟ ତଥା ଯନ୍ତ୍ରାଂଶ ଭଳି ଖଟେଇବାକୁ ମାନବବାଦୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଯଦିଓ ସମସ୍ତେ ଏହିଭଳି ଲକ୍ଷ୍ୟ ସାଧନ କରୁନାହାନ୍ତି, କିନ୍ତୁ ଜମାଟୋ ଭଳି ଅନେକ ସଂସ୍ଥା ଅଛନ୍ତି ଯେଉଁମାନେ ତାଙ୍କ କର୍ମଚାରୀଙ୍କୁ କେଉଁ ସମୟରେ କାର୍ଯ୍ୟରୁ ଅନ୍ତର କରିବେ, ତାହା ଅନିଶ୍ଚିତ। ଗିଗ୍ ଅର୍ଥନୀତି ହେଉଛି ଏହିଭଳି ଏକ ବଜାର ବ୍ୟବସ୍ଥା, ଯାହା ଅସ୍ଥାୟୀ ଓ ସାଧାରଣ ପଦବୀ ସବୁ ସୃଷ୍ଟିକରି କର୍ମଚାରୀମାନଙ୍କୁ ସ୍ୱଳ୍ପ ସମୟ ନିମନ୍ତେ ଅନୁବନ୍ଧିତ କରେ। ବୋଷ୍ଟନ ପରାମର୍ଶ ସଂଗୋଷ୍ଠୀର ପରିସଂଖ୍ୟାନ ଅନୁସାରେ ଭାରତରେ ଗିଗ୍ କାର୍ଯ୍ୟକର୍ତ୍ତାଙ୍କ ସଂଖ୍ୟା ହେଉଛି ୧୫ ମିଲିୟନ, ଯେଉଁମାନେ ସଫ୍ଟୱେର୍, ସେବା ପ୍ରଦାନ ଏବଂ ବୈଷୟିକ କାର୍ଯ୍ୟ ନିମନ୍ତେ ଅନୁବନ୍ଧିତ। ୨୦୧୯ ର ଭାରତୀୟ କର୍ମଚାରୀ ସଂଘର ରିପୋର୍ଟ ଅନୁସାରେ ଆମେରିକା, ଚାଇନା, ବ୍ରାଜିଲ ଏବଂ ଜାପାନ ପରେ ଭାରତ ହେଉଛି ବିଶ୍ୱର ପଞ୍ଚମ ବୃହତ୍ ନମନୀୟ କାର୍ଯ୍ୟ ପ୍ରଦାନ କରୁଥିବା ଅର୍ଥନୀତି। ଗୋଟିଏ ଆକଳନ ଅନୁସାରେ ଭାରତର ୫୬ ପ୍ରତିଶତ ନୂତନ ନିଯୁକ୍ତି ଏହି ଗିଗ୍‌କର୍ମଚାରୀଗଣ ୨ଟିବିଭାଗ ଯଥା:-ହ୍ୱାଇଟ କଲାର ଏବଂ ବ୍ଲୁକଲାର୍ କ୍ଷେତ୍ର ମାଧ୍ୟମରେ ପ୍ରାପ୍ତ ହୁଅନ୍ତି। ଧଳା ଏବଂ ନୀଳ କାର୍ଯ୍ୟର ମାନ ଏବଂ ଆବଶ୍ୟକ ପଡୁଥିବା ଶାରୀରିକ ଶ୍ରମକୁ ନେଇ ନିର୍ଣ୍ଣିତ ହୁଏ। ଉଦାହରଣ ଭାବେ ବ୍ୟାଙ୍କ ଚାକିରି ହ୍ୱାଇଟ କଲାର ହୋଇଥିବା ସ୍ଥଳେ କାଗଜ ଶିଳ୍ପରେ ନିଯୁକ୍ତି ବ୍ଲୁ କଲାର୍ ରେ ଆସିବ। ପାଶ୍ଚାତ୍ୟ ସଭ୍ୟତାରେ ଶାର୍ଟରେ କଲାର୍ ବା ବକ୍ରମକୁ ନେଇ ଏହା ନିର୍ଣ୍ଣିତ ହେଉଥିଲା। ଗିଗ୍ କ୍ଷେତ୍ରରେ ସଂଶ୍ଳିଷ୍ଟ ହ୍ୱାଇଟ କଲାର ଚାକିରି ସବୁ ହେଲା ପ୍ରକଳ୍ପ ଉପଦେଷ୍ଟା, ବିକ୍ରି କର୍ମଚାରୀ, ୱେବ୍‌ସାଇଟ୍ ପ୍ରସ୍ତୁତକର୍ତ୍ତା, ବିଷୟ ଲେଖକ ତଥା ସଫ୍ଟୱେର୍ ଗଠନକାରୀ। ଆଉ ଅନୁରୂପ ଭାବେ ବ୍ଲୁ କଲାର ଚାକିରି ସବୁ ହେଲା, ଓଲା, ଉବର୍, ଜମାଟୋ, ପିଜା ଡେଲିଭରି ଇତ୍ୟାଦି। ଦୀର୍ଘସୂତ୍ରକୁ ଯଦି ଦେଖିବା ତେବେ ୯୦ ମିଲିୟନ କର୍ମସଂସ୍ଥାନ ଏହି ଗିଗ୍ କ୍ଷେତ୍ର ମାଧ୍ୟମରେ ସମ୍ଭବ ତଥା ମୋଟ ଘରୋଇ ଉତ୍ପାଦର ୧.୨୫ ପ୍ରତିଶତ ଏହା ମାଧ୍ୟମରେ ଅକ୍ତିଆର କରାଯାଏ। ଆଜିର ବୈଷୟିକ ଯୁଗରେ ଭୌଗୋଳିକ ପରିସୀମାକୁ ଭ୍ରୂକ୍ଷେପ ନ କରି ଜ୍ଞାନକୌଶଳ ସହାୟତାରେ ଗିଗ୍ ଅର୍ଥନୀତି ମାଧ୍ୟମରେ ଅନେକ ଜନମଙ୍ଗଳ ତଥା ରାଜସ୍ୱ ହାସଲ କରାଯାଇପାରୁଛି। ଆଜିକାଲିର ଯୁବପିଢ଼ି ନିଜ କ୍ୟାରିୟରକୁ ନେଇ ସେତେଟା ନିର୍ଦ୍ଦିଷ୍ଟ ନୁହନ୍ତି। ବିଶେଷକରି ସେମାନେ ଆବଶ୍ୟକତା ପରିପୂରଣ କିଭଳି କରିପାରିବେ, ସେହି ବିଷୟରେ ମନୋନିବେଶ କରୁଛନ୍ତି। ଗିଗ୍ କର୍ମକର୍ତ୍ତାଙ୍କୁ କେତେ ପାରିଶ୍ରମିକ ମିଳିବ ସେୟା ସମ୍ପୃକ୍ତ କାର୍ଯ୍ୟ ନିର୍ଘଣ୍ଟରେ ନିର୍ଦ୍ଧାରିତ ହେଉଛି। ସରକାରୀ ତଥା ବେସରକାରୀ କ୍ଷେତ୍ରରେ ନିୟମିତ କର୍ମଚାରୀ ତୁଳନାରେ ଅନିୟମିତ କର୍ମଚାରୀଙ୍କୁ ଠିକା ଭିତ୍ତିରେ କାର୍ଯ୍ୟ ହାସଲକରି ଅନେକ ରାଜସ୍ୱ ମଧ୍ୟ ବଞ୍ଚେଇବାର ଅହରହ ପ୍ରୟାସ ଚାଲୁଛି। ଏଭଳିକି କିଛି ସ୍ଥାନରେ ନିୟମିତ ଭାବେ ମୋଟା ଦରମାରେ ନିଯୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ମଧ୍ୟ ଅଧିକ ରୋଜଗାର ଆଶାରେ ଏହି ଗିଗ୍ କ୍ଷେତ୍ରକୁ ବାଛିନେଉଛନ୍ତି। ପ୍ରତ୍ୟାଶୀଙ୍କ ଅଭାବ ରହୁ ନ ଥିବାରୁ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଯେଉଁଭଳି ଉଦ୍ୟୋକ୍ତାଙ୍କ ପୁଞ୍ଜି ସଞ୍ଚୟ ହେଉଥିଲା, ସେହିଭଳି ଅବସ୍ଥା ଆଜିକାର ଗିଗ୍ ଅର୍ଥନୀତିର। କେତେଜଣ ଲୋକ ଏଥିରୁ ନିଜକୁ ନିୟମିତ ପୋଷିବାକୁ ଚାହୁଁଥିବା ସ୍ଥଳେ ଆଉ କେତେଜଣଙ୍କ ପାଇଁ ଏଥିର ଅର୍ଥ ମନୋରଞ୍ଜନର ଖୋରାକ। ୨୦୧୯ ମହାମାରୀ ପରବର୍ତ୍ତୀ ସମୟରେ ବିଶେଷ ଭାବେ ଏହି ଗିଗ୍ ଅର୍ଥନୀତିର କାୟା ବିସ୍ତାର ହୋଇଛି। କରୋନା ପରେ ପରେ ଭାରତରେ ଏହି କର୍ମଚାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ହେବାକୁ ଲାଗିଛି। ଯଦିଓ ଏହା ମାଧ୍ୟମରେ ଉପଭୋକ୍ତାଙ୍କ ପସନ୍ଦ ଆଧାରରେ କର୍ମ ସମ୍ପାଦନ ହୁଏ, କିନ୍ତୁ ଏକା ରକମର ପାଉଣା କର୍ମଚାରୀଙ୍କୁ ମିଳେ ନାହିଁ। ପୁନଶ୍ଚ ଏଥିରେ କର୍ମଚାରୀ ମୂଲଚାଲ କରିପାରନ୍ତି ନାହିଁ। ଆବଶ୍ୟକତା ପରିପୂରଣ କଥା ଯଦି ବିଚାରକୁ ନେବା, ତେବେ ସେଥିରେ କାହାର କୌଣସି ଅପତ୍ତି ନ ଥାଏ। କିନ୍ତୁ ସେଥିରୁ ଅର୍ଜିତ ପାଉଣା ନେଇ ଯୁବବର୍ଗ ଯେତେବେଳେ ଅସାମାଜିକ କାର୍ଯ୍ୟ କରୁଛନ୍ତି ଏବଂ କେବଳ କିଛି ସ୍ୱତନ୍ତ୍ର କାର୍ଯ୍ୟ ନିମନ୍ତେ ଗିଗ୍ କାର୍ଯ୍ୟକଳାପରେ ମନୋନିବେଶ କରନ୍ତି, ଯାହାକୁ ସମାଜ ସ୍ୱୀକୃତ ଦିଏ ନାହିଁ, ତେବେ ସେୟା ଉପଯୁକ୍ତ ନିୟନ୍ତ୍ରଣ ଆବଶ୍ୟକ କରେ।




କର୍ମକ୍ଷେତ୍ରରେ ମହିଳାଙ୍କ ଅବଦାନକୁ ଅଣଦେଖା କରାଯାଇ ନ ପାରେ। ମହିଳାଙ୍କୁ ବିଶେଷଭାବେ ଗିଗ୍ ଅର୍ଥନୀତି ତାଙ୍କ ପରିବାର ପରିଚାଳନା ସହ ଅଧିକ ଆୟ କରିବାକୁ ଉତ୍ସାହିତ କରୁଛି। ଘରେ ରହି ମଧ୍ୟ ସେମାନେ ଅନେକ କାର୍ଯ୍ୟ କରିପାରୁଛନ୍ତି। କିନ୍ତୁ ପୁରୁଷଙ୍କ ତୁଳନାରେ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁନାହିଁ। ଯଦିଓ କେତେ ସଂଖ୍ୟକ ଗିଗ୍ କର୍ମଚାରୀ ଭାରତରେ ଅଛନ୍ତି, ସେଥିନିମନ୍ତେ କୌଣସି ଆକଳନ ହୋଇନାହିଁ, କିନ୍ତୁ ଏହା ପାରମ୍ପରିକ ପୁରୁଷ ପ୍ରଧାନତାକୁ ଗୁରୁତ୍ୱ ଦେଉଛି। କିନ୍ତୁ ଏଥିରେ ପାଉଣାର ତାରତମ୍ୟ ପ୍ରାୟତଃ ୮ ରୁ ୧୦ ପ୍ରତିଶତ ରହୁଛି। ଯଦିଓ ସେମାନଙ୍କ ସକାଶେ କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି, ଦେୟଯୁକ୍ତ ଗର୍ଭାବସ୍ଥା ଛୁଟି, ବୀମା ଆଦି ପ୍ରଯୁଜ୍ୟ, କିନ୍ତୁ ସେୟା ନିଶ୍ଚିତ କରିବା ନିମନ୍ତେ କୌଣସି ମନ୍ତ୍ରଣାଳୟ ନାହିଁ ଅଥବା ଅତିରିକ୍ତ ଭାବେ ମଧ୍ୟ କୌଣସି ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇନାହିଁ। ବିବାଦ କ୍ଷେତ୍ରରେ ତୃଣମୂଳ ସ୍ତରରେ କିଛିକାଂଶରେ ହିଂସା ଦେଖିବାକୁ ମିଳୁଥିବା ସ୍ଥଳେ ଉଦ୍ୟୋକ୍ତାଗଣ କିନ୍ତୁ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ନାହିଁ। ଗିଗ୍ କର୍ମଚାରୀ ସ୍ୱଳ୍ପକାଳରେ ଚିହ୍ନା ପଡୁ ନ ଥିବା ସ୍ଥଳେ ଏହାକୁ ଭରସାକରି ଯଦି ଜଣେ ନିଜ ଯୁବାବସ୍ଥାକୁ ଏଥିରେ ନିବେଶ କରିଦେଲା, ତେବେ ଉତ୍ତର ବୟସରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ହେବ। ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ତଥା କଡ଼ାକଡ଼ି ଆଇନ ସମୟର ଆବଶ୍ୟକତା।

ଜୟପୁର, ମୋ-୯୦୭୮୮୩୮୬୨୭

## ଏଇ ଭାରତରେ

ପିଲାଦିନେ ଅଭାବକୁ ପାଖରୁ ଦେଖିଥିବା ଜଣେ ଦିନ ମଜୁରିଆଙ୍କ ପୁଅ ସ୍କୁଲ ପ୍ରଧାନଶିକ୍ଷକ ହେବା ପରେ ସ୍କୁଲକୁ ଏକ ସ୍ମାର୍ଟ କରିବାରେ ସକ୍ଷମ ହୋଇଛନ୍ତି। ସ୍କୁଲରେ କାନ୍ଥରେ ପ୍ରେରଣାଦାୟକ ଚିତ୍ର ଅଙ୍କନ କରିବା ସହ ସ୍କୁଲରେ ଆକର୍ଷଣୀୟ ଉଦ୍ୟାନ ଓ ଲାଇବ୍ରେରି କରିଛନ୍ତି। ଏହି ପ୍ରଧାନଶିକ୍ଷକ ଜଣକ ହେଉଛନ୍ତି କର୍ନାଟକ କାଲିଓ୍ୱାଲା ଗାଁର ୩୯ ବର୍ଷୀୟ ଭେରନ୍ନା ମାଡ଼ିଓ୍ୱାଲାର। ତାଙ୍କ ପିତା ଜଣେ ଦିନ ମଜୁରିଆ ଥିଲେ ଓ ପରିବାର ପାଇଁ ଦିନକୁ ଦୁଇବେଳା ଖାଇବା ଯୋଗାଡ଼ କରିବା କଷ୍ଟକର ଥିଲା ବୋଲି କହନ୍ତି ଭେରନ୍ନା। ସେଥିପାଇଁ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସେ ଉଚ୍ଚଶିକ୍ଷା ଲାଭ କଲେ ଓ ୨୦୦୭ରେ ଜଣେ ଶିକ୍ଷକ ହୋଇପାରିଲେ। ପରେ ୨୦୧୬ରେ ନିଡାଗୁଡ଼ି ଆମ୍ବେଡକର ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ। ପ୍ରଥମେ ସେ ସ୍କୁଲରେ ବୃକ୍ଷରୋପଣ କରି ସ୍କୁଲ ମରାମତି କାମ ଆରମ୍ଭ କରିଥିଲେ। ଏହାକୁ ସେ ଫେସ୍‌ବୁକ୍‌ରେ ଶେୟାର କରିବା ପରେ ତାଙ୍କୁ ଅନୁଦାନ ମିଳିବା ଆରମ୍ଭ ହୋଇଗଲା। ମହୀଶୂରର ଜଣେ ବ୍ୟକ୍ତି ୧.୫ ଲକ୍ଷ ଟଙ୍କା ଦାନ କରିବା ସହ ଅନ୍ୟ ଜଣେ ସ୍ମାର୍ଟ ଟିଭି ଦେଇଥିଲେ। ସ୍କୁଲରେ ବି ଏକ ଲାଙ୍ଗୁଏଜ ଲାବ ମଧ୍ୟ ଖୋଲିଯାଇଛି। ଏହି ସ୍କୁଲରେ ପିଲାମାନଙ୍କ ସଂଖ୍ୟା ବଢ଼ି ୭୬ରୁ ଏବେ ୧୩୬ରେ ପହଞ୍ଚିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୯୮

- ପରମାଣୁ ପରୀକ୍ଷାର ପ୍ରତିବାଦରେ ଆମେରିକା ପକ୍ଷରୁ ଭାରତ ବିରୁଦ୍ଧରେ ବିଧିବଦ୍ଧ ଭାବେ ଅର୍ଥନୈତିକ ଓ ବାଣିଜ୍ୟ କଟକଣା ଲାଗୁ।
- ଜମ୍ମୁ-କଶ୍ମୀରର ଦୋଦା ଜିଲାର ଚପନାଡ଼ି ଗ୍ରାମଠାରେ ସଶସ୍ତ୍ର ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ବରପାତ୍ର ସମେତ ବରଯାତ୍ରୀ ଦଳର ୨୫ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଖୋରଙ୍କୁ ଶାସ୍ତି ମିଳୁ

ମହାଶୟ,

ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଓଡ଼ିଶାର ଆଖିଦୃଶିଆ ବିକାଶ ହୋଇପାରିଲାନାହିଁ। ଏହାର କାରଣ ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର ଓ ବାଟମାରଣା। ଏକ ଘରୋଇ ଗୋଇନ୍ଦା ସଂସ୍ଥାର ଆକଳନ ଅନୁସାରେ ରାଜ୍ୟର ଦୁର୍ନୀତିଗ୍ରସ୍ତମାନଙ୍କ ପାଖରେ ଅନେକ ହଜାର କୋଟି ଟଙ୍କା କଳାଧନ ଦେଶବିଦେଶରେ ଗଚ୍ଛିତ ଅଛି। ଏଠି ପାରିବାରିକ ପେସାଦାର ରାଜନୀତି ଚାଲିଛି। ବାପ ପରେ ପୁଅ, ଝିଅ, ସ୍ତ୍ରୀ, ଜ୍ୱାଇଁ ପ୍ରମୁଖ ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ହୋଇ ରାଜ୍ୟ ଏବଂ ରାଜ୍ୟବାସୀଙ୍କୁ ପୁରୁଷାନୁକ୍ରମେ ଲୁଟି ଚାଲିଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ମଦ, ମାଂସ, ନଗଦ ଅର୍ଥ ଓ ମିଥ୍ୟା ପ୍ରତିଶ୍ରୁତି ବଳରେ ନିର୍ବାଚନ ଜିତିବା କୌଶଳ ଏମାନଙ୍କୁ ଭଲଭାବେ ଜଣା। ରାଜ୍ୟବାସୀ ଦଳଗତ ନିର୍ବିଶେଷରେ ଦୁର୍ନୀତିଖୋରଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରନ୍ତୁ ;ଅନ୍ୟଥା ସର୍ବନାଶ ହୋଇଯିବ ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିଆଶାର ଦହନରେ
ଦଗଧ କରଇ ଯେହୁ ପ୍ରାଣ,
ନ ଜନମୁ ତାର ଲାଗି
ଅନ୍ତରେ ମୋ ତିଳେ ଅଭିମାନ।
(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବଡ଼ମ୍ବାରେ ପୁଣି ଏକ ଦନ୍ତା ହାତୀ ମୃତ


ଅରଣ୍ଡା ସଂରକ୍ଷିତ ଜଙ୍ଗଲରେ ମୃତ ହାତୀ।

**ମାଣିଆବନ୍ଧ,୧୯।୬ (ଅଖିଳ କୁମାର ସାହୁ):** କିଛିଦିନର ବ୍ୟବଧାନ ପରେ କଟକ ଜିଲା ବଡ଼ମ୍ବା ରେଞ୍ଜ୍‌ରେ ପୁଣି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଏହି ରେଞ୍ଜ ଅଧୀନ ଅରଣ୍ଡା ସଂରକ୍ଷିତ ଜଙ୍ଗଲରେ ରବିବାର ହାତୀ ମୃତ୍ୟୁ ଘଟିଥିବା ଖବରପାଇ ସୋମବାର ସକାଳେ ବଡ଼ମ୍ବା ବନ ବିଭାଗ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏକ ଦାନ୍ତବିଶିଷ୍ଟ ଏହି ହାତୀଟି ପ୍ରାୟ ୩୫ ବର୍ଷର ହେବ। ପ୍ରାଣୀ ଚିକିତ୍ସକ ପ୍ରକାଶ ପଣ୍ଡିତଙ୍କ କହିବାନୁଯାୟୀ, ପାରିପାର୍ଶ୍ୱିକ ସ୍ଥିତିରୁ ବଜ୍ରପାତ ଯୋଗୁ ହାତୀର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଅଧିକ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବଡମ୍ବା ବନାଞ୍ଚଳ ରେଞ୍ଜର ସୀତାରାମ ଶବରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

# ସମ୍ବଲପୁରରେ ଜାତୀୟ ଏସ୍‌ସି କମିଶନ ଉପାଧ୍ୟକ୍ଷ

**ସମ୍ବଲପୁର,୧୯।୬(ଶୁଭାଶିଷ ପାଢ଼ୀ)**

- ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଆହତଙ୍କୁ ଭେଟିଲେ
- ପ୍ରଶାସନ ଆହୁରି ଯତ୍ନବାନ୍ ହେବାର ଥିଲା
- ସାମ୍ପ୍ରଦାୟିକ ଦଙ୍ଗା ପ୍ରମାଣ ମିଳିଲେ ଏନ୍‌ଆଇଏ ତଦନ୍ତ ସୁପାରିସ

ଜାତୀୟ ଏସ୍‌ସି କମିଶନ ଉପାଧ୍ୟକ୍ଷ ଅରୁଣ ହାଲ୍‌ଦାର ସୋମବାର ସମ୍ବଲପୁର ଗସ୍ତରେ ଆସିଥିଲେ। ହାଲ୍‌ଦାର ପ୍ରଥମେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହିଂସାରେ ଆହତ ହୋଇଥିବା ଅନୁସୂଚିତ ଜାତି(ଏସ୍‌ସି)ର ଯୁବକ ଭବାନିପାଲି ଗ୍ରାମର ବିଶ୍ୱନାଥ ଶିକାଙ୍କୁ ଭେଟିଥିଲେ। ତାଙ୍କ ସହ ଆଲୋଚନାକରି ଘଟଣା ଦିନର ସମସ୍ତ ରିପୋର୍ଟ ତଲବ କରିଥିଲେ। ଏହାପରେ ସେ ସର୍କିଟ ହାଉସରେ ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ କୁମାର ଭାମୁଙ୍କ ସହ ଘଟଣା ବିଷୟରେ ଆଲୋଚନା କରିଥିଲେ। ଏପ୍ରିଲ ୧୪ରେ କିଭଳି ହତ୍ୟା ଘଟଣା ଘଟିଲା ଓ ଜଣେ ଯୁବକ ଆହତ ହେଲେ ଏବଂ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ପଚାରିଥିଲେ।


ଭବାନିପାଲିରେ ଆହତ ପରିବାରଙ୍କୁ ଭେଟି ଆଲୋଚନା କରୁଛନ୍ତି ଏସ୍‌ସି କମିଶନ ଉପାଧ୍ୟକ୍ଷ।

ପରେ ସେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ପ୍ରାଥମିକ ତଦନ୍ତ ରିପୋର୍ଟ ହସ୍ତଗତ ହୋଇଛି। ପ୍ରଶାସନ ପକ୍ଷରୁ ପୀଡ଼ିତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ୧୧ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ମଧ୍ୟ ପୋଲିସ ଖୁବ୍‌ଶୀଘ୍ର ଗିରଫ କରିବ ବୋଲି କହିଛି। ଏସବୁ ସତ୍ତ୍ୱେ ପ୍ରଶାସନ ଓ ପୋଲିସ ଅବହେଳା କରିଥିବା ପରିଲକ୍ଷିତ ହେଉଛି। ପୀଡ଼ିତ ପ୍ରତି ଅଧିକ ଯତ୍ନବାନ୍ ହୋଇନାହିଁ। ଆହତ ବିଶ୍ୱନାଥଙ୍କୁ ବିଶେଷଜ୍ଞ ଡାକ୍ତର ଦ୍ୱାରା ଉଚ୍ଚତର ଚିକିତ୍ସା କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ୩ମାସ ପର୍ଯ୍ୟନ୍ତ ଖାଇବା ସାମଗ୍ରୀ ଯୋଗାଇବା ସହ ତାଙ୍କ ପରିବାରକୁ ରୋଜଗାର ଦେବାକୁ ଜିଲା ପ୍ରଶାସନକୁ କୁହାଯାଇଛି। ପ୍ରାଥମିକ ରିପୋର୍ଟରେ ଦଙ୍ଗା ଘଟଣା ବିଷୟରେ ପ୍ରଶାସନ କିଛି କହି ନାହିଁ। ଯଦି ପ୍ରଶାସନର ତଦନ୍ତରେ ଅବହେଳା ଜଣାପଡ଼େ ତା'ହେଲେ କମିଶନ କାହାକୁ ଛାଡ଼ିବ ନାହିଁ, ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆବଶ୍ୟକ ପଡ଼ିଲେ ଏନ୍‌ଆଇଏ ଦ୍ୱାରା ତଦନ୍ତ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଏପ୍ରିଲ ୧୨ରେ ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଇଁ ବାଇକ୍ ଶୋଭାଯାତ୍ରା ସମୟରେ ଗଣ୍ଡଗୋଳ ହୋଇଥିଲା। ମାରପିଟ ସହ ପୋଡ଼ାଜଳା ଭଳି ଘଟଣା ଘଟିଥିଲା। ଏପ୍ରିଲ ୧୪ରେ ପୁଣି ମାରପିଟ ହୋଇଥିଲା। ଦଲେଇପଡ଼ା ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ଦେବଗଡ଼, ୧୯।୬(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ବନଖଣ୍ଡ ତଥା ବାରକୋଟ ବନାଞ୍ଚଳ କଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ ସୋମବାର ସକାଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ରେଙ୍ଗଟୁ ମହାନ୍ତ(୬୮)। ସବୁଦିନ ଭଳି ସକାଳ ୫ଟାରେ ରେଙ୍ଗଟୁ ଶୌଚ ପାଇଁ ଗାଁ ନିକଟ ବ୍ରାହ୍ମଣୀ ନଦୀକୁ ଯାଉଥଲେ। ଏହି ସମୟରେ ୧୨ଟିକିଆ ହାତୀପଲ ନଦୀକୂଳ ଦେଇ ଯାଉଥିବା ବେଳେ ରେଙ୍ଗଟୁ ସେମାନଙ୍କ ହାବୁଡରେ ପଡିଥିଲେ। ଉକ୍ତ ଦଳରୁ ଏକ ଦନ୍ତା ହାତୀ ତାଙ୍କୁ ଉପରକୁ ଟେକି କଚାଡି ଦେବାସହ ଦାନ୍ତରେ ଭୁସି ଦେଇଥିଲା। ନିକଟରେ ଟୋଲ ଗୋଟାଉଥିବା ଲୋକେ ହୋହଲ୍ଲା କରିବାରୁ ହାତୀପଲ ସେଠାରୁ ଚାଲିଯାଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ବାରକୋଟ ଡାକ୍ତରଖାନା ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଲା ଫରେଷ୍ଟର ପ୍ରୀତମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ବାଇକ୍ ଚଳାଇ ଗଲେ, ଡାକ୍ତରଖାନାରେ ଜୀବନ ଗଲା

- ରାତି ଅଧରେ କାମୁଡ଼ି ଦେଇଥିଲା ସାପ
- ଦୁଇ ଶିଶୁଙ୍କ ଥଇଥାନ ଦାବି

**କେନ୍ଦୁଝର,୧୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ କନ୍ଦରକଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ହେଲେ ରାଇକଳା ପଞ୍ଚାୟତ କନ୍ଦରକଳା ଗ୍ରାମର ସୁଦର୍ଶନ ନାୟକ(୪୧)। କିଛି ଦିନ ତଳେ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିବା ବେଳେ ଏବେ ତାଙ୍କ ମୃତ୍ୟୁ ପରେ ୨ ନାବାଳକ ସନ୍ତାନ ଅନାଥ ହୋଇଯାଇଛନ୍ତି। ରାତି ଅଧରେ ସାପ କାମୁଡ଼ିବା ପରେ ସେ ସାହସ ବାନ୍ଧି ବାଇକ୍ ଚଳାଇ ଡାକ୍ତରଖାନାରେ ପହଞ୍ଚି ଥିବା ବେଳେ ଡାକ୍ତରମାନେ ତାଙ୍କୁ ବଞ୍ଚାଇବାରେ ସକ୍ଷମ ହୋଇପାରି ନ ଥିଲେ।

ପ୍ରକାଶ ଯେ, ସୁଦର୍ଶନ ତାଙ୍କ ଦୁଇ ପିଲାଙ୍କୁ ଧରି ରବିବାର ରାତିରେ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କୁ ଏକ ପାହାଡ଼ିଆ ଚିତି ସାପ କାମୁଡ଼ି ଦେଇଥିଲା। ସାପଟିକୁ ଧରି ସେ ଗୋଟିଏ ଜାଗାରେ ରଖିଥିଲେ। ପରେ ରାତି ୧୨ଟାରେ ନିଜେ ବାଇକ ଯୋଗେ ଝୁମ୍ପୁରା ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। କେନ୍ଦୁଝରରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୩) ରୁଜୁ ହୋଇଛି। ସୁଦର୍ଶନଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ଶିଶୁ ଶ୍ରୀଚୈତନ୍ୟ ନାୟକ(୧୦) ଏବଂ ପ୍ରୀତିକଲ୍ପିତା ନାୟକ (୪) ଅନାଥ ହୋଇଯାଇଛନ୍ତି। ପ୍ରଶାସନ ଅନାଥ ଦୁଇ ଶିଶୁଙ୍କୁ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ସଦର ବ୍ଲକ୍ ପାଟୁଙ୍ଗ ଗ୍ରାମରେ ରବିବାର ରାତିରେ ସାପ କାମୁଡ଼ାରେ ନିଧି ମୁଣ୍ଡା (୧୯)ଙ୍କ ମୃତ୍ୟୁ ହୋଇଛି। ସେ ରାତିରେ ଖାଇପିଇ ଶୋଇଥିବା ବେଳେ ଏକ ଚିତି ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ଏକ ମାତ୍ର ଶିଶୁ ପୁତ୍ର ଅଛନ୍ତି। ସଦର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୬/୨୩)ରୁଜୁ ହୋଇଛି।

# ଦକ୍ଷିଣ-ପୂର୍ବତଟ ରେଳପଥ ପକ୍ଷରୁ ପୁରୀକୁ ୨ ସ୍ପେଶାଲ ଟ୍ରେନ୍

- ହାଓଡ଼ା ପରିବର୍ତ୍ତେ ବାଲେଶ୍ୱରରୁ ଯାତ୍ରା କରିବ
- ପୂର୍ବତଟ ରେଳପଥ ପକ୍ଷରୁ ୨୦୨ ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର,୧୯।୬(ଅଭିଜିତ ଦାସ)** ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାରେ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ରଥଯାତ୍ରାରୁ ଆରମ୍ଭ କରି ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରୁ ପୁରୀକୁ ଶତାଧିକ ସ୍ପେଶାଲ ଟ୍ରେନ ଚଳାଚଳ କରେ। ଅଧିକାଂଶ ଭକ୍ତ ପଶ୍ଚିମବଙ୍ଗରୁ ଆସୁଥିବାରୁ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଅନେକ ସ୍ପେଶାଲ ଟ୍ରେନ୍ ଚାଲିଥାଏ। କିନ୍ତୁ ବାହାନଗା ଟ୍ରେନ୍ ଦୁର୍ଘଟଣା ପାଇଁ ଟ୍ରାକ ମରାମତି କାମ ଶେଷ ହେଉ ନ ଥିବାରୁ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ତେଣୁ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଅଧିକାଂଶ ଟ୍ରେନ୍ ବାତିଲ ହୋଇଥିବାବେଳେ ପୁରୀକୁ ୨ଟି ସ୍ପେଶାଲ ଟ୍ରେନ୍‌ର ବ୍ୟବସ୍ଥା ହୋଇଛି। କିନ୍ତୁ ଟ୍ରେନ୍ ଗୁଡିକ ହାଓଡା ପରିବର୍ତ୍ତେ ବାଲେଶ୍ୱର ଷ୍ଟେଶନରୁ ନିଜର ଯାତ୍ରା ଆରମ୍ଭ କରିବ। ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ କୁହାଯାଇଛି ଯେ, ୧୯ ତାରିଖ ଦିନ ୨୦ଟି ଦୂରଗାମୀ ଟ୍ରେନ୍ ଚଳାଚଳ ବାତିଲ କରାଯାଇଛି। ସେହିପରି ଆଉ କିଛି ଟ୍ରେନ୍ ବାଲେଶ୍ୱର ବଦଳରେ ଝାରସୁଗୁଡା ଦେଇ ଗତିପଥ ପରିବର୍ତ୍ତନ କରାଯିବ। ଖଡଗପୁର ମେମୁ ଲୋକାଲ ଟ୍ରେନ୍ ଉଭୟ ପଟୁ ବାଲେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବ। କେବଳ ୨ଟି ସ୍ୱତନ୍ତ୍ର ଟ୍ରେନ୍ ରଥଯାତ୍ରାରେ ଚଳାଚଳ କରିବ। ଅନ୍ୟପକ୍ଷରେ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଷ୍ଟେଶନରୁ ପୁରୀକୁ ୨୦୨ଟି ସ୍ପେଶାଲ ଟ୍ରେନ୍‌ର ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଛି।
















## ବ୍ରାଜିଲରେ ବାତ୍ୟା: ୧୩ ମୃତ

ବ୍ରାଜିଲରେ ବାତ୍ୟା ଯୋଗୁ ୧୩ ଜଣ ପ୍ରାଣ ହରାଇଛନ୍ତି। ଜୀବନ ରକ୍ଷା ପାଇଁ ବହୁ ହଜାର ଲୋକଙ୍କୁ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଯିବାକୁ ପଡ଼ିଛି। ଗୁରୁବାର ଓ ଶୁକ୍ରବାର ବ୍ରାଜିଲରେ ଲଗାଣ ବର୍ଷା ସାଙ୍ଗକୁ ଖୁବ୍ ଜୋରରେ ପବନ ବହିବା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି।

## ସଂକ୍ଷେପରେ

### ୟୁପି ଅଂଶୁଘାତ ମୃତ୍ୟୁସଂଖ୍ୟା ୬୮

**ଲକ୍ଷ୍ମୌ, ୧୯।୬:** ଉତ୍ତରପ୍ରଦେଶରେ ଗ୍ରୀଷ୍ମଲହର ଜାରି ରହିଥିବାବେଳେ ବାଲିଆ ଜିଲା ହସ୍ପିଟାଲରେ ୨୪ ଘଣ୍ଟା ମଧ୍ୟରେ ଆଉ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭୮ ଜଣ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏହାକୁ ମିଶାଇ ୪ ଦିନରେ ମୃତ୍ୟୁସଂଖ୍ୟା ୬୮ରେ ପହଞ୍ଚିଛି। ଲକ୍ଷ୍ମୌର ଅଧିକାରୀମାନେ ମୃତ୍ୟୁସଂଖ୍ୟା ବୃଦ୍ଧି ଘଟଣାର ତଦନ୍ତ କରୁଛନ୍ତି। ତେବେ ମୃତ୍ୟୁ ସହ ଉଚ୍ଚ ରୌଦ୍ରତାପର ସମ୍ପୃକ୍ତି ସମ୍ପର୍କରେ ବଳିଷ୍ଠ ପ୍ରମାଣ ମିଳି ନ ଥିବା ଜିଲାପାଳ ରବୀନ୍ଦ୍ର କୁମାର କହିଛନ୍ତି। ଜୁନ୍ ୧୫, ୧୬ ଓ ୧୭ରେ ୟୁପିର ବାଲିଆସ୍ଥିତ ଜିଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୪୦୦ ଜଣଙ୍କ ମଧ୍ୟରୁ ୫୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୬୦ରୁ ଅଧିକ। ୧୫ ତାରିଖରେ ୨୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ରେ ୨୦ ଜଣ ଏବଂ ୧୭ରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଚଳନ୍ତା ଅଟୋରେ ପ୍ରେମିକାଙ୍କୁ ହତ୍ୟା

**ମୁମ୍ବାଇ,୧୯।୬:** ମୁମ୍ବାଇର ସାକିନାକାରେ ଚଳନ୍ତା ଅଟୋରେ ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ଗଳାକାଟି ହତ୍ୟା କରିଛନ୍ତି। ପଞ୍ଚଶୀଳା ଜାମଦାର ଓ ଦୀପକ ବୋରସେ ଦୁହେଁ ଅଟୋରେ ଯାଉଥିବାବେଳେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୀପକ ରାଗିଯାଇ ଏକ ଧାରୁଆ ଅସ୍ତ୍ରରେ ପଞ୍ଚଶୀଳାଙ୍କ ଗଳାକାଟି ଥିଲେ। ସେହିଠାରେ ପଞ୍ଚଶୀଳାଙ୍କ ମୃତ୍ୟୁ ଘଟିଥିବାବେଳେ ଦୀପକ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବିଫଳ ହେବା ପରେ ଦୀପକ ସେଠାରୁ ଫେରାର୍ ହୋଇଯାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୋଲିସ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା।

# କଶ୍ମୀରରେ କେନ୍ଦ୍ରୀୟ ଶାସନକୁ ୫ ବର୍ଷ

### ଶୀଘ୍ର ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକର ଦାବି



ଶ୍ରୀନଗର, ୧୯।୬(ପି.ଟି.)

ଜମ୍ମୁ-କଶ୍ମୀରରେ ବିନା ନିର୍ବାଚିତ ସରକାରରେ କେନ୍ଦ୍ରୀୟ ଶାସନକୁ ସୋମବାର ୫ ବର୍ଷ ପୂରିଛି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଗଣତନ୍ତ୍ରର ପୁନଃସ୍ଥାପନା ବିଳମ୍ବ ହେଉଥିବାରୁ ମୁଖ୍ୟ ରାଜନୈତିକ ଦଳ ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ଜମ୍ମୁ-କଶ୍ମୀରରେ ଶେଷଥର ପାଇଁ ୨୦୧୪ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭାଜପା ସମର୍ଥନରେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ନେତୃତ୍ୱରେ ସେଠାରେ ମେଣ୍ଟ ସରକାର ଗଠନ ହୋଇଥିଲା। ଭାଜପା ସମର୍ଥନ ପ୍ରତ୍ୟାହାର କରିନେବାରୁ ମେହବୁବା ୨୦୧୮ ଜୁନ୍ ୧୯ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରିଥିଲେ। ଜମ୍ମୁ-କଶ୍ମୀର ଆରମ୍ଭ ହେବା ସହ ଭାରତରେ ଗଣତନ୍ତ୍ରର ଶେଷ ହୋଇଛି ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ସୋମବାର ଏକ ବ୍ୟଙ୍ଗାତ୍ମକ ଟୁଇଟ୍‌ରେ କହିଛନ୍ତି। ଗଣତନ୍ତ୍ର ଆମ ଶିରାପ୍ରଶିରାରେ ରହିଛି, ଏହା ଆମର ସଂସ୍କୃତି। ଭାରତ ଗଣତନ୍ତ୍ରର ଜନନୀ, ଏହା ଗଣତନ୍ତ୍ରର ମନ୍ଦିର। ଅନ୍ତର୍ଜାତୀୟ ସମୁଦାୟ ଏଭଳି ବଡ଼ ବଡ଼ ଶବ୍ଦକୁ ଖୁସିରେ ଗ୍ରହଣ କରିନେଇଛନ୍ତି। ହେଲେ ଜମ୍ମୁ-କଶ୍ମୀରରେ କେନ୍ଦ୍ରୀୟ ଶାସନକୁ ୫ ବର୍ଷ ପୂରିଛି। ଏଠାରେ ଗଣତନ୍ତ୍ରର ଶେଷ ହୋଇଛି ବୋଲି ଓମାର ଟୁଇଟ୍ କରିଛନ୍ତି। ଭାରତକୁ ଗଣତନ୍ତ୍ରର ଜନନୀ କହୁଥିବା ନେତୃତ୍ୱ ଓ ସାରା ଦେଶ ଲଜ୍ଜାରେ ମଥାନତ କରିବା ଆବଶ୍ୟକ ବୋଲି ପିଡିପି ମୁଖପାତ୍ର ମୋହିତ ଭାନ୍ କହିଛନ୍ତି। ଜମ୍ମୁ-କଶ୍ମୀରରେ ତୁରନ୍ତ ବିଧାନସଭା ନିର୍ବାଚନ କରାଇବା ପାଇଁ ସବୁ ରାଜନୈତିକ ଦଳ ସ୍ୱର ଉଠାଇଛନ୍ତି। ଭାଜପା ମଧ୍ୟ ଏଥିରେ ସାମିଲ ହୋଇଛି। ନିର୍ବାଚନ ତାରିଖ ଘୋଷଣା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କୁ ନିବେଦନ କରିଛନ୍ତି।

## ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଲେ ବ୍ଲିଙ୍କେନ୍

ବେଜିଂ, ୧୯।୬

ବେଜିଂକୁ ଦୁଇଦିନିଆ ଗସ୍ତରେ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ସୋମବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶ୍ୱର ଦୁଇ ସର୍ବବୃହତ୍ ଅର୍ଥନୀତି ମଧ୍ୟରେ ତିକ୍ତତା ବଢ଼ୁଥିବାବେଳେ ପାଖାପାଖି ୫ ବର୍ଷ ପରେ ବ୍ଲିଙ୍କେନ୍ ଚାଇନାକୁ ପ୍ରଥମ ଉଚ୍ଚସ୍ତରୀୟ ସରକାରୀ ଗସ୍ତରେ ଆସିଛନ୍ତି। କଥାବାର୍ତ୍ତାରେ ଅଗ୍ରଗତିକୁ ଉଭୟ ଦେଶ ପ୍ରଶଂସା କରିବା ସହ ସମ୍ପର୍କ ବୃଦ୍ଧି ପାଇଁ ରାଜି ହୋଇଛନ୍ତି। ବେଜିଂସ୍ଥିତ ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲ୍‌ରେ ଜିନ୍‌ପିଙ୍ଗ ଓ ବ୍ଲିଙ୍କେନ୍‌ଙ୍କ ମଧ୍ୟରେ ୩୫ ମିନିଟ ଧରି ଆଲୋଚନା ହୋଇଥିଲା। ଦୁଇଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଅସହମତି ରହିଥିବା ବୈଠକ ଶେଷରେ ବ୍ଲିଙ୍କେନ୍ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସମାଧାନର ବାଟ ବାହାର କରିବା ଉଭୟ ଦେଶର ଦାୟିତ୍ୱ। ଏହା ଉଭୟ ଦେଶର ତଥା ବିଶ୍ୱର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି ବ୍ଲିଙ୍କେନ୍ କହିଛନ୍ତି। ରବିବାର ବ୍ଲିଙ୍କେନ ତାଙ୍କ ଚାଇନା ପ୍ରତିପକ୍ଷ କ୍ୱିନ୍ ଗାଙ୍ଗ୍‌ଙ୍କ ସହ ତାଇୱାନ୍ ପ୍ରସଙ୍ଗ ଏବଂ ୟୁକ୍ରେନ୍ ଯୁଦ୍ଧ ନେଇ ଆଲୋଚନା କରିଥିଲେ।



ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

## ଠକ ଦମ୍ପତିଙ୍କୁ ଧରାପକାଇଲା ମାଗଣା ପାନୀୟ

ଲୁଧିଆନା,୧୯।୬

ପଞ୍ଜାବରୁ ବହୁ କୋଟି ଟଙ୍କା ଠକି ଫେରାର୍ ହେବାକୁ ବସିଥିବା ଠକ ଦମ୍ପତିଙ୍କୁ ପୋଲିସ କୌଶଳକ୍ରମେ ଗିରଫ କରିଛି। ଉତ୍ତରାଖଣ୍ଡ ଚମୋଲି ହେମକୁଣ୍ଡ ସାହିବରୁ ମନଦୀପ କୌର ଓ ସ୍ୱାମୀ ଯଶୱିନ୍ଦର ସିଂଙ୍କୁ ଗିରଫ କରାଯାଇଛି। ପଞ୍ଜାବର କେତେଜଣ ଲୋକଙ୍କଠାରୁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେବା ପରେ ଦମ୍ପତି ତୀର୍ଥ କରିବାକୁ ଯାଇଥିଲେ। ପୋଲିସ ସେମାନଙ୍କଠାରୁ ୨୧ ଲକ୍ଷ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ମୋଟ ୧୨ ଜଣଙ୍କ ମଧ୍ୟରୁ ପୋଲିସ ଏବେସୁଦ୍ଧା ୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ତୀର୍ଥ ଯାତ୍ରା ସାରି ମନଦୀପ ଓ ଯଶୱିନ୍ଦର ନେପାଳ ଫେରାର ହେବାକୁ ଯୋଜନା କରିଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ହେମକୁଣ୍ଡ ସାହିବରେ ମାଗଣା ପାନୀୟ ଶିବିର ଖୋଲାଯାଇଥିଲା। ଶିବିରରୁ ପାନୀୟ ନେଇ ପିଇବାବେଳେ ପୋଲିସ ସେମାନଙ୍କ ଚିହ୍ନଟ କରିଥିଲା। ଦୁହେଁ ପ୍ରାର୍ଥନା ସାରି ଫେରିବା ବେଳକୁ ପୋଲିସ ତାଙ୍କୁ କାବୁ କରିଥିଲା। ମନଦୀପ ଇନ୍ସୁରାନ୍ସ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ଫେବୃୟାରୀରେ ସେ ଯଶୱିନ୍ଦରଙ୍କୁ ବିବାହ କରିଥିଲେ।



ମନଦୀପ କୌର ଓ ଯଶୱିନ୍ଦର ସିଂ

## ବସ୍ ଦୁର୍ଘଟଣା: ୫ ମୃତ

ଚେନ୍ନାଇ,୧୯।୬

ତାମିଲନାଡୁ କୁଡାଲୋରରେ ଦୁଇଟି ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୮୦ ଆହତ ହୋଇଛନ୍ତି। ତିରୁଭାନ୍ନାମାଲାଇରୁ ଆସୁଥିବା ବସ୍‌ଟି ନିୟନ୍ତ୍ରଣ ହରାଇ ଡାହାଣ ପାର୍ଶ୍ୱକୁ ଚାଲିଯାଇଥିବାବେଳେ ବିପରୀତ ଦିଗରୁ ଆସୁଥିବା ବସ୍ ସହିତ ଧକ୍କା ହୋଇଥିଲା। ୨ ବସ୍‌ର ଡ୍ରାଇଭର ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରିଛନ୍ତି।

## ୧୨ ମାନବ ଚାଲାଣକାରୀଙ୍କୁ ଗିରଫ କଲା ପାକ୍

### ଗ୍ରୀସ୍ ଉପକୂଳରେ ବୋଟ୍ ବୁଡ଼ି ୩୦୦ ମୃତ୍ୟୁ ଘଟଣା

କରାଚୀ, ୧୯।୬

ଗ୍ରୀସ୍ ଉପକୂଳରେ ବୋଟ୍ ବୁଡ଼ି ୩୦୦ ଲୋକଙ୍କ ମୃତ୍ୟୁ ଘଟଣାରେ ପାକିସ୍ତାନ ସରକାର ୧୨ ସନ୍ଦିଗ୍ଧ ମାନବ ଚାଲାଣକାରୀଙ୍କୁ ଗିରଫ କରିଛନ୍ତି। ୟୁରୋପୀୟ ଦେଶରେ ବେଆଇନ ଭାବେ ପ୍ରବେଶ କରିବା ଲକ୍ଷ୍ୟରେ ପ୍ରାୟ ୭୫୦ ଜଣ ଏକ ବୋଟ୍‌ରେ ଯାଉଥିବାବେଳେ ଗତ ୧୪ ତାରିଖରେ ଏହା ଗ୍ରୀସ୍ ଉପକୂଳରେ ବୁଡ଼ିଯାଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ପାକିସ୍ତାନୀ। ମାନବ ଚୋରାଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରବିବାର ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ନିର୍ଦ୍ଦେଶ ଦେଇଥିଲେ। ଗିରଫ ବ୍ୟକ୍ତିମାନେ ଲୋକଙ୍କୁ ପ୍ରଲୋଭିତ କରି ସେମାନଙ୍କୁ ବେଆଇନ ଭାବେ ୟୁରୋପ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକୀୟ ଦେଶକୁ ଚୋରା ଚାଲାଣ କରୁଥିଲେ। ସେମାନଙ୍କୁ ବୋଟ୍‌ରେ ପଠାଇବାରେ ମଧ୍ୟ କେତେଜଣ ସମ୍ପୃକ୍ତ ଥିଲେ ବୋଲି ଡିଆଇଜି ଆଲାମ ଶିନୱାରୀ କହିଛନ୍ତି।

## ୫୦୦ ବିମାନ କିଣିବ ଇଣ୍ଡିଗୋ

### ଭାରତୀୟ ଏୟାରଲାଇନ୍ସର ସର୍ବାଧିକ ଅର୍ଡର

ନୂଆଦିଲ୍ଲୀ, ୧୯।୬

ଭାରତର ସର୍ବବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋ ୫୦୦ ଏୟାରବସ୍ ଏ୩୨୦ ବିମାନ କିଣିବା ପାଇଁ ସୋମବାର ଅର୍ଡର କରିଛି। ଭାରତୀୟ ଏୟାରଲାଇନ୍ସର ଏହା ସର୍ବାଧିକ ବିମାନ କ୍ରୟ। ଗତ ଫେବୃୟାରୀରେ ଏୟାରଇଣ୍ଡିଆ ବୋଇଂ ଏବଂ ଏୟାରବସ୍‌ଠାରୁ ୪୭୦ ବିମାନ କିଣିବା ପାଇଁ ଅର୍ଡର କରିଥିଲା। ଇଣ୍ଡିଗୋ ପ୍ରାୟ ୫୦ ବିଲିୟନ ଡଲାରରେ ଏହିସବୁ ବିମାନ କିଣିବାକୁ ଯାଉଛି। ଅଧିକ ସଂଖ୍ୟାରେ ବିମାନ କିଣୁଥିବାରୁ ଏହାକୁ ଭଲ ରିହାତି ମିଳୁଥିବା ଜଣାପଡ଼ିଛି। ଏୟାରବସ୍ କମ୍ପାନୀଠାରୁ କୌଣସି ଏୟାରଲାଇନ୍ସର ଏହା ଏକକାଳୀନ ସର୍ବାଧିକ କ୍ରୟ। ତେବେ ଇଣ୍ଡିଗୋ ପୂର୍ବରୁ କରିଥିବା ଅର୍ଡରରୁ ଏପର୍ଯ୍ୟନ୍ତ ୪୮୦ ବିମାନ ପାଇନାହିଁ। ଚଳିତ ଦଶନ୍ଧି ଶେଷ ସୁଦ୍ଧା ଏଗୁଡ଼ିକ ପ୍ରଦାନ ଲାଗି ଚୁକ୍ତି ହୋଇଥିଲା। ସୋମବାର କରାଯାଇଥିବା ଅର୍ଡର ଅନୁଯାୟୀ ବିମାନଗୁଡ଼ିକ ୨୦୩୦ରୁ ୨୦୩୫ ମଧ୍ୟରେ ମିଳିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।





ପ୍ୟାରିସ୍‌ରେ ଚାଲିଥିବା ଏୟାର ଶୋ'ରେ ପ୍ରମୋଟର ତଥା ଏମ୍‌ଡି ରାହୁଲ ଭାଟିଆଙ୍କ ନେତୃତ୍ୱରେ ଇଣ୍ଡିଗୋ ଟିମ୍ ଏୟାରବସ୍‌ର ସିଇଓ ଗୁଇଲାଉମ୍ ଫାଉରିଙ୍କ ସହ ଏହି ଐତିହାସିକ ବିମାନ କିଣା ଚୁକ୍ତିନାମା ସ୍ୱାକ୍ଷର କରିଛି। ୨୦୦୬ରେ ଇଣ୍ଡିଗୋ ଏୟାରଲାଇନ୍ସ ଆରମ୍ଭ ହେବାଠାରୁ ଇତିମଧ୍ୟରେ ଏୟାରବସ୍‌ରୁ ମୋଟ ୧,୩୩୦ ବିମାନ କିଣିବାକୁ ଅର୍ଡର କରିଛି। ଭାରତର ଏହି ସର୍ବବୃହତ ଘରୋଇ ଏୟାରଲାଇନ୍ସର ବର୍ତ୍ତମାନ ପାଖାପାଖି ୩୧୦ ବିମାନ ଚଳାଚଳ କରୁଛି।

## ମଣିପୁରରେ ପୁଣି ହିଂସା

### ବିବାଦ ଜାରି ରଖିବାକୁ ଭାଜପା ଆଗ୍ରହୀ: କଂଗ୍ରେସ

ନୂଆଦିଲ୍ଲୀ, ୧୯।୬(ପି.ଟି.)

ମଣିପୁରରେ ଏକତା ଦିବସ ପାଳନକୁ ୨୪ ଘଣ୍ଟା ନ ପୂରୁଣୁ ସେଠାରେ ସାନି ହିଂସାକାଣ୍ଡ ଘଟିଛି। ରବିବାର ରାତିରେ ହୋଇଥିବା ସଂଘର୍ଷ ଓ ଗୁଳିମାଡ଼ରେ ଜଣେ ଯବାନ ଆହତ ହୋଇଛନ୍ତି। ବିଭିନ୍ନ ଜିଲାରେ ସଂଘର୍ଷ ଘଟିଥିବାର ଖବର ମିଳିଛି। ମଣିପୁର ଜନସାଧାରଣଙ୍କ ମଧ୍ୟରେ ଏକତା ସୃଷ୍ଟି ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୧୮ରେ ସେଠାରେ ଏକତା ଦିବସ ପାଳନ କରାଯାଏ। ଏହି ଅବସରରେ ୨୦୦୧ ଜୁନ୍ ୧୮ ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ୧୮ ଜଣଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଇମ୍ଫାଲ ଇଷ୍ଟର କାଣ୍ଟୋ ସବାଲ ଅଞ୍ଚଳରୁ କେତେଜଣ ସଶସ୍ତ୍ର ବ୍ୟକ୍ତି ଚିଙ୍ଗମାଙ୍ଗ ଗାଁ ଆଡ଼କୁ ହଠାତ୍ ଗୁଳି ଚଳାଇବାରୁ ସେଠାରେ ମୁତୟନ ଥିବା ଜଣେ ଯବାନ ଆହତ ହୋଇଥିଲେ। ତାଙ୍କୁ ସାମରିକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହିତ ଦୁର୍ବୃତ୍ତମାନେ କେତେକ ଘରେ ନିଆଁ ଲଗାଇଦେଇଥିଲେ। ସେନା ଯବାନମାନେ ପାଲଟା ଜବାବ ଦେବା ସହ ନିଆଁ ଲିଭାଇଥିଲେ। ଉକ୍ତ ଅଞ୍ଚଳକୁ ଅଧିକ ସୁରକ୍ଷା ବଳ ପଠାଯାଇଛି।

ଏହା ବ୍ୟତୀତ ଇମ୍ଫାଲ ଓ କାଙ୍ଗପୋକ୍‌ସି ଜିଲା ସୀମାରେ ସଂଘର୍ଷ ଘଟିଛି। ଏହି ସଂଘର୍ଷ ବେଳେ କୁକି ସମ୍ପ୍ରଦାୟର କେତେଜଣ ଅଜଣା ଲୋକ ଦୁଇଟି ପ୍ରତିଷ୍ଠାନକୁ ଭଙ୍ଗାରୁଜା କରିଛନ୍ତି। ଅନ୍ୟପକ୍ଷରେ କୁକିମାନେ ରହୁଥିବା ହେଙ୍ଗଜାଙ୍ଗ ଗ୍ରାମରେ ଗୁଳିକାଣ୍ଡ ଘଟିଥିବା ଖବର ମିଳିଛି। କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ବିବାଦରୁ ଦେଢ଼ମାସ ହେଲା ମଣିପୁରରେ ହିଂସା ଜାରି ରହିଛି। ଶତାଧିକ ଲୋକ ଏହି ହିଂସାକାଣ୍ଡରେ ପ୍ରାଣ ହରାଇଲେଣି ଓ ଅନେକ ହଜାର ବାସହରା ହୋଇଛନ୍ତି। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଜଳୁଥିବାବେଳେ ଶାନ୍ତି ଫେରାଇ ଆଣିବାରେ ସରକାର ବିଫଳ ହୋଇଛନ୍ତି।

ହିଂସା କ୍ଷତିଗ୍ରସ୍ତ ମଣିପୁର ସ୍ଥିତିକୁ ନେଇ କଂଗ୍ରେସ ସୋମବାର ପୁଣିଥରେ କେନ୍ଦ୍ରକୁ ସମାଲୋଚନା କରିଛି। ବିତୁଥିବା ପ୍ରତ୍ୟେକ ଦିନକୁ ଅବହେଳା କରାଯାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ବିବାଦକୁ ଦୀର୍ଘଦିନ ପର୍ଯ୍ୟନ୍ତ ଜାରି ରଖିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଛି ବୋଲି କଂଗ୍ରେସ କହିଛି। ମଣିପୁରକୁ ସର୍ବଦଳୀୟ ପ୍ରତିନିଧି ପଠାଇବାକୁ ପୂର୍ବରୁ କଂଗ୍ରେସ ଦାବି କରିଥିଲା। କଂଗ୍ରେସ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ କହିଛନ୍ତି, ୪୯ ଦିନ ହେଲା ମଣିପୁର ଜଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ସଙ୍କଟ ଉପରେ ଗୋଟିଏ ବି ଶବ୍ଦ ଉଚ୍ଚାରଣ ନ କରି ୫୦ତମ ଦିନରେ ବିଦେଶ ଗସ୍ତରେ ଯାଉଛନ୍ତି। ଏହି ରାଜ୍ୟରେ ଶତାଧିକ ପ୍ରାଣ ହରାଇଥିବାବେଳେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଅନେକ ଚର୍ଚ୍ଚ ଓ ଉପାସନା ସ୍ଥଳ ଧ୍ୱଂସ ହୋଇଛି। ରାଜ୍ୟ ପ୍ରଶାସନ ସମାଧାନ କରିବା ପରିବର୍ତ୍ତେ ସମସ୍ୟାର ଅଂଶବିଶେଷ ସାଜିଛନ୍ତି।

## ଫୁର୍‌ସତ୍



## ୮୦ ଲକ୍ଷ ଠକେଇର ଶିକାର ହେଲେ ରଶ୍ମିକା

**ମୁମ୍ବାଇ:** ଅଭିନେତ୍ରୀ ରଶ୍ମିକା ମନ୍ଦାନା ୮୦ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ତାଙ୍କ ମ୍ୟାନେଜର ତାଙ୍କ ସହ ଏହି ଜାଲିଆତି କରିଥିବା ଜଣାପଡ଼ିଛି। ଏହା ପରେ ରଶ୍ମିକା ତାଙ୍କ ମ୍ୟାନେଜରଙ୍କୁ ବରଖାସ୍ତ କରିଦେଇଛନ୍ତି। ଏହି ମ୍ୟାନେଜର ଦୀର୍ଘଦିନ ଧରି ରଶ୍ମିକାଙ୍କ ସହ କାମ କରୁଥିଲେ। ରଶ୍ମିକା ବର୍ତ୍ତମାନ ଏହି ଘଟଣା ବିଷୟରେ କିଛି କରିନାହାନ୍ତି କି ଏ ସମ୍ପର୍କରେ କୌଣସି ସରକାରୀ ବିବୃତି ଦେଇନାହାନ୍ତି। ତେବେ ରଶ୍ମିକାଙ୍କୁ ଶେଷଥର ପାଇଁ ଚଳଚ୍ଚିତ୍ର 'ମିଶନ ମଜନୁ'ରେ ଦେଖିବାକୁ ମିଳିଥିଲା। ରଶ୍ମିକା ୨୦୧୬ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ଅନେକ ସାଉଥ୍ ମୁଭି କରିସାରିଲେଣି। ୨୦୨୧ରେ ରିଲିଜ୍ ହୋଇଥିବା ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା: ଦି ରାଇଜ୍' ଜରିଆରେ ଦର୍ଶକଙ୍କ ଅତି ନିକଟତର ହୋଇଥିଲେ। ପୁଷ୍ପାର ୨ୟ ଭାଗରେ ମଧ୍ୟ ସେ ନଜରକୁ ଆସିବାକୁ ଥିବାବେଳେ ଏବେ ତାଙ୍କ ହାତରେ ୨ଟି ଚଳଚ୍ଚିତ୍ର ରହିଛି। ସନ୍ଦୀପ ରେଡ୍ଡୀ ଭଙ୍ଗାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଏନିମଲ'ରେ ଅଭିନେତା ରଣବୀର କପୁରଙ୍କ ସହ ରଶ୍ମିକାଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ଅନିଲ କପୁର ଏବଂ ବବି ଦେଓଲ ମଧ୍ୟ ନଜରକୁ ଆସିବେ। ଆସନ୍ତା ଅଗଷ୍ଟ ୧୧ରେ 'ଏନିମଲ' ରିଲିଜ୍ ହେବ ବୋଲି ଜଣାପଡିଛି।

# ଭିଟାମାଟି ଛାଡ଼ି ପରଦେଶରେ

**ସା**ମ୍ପ୍ରତିକ ବିଶ୍ୱରେ ନିଜ ଦେଶରେ ନିଜର ଭିଟାମାଟି ଛାଡ଼ି ପରଦେଶରେ ବିଭିନ୍ନ କାରଣରୁ ଶରଣ ନେଉଥିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶରଣାର୍ଥୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ଏବଂ ଏସବୁର ସମାଧାନ ପାଇଁ ମିଳିତ ଜାତିସଂଘର ସ୍ୱୀକୃତିକ୍ରମେ ପ୍ରତିବର୍ଷ ଜୁନ୍ ୨୦ରେ ବିଶ୍ୱ ଶରଣାର୍ଥୀ ଦିବସ ପାଳନ କରାଯାଇଥାଏ। ଏହି ଦିବସ ବିଭିନ୍ନ ସ୍ଥାନରୁ ଆସିଥିବା ଶରଣାର୍ଥୀଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଏବଂ ସମ୍ମାନିତ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହି ଦିବସ ପ୍ରଥମେ ୨୦ଜୁନ୍ ୨୦୦୧ ରେ ପ୍ରତିଷ୍ଠିତ ହୋଇଥିଲା। ଶରଣାର୍ଥୀଙ୍କ ସ୍ଥିତି ସହ ଜଡ଼ିତ ସମସ୍ୟାକୁ ଦୃଷ୍ଟିରେ ରଖି ୧୯୫୧ରେ ଶରଣାର୍ଥୀ ସମ୍ମିଳନୀ ୫୦ ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ନିର୍ଭୟରେ ଜୀଇଁବା ଏବଂ ଉନ୍ନତ ଜୀବନଯାପନ କରିବା ଆଶାରେ ନିଜ ଦେଶର ଅଶାନ୍ତ ସ୍ଥିତି ତଥା ନିର୍ଯାତନାରୁ ମୁକ୍ତିପାଇବା ପାଇଁ ପଳାୟନ କରିଥିବା ଶରଣାର୍ଥୀଙ୍କ ପ୍ରତି ସମବେଦନା ପ୍ରଦାନ କରିବା ଉକ୍ତ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱ ଶରଣାର୍ଥୀ ଦିବସ ସେମାନଙ୍କ ଦୁଃଖ ପାଇଁ ବୁଝାମଣାର ସଂକଳ୍ପ ସୃଷ୍ଟିକରେ ଯାହା ସେମାନଙ୍କର ଭବିଷ୍ୟତର ପୁନଃ ନିର୍ମାଣରେ ନୂଆ ରାସ୍ତା ଦେଖାଇଥାଏ।

ବିଶ୍ୱ ଶରଣାର୍ଥୀ ଦିବସ ବିଶ୍ୱ ଶରଣାର୍ଥୀ ସପ୍ତାହ ମାଧ୍ୟମରେ ପାଳନ କରାଯାଏ। ସେମାନଙ୍କ ଆଶ୍ରୟସ୍ଥଳ ଦେଖିବା ସେମାନଙ୍କ ଅନୁଭୂତି ଶୁଣିବା କାର୍ଯ୍ୟକ୍ରମମାନ ଏହି ଦିବସରେ ଆୟୋଜିତ ହୋଇଥାଏ। ଶରଣାର୍ଥୀମାନଙ୍କୁ ଶରଣ ଦେଇଥିବା ଦେଶରେ ଆବଶ୍ୟକ ଖାଦ୍ୟ, ନିଯୁକ୍ତି ସୁଯୋଗ, ଶିକ୍ଷାର ସୁଯୋଗ ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ଏହାଦ୍ୱାରା ସେମାନେ ସେମାନଙ୍କର ଜ୍ଞାନର ଉପଯୋଗକରି ବିଦେଶର ଶ୍ରମ ବଜାରର ଶୂନ୍ୟସ୍ଥାନ ପୂରଣ କରିବାରେ ସାହାଯ୍ୟ କରିପାରିବେ। ୪ ଡିସେମ୍ବର ୨୦୦୦ ରେ ମିଳିତ ଜାତିସଂଘର ସାଧାରଣ ସଭା ୫୫/୭୬ ରିଜୋଲ୍ୟୁଶନରେ ଏହି ଦିବସ ପାଳନକୁ ଅନୁମୋଦନ କରିଥିଲା।

ଏହି ସମ୍ମିଳନୀରେ ଶରଣାର୍ଥୀଙ୍କୁ ସମ୍ମାନିତ କରିବା, ସଚେତନତା ସୃଷ୍ଟି କରିବା ଏବଂ ସମଗ୍ର ବିଶ୍ୱରେ ପ୍ରଭାବିତ ଲୋକଙ୍କୁ ସହାୟତା ମାଗିବା ପାଇଁ ସ୍ମରଣ କରାଯାଇଥିଲା। ୨୦୦୦ ପୂର୍ବରୁ ବିଭିନ୍ନ ଦେଶରେ ଆଫ୍ରିକୀୟ ଶରଣାର୍ଥୀ ଦିବସ ଆନୁଷ୍ଠାନିକ ଭାବରେ ପାଳନ କରାଯାଉଥିଲା। ଜାତିସଂଘ ସୂଚାଇ ଦେଇଥିଲା ଆଫ୍ରିକୀୟ ଏକତା ସଙ୍ଗଠନ (ଓଏୟୁ) ୨୦ ଜୁନ୍‌ରେ ଆଫ୍ରିକା ଶରଣାର୍ଥୀ ଦିବସ ସହିତ ଅନ୍ତର୍ଜାତୀୟ ଶରଣାର୍ଥୀ ଦିବସ ସମକକ୍ଷ ହେବାକୁ ରାଜି ହୋଇଛି। ମିଳିତ ଜାତିସଂଘର ଶରଣାର୍ଥୀ ହାଇ କମିଶନର '# ୱିଥ୍ ରେଫ୍ୟୁଜ' ଆବେଦନ ଆରମ୍ଭକରି କାର୍ଯ୍ୟ, ଏକତା ଏବଂ ଦାୟିତ୍ୱରେ ଥିବା ଲୋକଙ୍କୁ ବାର୍ତ୍ତା ପଠାଇବା ପାଇଁ ସାରା ବିଶ୍ୱରେ ଶରଣାର୍ଥୀମାନଙ୍କ ତରଫରୁ କାର୍ଯ୍ୟ କରିଥିଲେ।

ମିଳିତ ଜାତିସଂଘ ସମ୍ପ୍ରଦାୟ ସହିତ ମିଶି ଶରଣାର୍ଥୀ ସଙ୍କଟ ଦୂର କରିବାକୁ ଏବଂ ସାରା ବିଶ୍ୱରେ ବିସ୍ଥାପିତଙ୍କ ପାଇଁ ଘର ଖୋଜିବାକୁ ଚେଷ୍ଟାକରେ। ୧୯୬୭ ମସିହାରେ, ମିଳିତ ଜାତିସଂଘ ୧୯୫୧ ସମ୍ମିଳନୀର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଶରଣାର୍ଥୀ ମାନ୍ୟତା ପାଇଁ ଆବେଦନ କରୁଥିବା ଲୋକଙ୍କ ସଂଖ୍ୟାକୁ ବିସ୍ତାର କରିଥିଲା ଯାହା ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ଜଣେ ଶରଣାର୍ଥୀଙ୍କୁ ବ୍ୟକ୍ତି ଭାବରେ ପରିଭାଷିତ କରାଯାଇଥିଲା। ଏହା ୧୯୬୭ ପ୍ରୋଟୋକଲ ଭାବରେ ପରିଚିତ ହୋଇଥିଲା। ସେହି ସମୟରେ ପ୍ରୋଟୋକଲ ସମୟସୀମା ଏବଂ ଶରଣାର୍ଥୀ ହେବାର ଅର୍ଥର ଭୌଗୋଳିକ ସଂଜ୍ଞା ହଟାଇ ଦିଆଯାଇଥିଲା।

ପ୍ରତିବର୍ଷ ଏହି ଦିବସ ଅବସରରେ ସ୍ୱତନ୍ତ୍ର ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ବିଶ୍ୱ ଶରଣାର୍ଥୀ ଦିବସରେ ଅନ୍ତର୍ଭୁକ୍ତୀକରଣ ଏବଂ ଶରଣାର୍ଥୀ ସମାଧାନର ମୂଲ୍ୟ(ଭାଲ୍ୟୁ ଅଫ୍ ଇନ୍‌କ୍ଲୁଜନ ଆଣ୍ଡ ରିଫ୍ୟୁଜି ସଲ୍ୟୁଶନ) ଉପରେ ଗୁରୁତ୍ୱାରୋପ କରାଯାଇଛି। ଶରଣାର୍ଥୀଙ୍କୁ ପୁନର୍ବାର ଜୀବନଯାପନ କରିବାରେ ସାହାଯ୍ୟ କରିବା ଏବଂ ସେମାନଙ୍କୁ ଶରଣ ଦେଇଥିବା ରାଷ୍ଟ୍ରଗୁଡିକରେ ଯୋଗଦାନ ଦେବାରେ ସର୍ବୋତ୍ତମ ଉପାୟ ହେଉଛି ସେମାନଙ୍କୁ ସେହି ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ କରିବା ଯେଉଁଠାରେ ସେମାନେ ହିଂସା ଏବଂ ନିର୍ଯାତନାରୁ ରକ୍ଷାପାଇବା ପରେ ଭୟମୁକ୍ତ ହୋଇ ପାରିଛନ୍ତି।



### ବିଶ୍ୱ ଶରଣାର୍ଥୀ ଦିବସ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅର୍ତିଶ୍
ପରିବାରବର୍ଗ


ଦିଶା
ପରିବାରବର୍ଗ


ଜିତ୍
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୪ଟି ତତ୍କାଳ ଫଇସଲା
# ମିଳିତ ଜନଶୁଣାଣିରେ ୭୦ ଅଭିଯୋଗ

**ଜଗତ୍‌ସିଂହପୁର, ୧୯।୬ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୭୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ବ୍ୟକ୍ତିଗତ ୫୮ ଓ ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୨ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡିକ ମଧ୍ୟରୁ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୩, ଆବାସ ଯୋଜନା ୨, ଜମିଜମା ୧୪, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୧, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨, ଭତ୍ତା ସମସ୍ୟା ୨, ପୋଲିସ ସହାୟତା ୫ ଏବଂ ଅନ୍ୟାନ୍ୟ ୧୫ଟି ରହିଥିଲା । ଏସବୁ ଅଭିଯୋଗ ଉପରେ ଶୁଣାଣି ହୋଇଥିଲେ ସୁଦ୍ଧା ୧୪ଟି ତତ୍କାଳ ଫଇସଲା ହୋଇଛି। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ପାରୁଲ ପଟୱାରୀ, ଏସ୍‌ପି ରାହୁଲ ପିଆର୍, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜଗତ୍‌ସିଂହପୁର ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମମତା


@ ପ୍ରିୟଚନ୍ଦନ


@ ସ୍ୱୟଂଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତୁଳସୀ କ୍ଷେତ୍ରରେ ୨ଦିନ ରଥଟଣା

**କେନ୍ଦ୍ରାପଡ଼ା, ୧୯।୬(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରରେ ଆସନ୍ତା ୨୦ ଓ ୨୧ରେ ଶ୍ରଦ୍ଧାଳୁ ଶ୍ରୀବ୍ରହ୍ମ ତାଳଧ୍ୱଜ ରଥ ଟାଣିବେ। ଏଥିପାଇଁ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ରବିବାର ଶ୍ରଦ୍ଧାଳୁ ପାଇଥିବା ବେଳେ ସୋମବାର ଉଭାଯାତ୍ରା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୮ଟାରେ ବ୍ରହ୍ମ ତାଳଧ୍ୱଜ ରଥରେ ନେତ ବନ୍ଧାହେବା ସହ ରଥ ପ୍ରତିଷ୍ଠା ହେବ। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ତୁଳସୀ କ୍ଷେତ୍ରରେ ଶ୍ରୀଜୀଉଙ୍କ ରୀତିନୀତିରେ କିଛିଟା ଭିନ୍ନତା ଥିଲେ ମଧ୍ୟ ଜଗନ୍ନାଥ ସଂସ୍କୃତିକୁ ଅନୁକରଣ କରାଯାଉଛି। ଶ୍ରୀଜୀଉ ମଣି ବିଗ୍ରହ ହୋଇଥିବାରୁ ନବକଳେବର ସମ୍ପୂର୍ଣ୍ଣ ହୁଏ ନାହିଁ। ଏହାବ୍ୟତୀତ ବ୍ରହ୍ମ ତାଳଧ୍ୱଜ ରଥରେ ଶ୍ରୀଜୀଉଙ୍କ ବିରାଜମାନ ପରେ ମାତ୍ର ୧୦୦ ମିଟର ମଧ୍ୟରେ ପ୍ରଥମଦିନ ଯାତ୍ରା କରିଥାନ୍ତି। ପରଦିନ ଏହି ରଥଯାତ୍ରା ସମ୍ପୂର୍ଣ୍ଣ ହୁଏ। ସେହିପରି ଶ୍ରୀକ୍ଷେତ୍ରରେ ଗୋଟି ପହଣ୍ଡି ହୋଇ ରଥକୁ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ ହୁଅନ୍ତି। ତେବେ ତୁଳସୀ କ୍ଷେତ୍ରରେ ଏକ ସାଙ୍ଗରେ ବା ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ଗମନ କରିଥାନ୍ତି। ବାହୁଡ଼ା ପରଦିନ ଶ୍ରୀକ୍ଷେତ୍ରରେ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଶ୍ରୀଜୀଉଙ୍କୁ ରଘୁନାଥ ବେଶ କରାଯାଏ। ରଥଯାତ୍ରାକୁ ନେଇ ସେବାୟତ ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ରଥ ଦୁର୍ଘଟଣାକୁ ନେଇ ୨ଟି ଘଟଣା ଏବେ ବି ଲୋକମୁଖରେ ଶୁଣାଯାଉଛି ।୧୮୯୭ ମସିହାରେ ହଇଜା ପ୍ରବଳ ହୋଇଥିଲା। ସେହିବର୍ଷ ରଥଯାତ୍ରାରେ ଶ୍ରୀଜୀଉଙ୍କ ମୁକୁଟ କିଛି ଅଂଶରେ ପୋଡ଼ିଯିବା, ମଣ୍ଡପରୁ ରଣା ସାପ ବାହାରିବା ଆଦି ଦେଖାଦେବାରୁ କିଛି ବଡ଼ ଧରଣର ବିପଦ ଆସିବ ବୋଲି ସ୍ଥାନୀୟ ଲୋକଙ୍କୁ ସୂଚନା ମିଳିଥିଲା। ସେହିପରି ୧୯୧୭ ମସିହାରେ ରଥ ଚକ ଭାଙ୍ଗିବା ଘଟଣା ଏବେ ବି ଜନମୁଖରେ ଅଛି। ଏଥିସହ କରୋନା ସଂକ୍ରମଣ ପାଇଁ ୨୦୨୦ ଓ ୨୦୨୧ରେ ରଥଟଣା ହୋଇପାରି ନ ଥିଲା। ଆସନ୍ତା ରଥଯାତ୍ରା ସମ୍ପର୍କରେ ସେବାୟତ ନରୋତ୍ତମ କର କହିଛନ୍ତି, ତୁଳସୀ କ୍ଷେତ୍ରରେ ଶ୍ରୀବଳଦେବ ଜୀଉ ଅଧିପତି। ଏଠାରେ ଅନ୍ୟ କ୍ଷେତ୍ର ପରି ୩ ରଥରେ ବିରାଜମାନ ହୁଅନ୍ତି ନାହିଁ। ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥରେ ଚତୁର୍ଦ୍ଧାମୂର୍ତ୍ତି ବିରାଜିତ ହୁଅନ୍ତି। ପ୍ରତିବର୍ଷ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ମନ୍ଦିର ସହ ସମ୍ପୃକ୍ତ ସମସ୍ତ ସେବାୟତ ଓ କର୍ମଚାରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିଯାଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ରଥରେ ଶ୍ରୀଜୀଉଙ୍କ ଦର୍ଶନ ଓ ସେବାକୁ ନେଇ ବହୁ ଉତ୍ସାହିତ ଅଛୁ। ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ରଥଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥକୁ କାରିଗରମାନେ ଶେଷ ସ୍ପର୍ଶ ଦେଉଛନ୍ତି। ମନ୍ଦିରରେ ୨ଦିନ ଧରି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ରଥଟଣା ୨ଦିନ ଧରି ହେବାକୁ ଥିବାରୁ ଏହି କ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଏଥିସହ ଯାତାୟାତ ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି।





**ପ୍ରଥମ ଜନ୍ମବାର୍ଷିକୀରେ ଶୁଭେଚ୍ଛା**


ଜାଗୃତି (ଦିଶା)
ହଳଦିଆ, ମାର୍ଶାଘାଇ, କେନ୍ଦ୍ରାପଡ଼ା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସୁସ୍ଥ, ନୀରୋଗ, ଦୀର୍ଘାୟୁ କରନ୍ତୁ।
ତୋର ବାପା, ମାଆ, ଆତ୍ମୀୟସ୍ୱଜନ ।
ଧ-୦୬୧୪

**ଜନ୍ମଦିନ ଶୁଭେଚ୍ଛା**


ଶିବାଂଶୀ ମଲ୍ଲିକ (ସିଦ୍ଧି)
ଆଜି ତୋର ଷଷ୍ଠ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା। ଶୁଭେଚ୍ଛା ସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ଅଜା: ସୁରେନ୍ଦ୍ର, ଆଈ: ପାର୍ବତୀ, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ସ୍ମୃତି, ବଡ଼ମା: ରଞ୍ଜିତା, ଲୋପାମୁଦ୍ରା, ଭଉଣୀ: ରିଧି, ଶୁଭି, ଭାଇ, ମାମୁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ ।
ଧ-୦୬୦୫

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**


ARTISH PRADHAN
ରଗଡ଼ିସାହି, ଢେଙ୍କାନାଳ ଟାଉନ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥକୁ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବାପା, ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ ଓ ପରିବାରବର୍ଗ।
ଧ-୭୪୦୭୩

**୮ମ ଜନ୍ମବାର୍ଷିକ ଶୁଭେଚ୍ଛା**


ମୁକେଶ କୁମାର ସେଠୀ (ଜିତ୍)
ବନପୁର, ସାକ୍ଷୀଗୋପାଳ, ଜିଲ୍ଲା:ପୁରୀ
ଆଜି ତୁମର ୮ମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମେ ଦୀର୍ଘାୟୁ ଓ ଯଶସ୍ୱୀ ହୁଅ । ତୁମର ଚଲାପଥ ସଦା କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ । ଏହାହିଁ ଆମର କାମନା ଓ ଆଶୀର୍ବାଦ । ଶୁଭେଚ୍ଛା ସହ: ଜେଜେ, ମା, ଅଜା, ଆଈ, ମାମୁ, ମାଇଁ, ଦାଦା, ଖୁଡୀ, ବାପା, ବୋଉ ଓ ପିଉସା ପିଉସୀମାନେ ।
ଧ-୦୬୧୨

# Classified Everyday
**0674-2580101, 2549949**


**REAL ESTATE**

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872



Tolet Purpose: Office/Godown, Area 3600sqft. place 1503/c Acharyavihar. Contact No.- 8018830098. D-0617

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74695

Spa Kerala body Massage only best Therapist @699/-, Bhubaneswar. 9337672475. D-0610

Newly open Salon/ SPA with expert therapist (health benefits). 8114322659. D-75120

**AFFIDAVIT**

I, Prita Rani Mishra, D/o- Debi Prasad Mishra, Flat No.- 5/102, Balmiki Debashram, SBI Colony, Kesura, Bhubaneswar-751002, Dist.- Khurda, Odisha declare by this affidavit C.F. No.-16, dtd.- 09.06.2023 that now onwards I shall be known as Prita Tripathy for all future purposes. D-0609

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Geeta Rani Mishra, W/o- Gangadhar Mishra, resident of House No- 4, Smile City Scape, Kanchilo, Balianta, Bhubaneswar, Odisha, Pin-752101 declare by this affidavit No. 60AA 384638 dated- 03 Feb. 2023 that from now onwards I shall be known as **Mamata Manjari Mishra** for all future purposes. D-0608

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱସାବିତ୍ରୀ ସିଂହ (ଖୁଜାରି)
ବଳରାମପ୍ରସାଦ, ଅନୁଗୋଳ
ଆବିର୍ଭାବ: ୧୯।୦୧।୧୯୫୯
ତିରୋଧାନ: ୧୧।୦୭।୨୦୨୧ (ରଥଯାତ୍ରା)
ଚାହୁଁ ଚାହୁଁ ୨ବର୍ଷ ପୂରିଗଲା, ହେଲେ ମନରୁ ଭୁଲିପାରୁନୁ ତୁମକୁ, ଆଜିବି ମନେପଡୁଛ। ପୁଣି ଫେରି ଆସିବ, ଏଇ ସଜାଡ଼ିଥିବା ଘରକୁ....। ଆଜିର ଏହି ପବିତ୍ର (ରଥଯାତ୍ରା) ଦିନରେ ତୁମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ ଓ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶ୍ରଦ୍ଧାଞ୍ଜଳି: ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା ଓ ଜାମାତାଗଣ, ନାତି ଓ ନାତୁଣୀମାନେ, ଶୋକସନ୍ତପ୍ତ ସିଂହ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୬୧୫

**୨୨ତମ ଶ୍ରାଦ୍ଧବାର୍ଷିକୀ**


ସ୍ୱଚିତ ରଞ୍ଜନ ଦାସ
ଗ୍ରାମ- ପଟିଆ, ଭୁବନେଶ୍ୱର
ଆବିର୍ଭାବ- ୨୪।୦୬।୧୯୨୪
ତିରୋଧାନ- ୨୨।୦୬।୨୦୦୧
ଚାହୁଁ ଚାହୁଁ ୨୩ବର୍ଷ ବିତିଗଲା, ତୁମେ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଗଲା । ଆଜି ୨୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୫୯୫୫୭


**LEGAL NOTICE**

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ
ସିଭିଲ ସୁଟ୍ ନଂ. ୪୩/୨୦୨୨
ବିରଞ୍ଚି ସେଠି ଏବଂ ଅନ୍ୟମାନେ ..... ବାଦୀ
ବନାମ
ଆଲୋକ କୁମାର ମଙ୍ଗରାଜ ଏବଂ ଅନ୍ୟମାନେ ....ପ୍ରତିବାଦୀ

ପ୍ରାପ୍ତେଷୁ
କ୍ରମିକ ନଂ-୪: ଚିତ୍ରାଙ୍ଗଦା ଦେବି, ପି- ୰ ନବୀନ ପ୍ରସାଦ ଦେବ, ସା- ଯୋଗିନ୍ଦ୍ର ଭିଲ୍ଲା ପାଲେସ ବୌଦ୍ଧ, ଜି- ବୌଦ୍ଧ। ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ ସୁଟ ନଂ. ୪୩/ ୨୦୨୨ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୪।୭।୨୩ରିଖ ଦିନ ୧୦.୩୦ ଘ. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର ସିଭିଲ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ
D-0613

# ଭାବର ଠାକୁର



**ଭକ୍ତ ଭାବରେ ବନ୍ଧା କାଳିଆ ଠାକୁର। ସେଇଥିପାଇଁ ତ ବର୍ଷରେ ଥରେ ରତ୍ନବେଦି ଛାଡ଼ି ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଚାଲି ଆସନ୍ତି ଭକ୍ତ ପାଖକୁ ବଡ଼ଦାଣ୍ଡକୁ। ଆଉ ରଥଉପରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନରେ ଭକ୍ତ ବି ହୋଇଉଠନ୍ତି ବିଭୋର। ତେବେ ଏହି ଭାବଭକ୍ତିପୂର୍ଣ୍ଣ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ସାମିଲ ହେବାର ସୁଯୋଗ ପାଇଥିବା କେତେଜଣ ମହିଳା ଯାହା କୁହନ୍ତି ନିଜ ଅନୁଭୂତି ସମ୍ପର୍କରେ...**

## କାଳିଆର ମାୟା ଅପାର



**ମନସ୍ୱିତା ଦାସ**(ପେଣ୍ଠକଟା, ପୁରୀ)– ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାରେ ସାମିଲ ହୋଇ ବେଶ୍ ଭାଗ୍ୟବାନ୍ ମନେକରୁଛି। ଘର ବ୍ରହ୍ମପୁର ହୋଇଥିଲେ ମଧ ପିଲାବେଳେ ପରିବାର ଲୋକେ ପୁରୀ ଚାଲି ଆସିଥିଲେ ଏବଂ ପୁରୀରେ ବାହାହୋଇଥିବାରୁ ମହାପ୍ରଭୁଙ୍କ ଦର୍ଶନ ସହ ତାଙ୍କ ଘୋଷଯାତ୍ରାରେ ସାମିଲହେବାର ସୌଭାଗ୍ୟ ପାଉଛି। ରଥ ଟାଣିବା ଓ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଉଥିବାରୁ ନିଜକୁ ଭାଗ୍ୟବାନ୍ ମନେକରୁଛି। ମନେପଡୁଛି କଲେଜରେ ପଢୁଥିବା ବେଳର ଘଟଣା। ଏକ କ୍ୟାମ୍ପରେ ବଡ଼ଦାଣ୍ଡରେ ଭକ୍ତଙ୍କ ସେବାରେ ଯୋଗଦେଇଥିଲି। ପହଣ୍ଡି ବିଜେ ସମୟରେ ସାହସକରି ଗହଳିରେ ପଶି ଜଗା ଦର୍ଶନ କରିବାକୁ ଖୁବ୍ ଚେଷ୍ଟା କରିବା ସତ୍ତ୍ୱେ ବିଫଳହୋଇ ମନ ଦୁଃଖରେ ଫେରି ଆସୁଥିଲି। ହେଲେ ହଠାତ୍ ମନେହେଲା କେହି ଯେମିତି ପଛରୁ ଡାକୁଛି। ସେ ଅପରୂପ ମନୋହର କାଳିଆର ମାୟା ଅପାର ! ଏତେ ଗହଳି ମଧ୍ୟରେ ବି ମୁଁ ଚକାଆଖିର ଝଲକ ଦେଖିବାକୁ ପାଇଥିଲି। ମୋ ଆଖି ଆନନ୍ଦାଶ୍ରୁରେ ଉଚ୍ଛୁଳି ପଡ଼ିଥିଲା। ତା'ପରେ ପରିବାର ସହ ଯାଇ ରଥରେ ପ୍ରଭୁଙ୍କ ଦର୍ଶନ କରିଥିଲି। ସତରେ ରଥରେ ସେ ଦୟାମୟଙ୍କୁ ଦେଖିବାର ଅନୁଭୂତି ନିଆରା।



ମନସ୍ୱିତା ପ୍ରିୟମ୍ବଦା ସତ୍ୟଭାମା ତପସ୍ୱିନୀ ମିକି କଳ୍ପନା ଲିନୁ

## ବିନା କର୍ଡନ ପାସ୍‌ରେ ରଥ ଟାଣିଲି

**ପ୍ରିୟମ୍ବଦା ତ୍ରିପାଠୀ**(ଅଧ୍ୟାପିକା, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ)– କିଛି ବର୍ଷ ତଳର କଥା। ବଡ଼ଦାଣ୍ଡରେ ରଥ ଦଉଡ଼ି ଟାଣିବା ଲାଗି ପୁରୀ ଧାଇଁ ଆସିଥିଲି। ହେଲେ ଇଚ୍ଛା କଲେ ମଧ୍ୟ କର୍ଡର୍ନ ପାସ୍ ପାଇପାରି ନ ଥିଲି। ତେଣୁ ସିଂହଦ୍ୱାର ସାମ୍ନାସାହିର ତିନି ମହଲା କୋଠା ଉପର ଛାତରେ ମୁଁ ରଥଯାତ୍ରା ଦେଖିବା ପାଇଁ ବସିଥିଲି। ରତ୍ନ ସିଂହାସନରୁ ଧାଡ଼ି ପହଣ୍ଡିରେ ଆସିବାବେଳେ ବାଇଶି ପାହାଚଠାରୁ ପହଣ୍ଡି ଦେଖାଯାଉଥିଲା। ପୋଲିସ କର୍ଡନ ଭିତରେ ରଥଗୁଡ଼ିକ ରହିଥିଲା। ଏଭଳି ଭାବେ ପ୍ରଭୁ ସୁଦର୍ଶନ, ଦେବୀ ସୁଭଦ୍ରା ଓ ମହାପ୍ରଭୁ ବଳଭଦ୍ରଙ୍କର ପହଣ୍ଡି ଶେଷହୋଇ ସେମାନେ ରଥାରୂଢ଼ ହୋଇସାରିଥିଲେ। ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହେଲାବେଳେ ଲୋଭ ସମ୍ଭାଳି ନ ପାରି ପାଖରୁ ଦର୍ଶନ ପାଇଁ ଛାତରୁ ତଳକୁ ଓହ୍ଲାଇଲି। ରଥକୁ ନେବା ବେଳକୁ କର୍ଡନ ଉଠିଗଲା। ଏପରି ସମୟରେ ପହଣ୍ଡି ସହିତ ରଥ ପାଖକୁ ଯାଇ ପାରିଲି। ଏକ ଅଲୌକିକ ଘଟଣା ଭଳି ମୋତେ କର୍ଡନର ପାସ୍ ଆବଶ୍ୟକତା ପଡ଼ି ନ ଥିଲା। ସେ କର୍ଡନ ଭିତରେ ରଥ ଟାଣିବା ଯାଏଁ ମୁଁ ଓ ଅନ୍ୟ କେତେଜଣ ଭକ୍ତ ଠିଆହୋଇ ପାରିଥଲୁ। କିନ୍ତୁ ଛେରା ପହଁରା ବେଳକୁ ମୋତେ ଓ ମୋ ସହ ଅନ୍ୟ ଲୋକଙ୍କୁ କର୍ଡନ ବାହାରେ ରଥ ଦଉଡ଼ି ନିକଟରେ ଠିଆହେବାକୁ କୁହାଯାଇଥିଲା। ସେତେବେଳର ଘଟଣା ମନେପଡ଼ିଲେ ଅନୁଭବ ହେଉଥାଏ ଯନ୍ତ୍ର ଭଳି ମହପ୍ରଭୁଙ୍କ ନିର୍ଦ୍ଦେଶ ପାଳନ ହେଉଛି। ରଥଟଣା ହେବାବେଳେ ମୋ ସହିତ ଅନ୍ୟ କେତେଜଣ ଭକ୍ତ ଭକ୍ତିର ସହ ଠାକୁରଙ୍କର ନାମକୀର୍ତ୍ତନରେ ଭାଗନେଇ ପାରିଥିଲୁ। ଖରା ପ୍ରବଳ ହେଉଥିଲା କିନ୍ତୁ ଜଳସିଞ୍ଚନ ଓ ଈଶ୍ୱର କୃପା ଯୋଗୁ ବାଧା ଜଣାପଡୁ ନ ଥିଲା। ଶ୍ରୀଜୀଉଙ୍କର ଛଡ଼ା ତୁଳସୀ ସୁବିଧାରେ ମିଳିପାରିଥିଲା।

## ପ୍ରଭୁଙ୍କ ଦର୍ଶନ ଲାଗି ମନ ବ୍ୟାକୁଳ

**ସତ୍ୟଭାମା ସାହୁ** (ପଲଟନ ପଡ଼ିଆ, ଖୋର୍ଦ୍ଧା)– ମହାପ୍ରଭୁଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ମିଳେ। ତେଣୁ ପ୍ରତିବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ସପରିବାର ଯାଉ। ହେଲେ ଇଚ୍ଛା ଥିଲେ ବି ଏବେ ବୟସର ଅପରାହ୍ନରେ ତାଙ୍କୁ ଦର୍ଶନ କରିବାର ସୁଯୋଗ ମିଳୁନାହିଁ। ଏତେ ଭିଡ ଭିତରେ ନିଜକୁ ସମ୍ଭାଳି ରଥଟାଣିବାକୁ ଆଉ ସାହସ ପାଉନି। ହେଲେ ଶ୍ରୀଜୀଉଙ୍କ ଦର୍ଶନ ଲାଗି ମନ ସବୁବେଳେ ବ୍ୟାକୁଳ। ମୋ ନାତି ଶ୍ରୀଜଗନ୍ନାଥଙ୍କ ଭଳିକି ଭଳି ଚିତ୍ର ଅଙ୍କନ କରୁଛି। ରଥ ନିର୍ମାଣକରି ମହାପ୍ରଭୁଙ୍କୁ ବିଜେକରାଇ ରଥ ଟାଣୁଛି। ଏହାକୁ ଦେଖି ଆନନ୍ଦିତ ହେଉଛି। ହେଲେ ସେ ଆଡ଼ପ ଦର୍ଶନର ବର୍ଣ୍ଣନା ଅବର୍ଣ୍ଣନୀୟ।

## ଚକାଆଖିରେ ମନ ଲାଖିଯାଏ

**ତପସ୍ୱିନୀ ନାଗ**(ଅବକାଶ ଲେନ୍, ପୁରୀ)– ଘୋଷଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ସେଥିପାଇଁ କାହିଁ କେତେ ଦୂରରୁ ଭକ୍ତଙ୍କ ସୁଅ ଛୁଟିଆସେ ବଡଦାଣ୍ଡକୁ। ସେ ପରମବ୍ରହ୍ମ, ଲୀଳାମୟ ଠାକୁର। ଧରାପୃଷ୍ଠରେ ସେ ମାନବୀୟ ଲୀଳା କରୁଛନ୍ତି। ବଡ଼ଦାଣ୍ଡରେ ଠିଆହୋଇ ହାତଟେକି ଦେଇ ହେ କାଳିଆ ସାଆନ୍ତ ବୋଲି ଡାକିଦେଲେ ଆନନ୍ଦ କହିଲେ ନ ସରେ। ମହାପ୍ରଭୁଙ୍କ ଚକାନୟନରେ ଆଖି ଲାଗିଗଲେ, ଆଉ କିଛି ଆବଶ୍ୟକ ପଡ଼େ ନାହିଁ। ଚକାଆଖିରେ ମନ ଲାଖିଯାଏ।

## ନିଜକୁ ଭାଗ୍ୟବାନ୍ ମନେକରୁଛି

**ମିକି ସୁଏସୁଗୁ**(ଇନୁୟାମା, ଆଇଚି, ଜାପାନ)– ଜଗନ୍ନାଥଙ୍କ ପ୍ରେମ ମୋତେ ସୁଦୂର ଜାପାନରୁ ପୁରୀକୁ ଟାଣି ଆଣିଛି। ଯେହେତୁ ଶ୍ରୀମନ୍ଦିର ଭିତରେ ଦର୍ଶନ ହୋଇପାରିବ ନାହିଁ ତେଣୁ ବଡ଼ଦାଣ୍ଡରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାରେ ଅଂଶଗ୍ରହଣକରି ରଥାରୂଢ଼ ପ୍ରଭୁଙ୍କ ଦର୍ଶନ କରିବାକୁ ନେଇ ବେଶ୍ ଉତ୍କଣ୍ଠିତ। ମହାପ୍ରଭୁଙ୍କ ଦୟାରୁ ଏହି ସମୟରେ ପୁରୀ ଭଳି ପବିତ୍ର ସ୍ଥାନ ପରିଦର୍ଶନ କରିବାକୁ ଆସିପାରିଥିବାରୁ ନିଜକୁ ଭାଗ୍ୟବାନ୍ ମନେକରୁଛି। ଏଠାକାର ଲୋକମାନଙ୍କ ଶାନ୍ତ ସ୍ୱଭାବ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସୁନ୍ଦର ବ୍ୟବହାର ମୋତେ ଆହୁରି ଭକ୍ତିମୟ କରୁଛି। ତେବେ ଏହା କାଳିଆ ଠାକୁରଙ୍କ ପ୍ରତି ଥିବା ସେମାନଙ୍କ ଭଲପାଇବା ବୋଲି ଜଣାପଡୁଛି। ତା'ଛଡ଼ା ପୁରୀର ସୁନ୍ଦର ଦୃଶ୍ୟ ବି ମୋତେ ବିମୋହିତ କରିଛି। ସଭିଙ୍କ ଭଳି ମୋତେ ବି 'ଜୟ ଜଗନ୍ନାଥ' କହି ସମସ୍ତଙ୍କ ସହ କଥା ହେବାରେ ଏକ ଭିନ୍ନ ଆନନ୍ଦ ମିଳୁଛି। ରଥଯାତ୍ରା ଉପଲକ୍ଷେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ମତେ ବାରମ୍ବାର ଏହି ଉତ୍ସବରେ ସାମିଲ କରିବା ଲାଗି ମହାପ୍ରଭୁଙ୍କ ନିକଟରେ ଅଳି କରୁଛି।

## ଶ୍ରୀକ୍ଷେତ୍ରରେ ରଥଯାତ୍ରା ନିଆରା

**କଳ୍ପନା ପାଣିଗ୍ରାହୀ** (ଗୋଷାଣୀନୂଆଗାଁ, ବ୍ରହ୍ମପୁର)– ସ୍କୁଲ କାମ ବ୍ୟସ୍ତତା ମଧ୍ୟରେ ଶ୍ରୀକ୍ଷେତ୍ରକୁ ଯିବାକୁ ଇଚ୍ଛା ଥିଲେ ବି ସୁଯୋଗ ମିଳେନାହିଁ। ହେଲେ ଚଳିତ ବର୍ଷ ଆମେ ୫ଜଣ ସାଙ୍ଗ ଏକାଠି ହୋଇଛୁ ଘୋଷଯାତ୍ରାରେ ସାମିଲ ହେବାପାଇଁ। ରଥାରୂଢ଼ ଠାକୁରଙ୍କ ଦର୍ଶନ ସହ ରଥ ଟାଣିବାକୁ ମନସ୍ଥ କରିଛୁ। ନିଜ ଅଞ୍ଚଳରେ ରଥଯାତ୍ରା ଯେତେ ଦେଖିଲେ ବି ଶ୍ରୀକ୍ଷେତ୍ରରେ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନରେ ଏକ ନିଆରା ଭାବ ରହିଛି।

## ଭକ୍ତର ମନ ବୁଝନ୍ତି ମହାପ୍ରଭୁ

**ଲିନୁ ନାୟକ**(କର୍ମଜୀବୀ, କେନ୍ଦ୍ରାପଡ଼ା)– ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ଘୋଷଯାତ୍ରାରେ ସାମିଲ ହେବାର ସୁଯୋଗ ମିଳେ। ଆଜି ପୂର୍ଣ୍ଣ ହୋଇଛି। ସାରା ବିଶ୍ୱକୁ ମହାପ୍ରଭୁ ତାଙ୍କ ଚକ୍ର ଆଢୁଆଳରେ ରଖିଥାନ୍ତୁ ଏହାହିଁ ପ୍ରାର୍ଥନା। ମହାପ୍ରଭୁଙ୍କ କୃପାରୁ ଏବେ କିଛି ବର୍ଷ ହେବ ପୁରୀରେ ନିଯୁକ୍ତି ପାଇଛି। ପ୍ରଥମେ ପ୍ରଥମେ ପୁରୀ ଆସିଥିବା ବେଳେ ଦିନେ ରାତିରେ ମା'ଙ୍କ ଦେହ ଖରାପ ହେଲା। କିନ୍ତୁ ପାଖରେ କେହି ନ ଥିବାରୁ କେମିତି ଡାକ୍ତରଖାନା ନେବି ଚିନ୍ତାରେ ପଡ଼ିଗଲି। ଏଣେ ନୂଆ ଆସିଥିବାରୁ କେହି ଭଲ ଭାବେ ଚିହ୍ନା ମଧ୍ୟ ହୋଇ ନ ଥିଲେ। ଏ ଅବେଳରେ କାହାକୁ ସାହାଯ୍ୟ ମାଗିବି ବୋଲି ବିକଳରେ ମହାପ୍ରଭୁଙ୍କୁ ଡାକୁଥିଲି। ଠିକ୍ ଏହି ସମୟରେ ଜଣେ ବନ୍ଧୁ ହଠାତ୍ ଘରେ ଆସି ପହଞ୍ଚିଲେ। ତାଙ୍କ ସହାୟତାରେ ମା'ଙ୍କୁ ନେଇ ମେଡିକାଲ ଗଲି। ସେ ସୁସ୍ଥ ହୋଇ ଫେରିଲେ। ଭକ୍ତ ଭାବରେ ବନ୍ଧା ରଥଯାତ୍ରାରେ ସାମିଲହୋଇ ନିଜକୁ ଭାଗ୍ୟବାନ୍ ମନେକରୁଛି। ସାରା ବିଶ୍ୱକୁ ଦର୍ଶନଦେବା ପାଇଁ ମହାପ୍ରଭୁ ଶ୍ରୀମନ୍ଦିର ଛାଡ଼ି ରଥାରୂଢ଼ ହୋଇଛନ୍ତି। ଶ୍ରୀବିଗ୍ରହମାନଙ୍କ ରଥ ସ୍ପର୍ଶକରି ଜୀବନର ସବୁ ଅଭିଳାଷ କାଳିଆ ଠାକୁର ଭକ୍ତର ମନ ବୁଝିପାରନ୍ତି ବୋଲି ଶୁଣିଥିଲି। ସେଦିନ ମହାପ୍ରଭୁଙ୍କ କୃପା ନିଜ ଅଙ୍ଗେ ନିଭାଇଥିଲି।
















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୦/୨୦୨୩ Bhubaneswar, Tuesday, June 20/ 2023

# ପଦକ ଜିତିବାରେ ଭବାନୀ ଦେବୀ ପ୍ରଥମ

**ନୂଆଦିଲ୍ଲୀ, ୧୯।୬ (ପି.ଟି.)**

ଅଲିମ୍ପିଆନ ସି.ଏ. ଭବାନୀ ଦେବୀ ଏସିଆନ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଚାଇନାର ଓକ୍ସିଠାରେ ଅନୁଷ୍ଠିତ ଏହି କଣ୍ଟିନେଣ୍ଟାଲ ଇଭେଣ୍ଟର ମହିଳା ସାବ୍ରେ ସେମିଫାଇନାଲରେ ସେ

## ଏସିଆନ୍ ଫେନ୍‌ସିଂ ଚାମ୍ପିୟନଶିପ୍

ହାରିଯାଇଛନ୍ତି। ତେବେ ଏସିଆନ ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ବିବେଚିତ ହୋଇଛନ୍ତି। ଭବାନୀ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମୁକାବିଲାରେ ଉଜ୍‌ବେକିସ୍ତାନର ଜେନାବ ଦାୟିବେକୋଭାଙ୍କଠାରୁ ୧୪-୧୫ରେ ହାରିଯାଇଛନ୍ତି। ଭବାନୀ ପୂର୍ବରୁ କ୍ୱାର୍ଟରଫାଇନାଲରେ ବିଶ୍ୱ ଚାମ୍ପିୟନ ଜାପାନର ମିସାକି ଏମୁରାଙ୍କ ବିପକ୍ଷ ଲଢ଼େଇ ୧୫-


ସି.ଏ. ଭବାନୀ ଦେବୀ

୧୦ରେ ବିଜୟୀ ହୋଇଥିଲେ। ମିସାକି କାଇରୋଠାରେ ୨୦୨୨ରେ ଅନୁଷ୍ଠିତ ବିଶ୍ୱ ଫେନ୍‌ସିଂ ଚାମ୍ପିୟନଶିପ୍ ମହିଳା ସାବ୍ରେରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମିସାକିଙ୍କ ବିପକ୍ଷରେ ଭବାନୀଙ୍କର ଏହା ହେଉଛି ପ୍ରଥମ ବିଜୟ। ପୂର୍ବରୁ ସେ ଜାପାନିଜଙ୍କ ବିପକ୍ଷ ସମସ୍ତ ମୁକାବିଲାରେ ପରାଜିତ ହୋଇଛନ୍ତି। ୨୯ ବର୍ଷୀୟା ଭବାନୀ ରାଉଣ୍ଡ ଅଫ୍ ୧୬ରେ ବାଏ ପାଇବା ପରେ ପରବର୍ତ୍ତୀ ରାଉଣ୍ଡରେ କାଜାଖସ୍ତାନର ଦୋସ୍ପେ କାରିନାଙ୍କୁ ହରାଇ ଦେଇଥିଲେ। ପ୍ରି-କ୍ୱାର୍ଟରରେ ତୃତୀୟ ସିଡ୍ ଓଜାକି ସେରିଙ୍କ ବିପକ୍ଷରେ ବିଜୟ ହାସଲ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏହି ଐତିହାସିକ ସଫଳତା ପାଇଁ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ସେକ୍ରେଟାରି ଜେନେରାଲ ରାଜୀବ ମେହେଟା ଭବାନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଶ୍ୱିନୀ-ତନିଶାଙ୍କୁ ଟାଇଟଲ


ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ।

**ନାଣ୍ଟିସ (ଫ୍ରାନ୍ସ), ୧୯।୬ (ପି.ଟି.)**

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ ନାଣ୍ଟିସ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେମାନେ ଚାଇନିଜ ତାଇପେର ହଙ୍ଗ୍ ଏନ୍ ଜୁ ଓ ଲିନ୍ ୟୁ-ପେଙ୍କୁ ୨୧-୧୫, ୨୧-୧୪ରେ ହରାଇ ଦେଇଛନ୍ତି। ମ୍ୟାଚ ଜିତିବାକୁ ଭାରତୀୟ ଯୋଡ଼ି ମାତ୍ର ୩୧ ମିନିଟ ସମୟ ନେଇଥିଲେ। ତେବେ ଭାରତ ମିକ୍ସଡ ଡବଲ୍ସ ଫାଇନାଲରେ ହାରିଯାଇଛି। ତନିଶା ଓ କେ. ସାଇ ପ୍ରତୀକ କ୍ୱାଲିଫାୟରରୁ ଫାଇନାଲରେ ପହଞ୍ଚି ଥିଲେ। ମାତ୍ର ସେମାନେ ଡେନମାର୍କର ମାଡ୍ସ ଭେଷ୍ଟରଗାର୍ଡ ଓ କ୍ରିଷ୍ଟିନ୍ ବସ୍କଙ୍କଠାରୁ ୨୧-୧୪, ୧୪-୨୧, ୧୭-୨୧ରେ ହାରିଯାଇଥିଲେ। ସୂଚନାଯୋଗ୍ୟ, ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟ ବିଡବ୍ଲ୍ୟୁ ୱାର୍ଲ୍ଡ ସିରିଜର ଅଂଶ ବିଶେଷ ନୁହଁନ୍ତି।

# ପଞ୍ଜାବକୁ ହରାଇଲା ଓଡ଼ିଶା

## ଜାତୀୟ ସିନିୟର ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୧୯।୬**
**(ବିଜୟ ରଣା)**

ଚଳିତ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ୨୦୨୩ରେ ଓଡ଼ିଶା ଏହାର ତୃତୀୟ ରାଉଣ୍ଡ ମ୍ୟାଚରେ ପଞ୍ଜାବକୁ ୫-୦ ଗୋଲ୍‌ରେ ପରାସ୍ତ କରିଛି। ପଞ୍ଜାବର ଗୁରୁନାନକ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଦଳ ପକ୍ଷରୁ ସତ୍ୟବତୀ ଖାଡ଼ିଆ (୩୬ତମ ଓ ୬୮ତମ) ଓ ସୁଭଦ୍ରା ସାହୁ (୪୭ତମ ଓ ୭୫ତମ) ଦୁଇଟି ଲେଖାଏଁ ଗୋଲ୍ ଦେଇଥିବା ଯଶୋଦା ମୁଣ୍ଡା (୧୨ତମ) ଗୋଟିଏ ଗୋଲ୍ ଦେଇଥିଲେ।




# ଭାରତୀୟ ଫୁଟବଲ ଦଳକୁ ମିଳିଲା ୧ କୋଟି

**ଭୁବନେଶ୍ୱର, ୧୯।୬ (ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଇଣ୍ଟରକଣ୍ଟିନେଣ୍ଟାଲ କପ ଚାମ୍ପିୟନ ଭାରତୀୟ ଦଳକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ରବିବାର ଲେବାନନକୁ ୨-୦ରେ ପରାସ୍ତ କରି ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସୋମବାର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ

## ବାହାନଗା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ୨୦ ଲକ୍ଷ ଦେଲେ ଖେଳାଳି

କ୍ରିଷ୍ଣା ଏହି ଚେକ୍ ପ୍ରଦାନ କରିଥିଲେ। ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ, ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ ଓ ସର୍ବଭାରତୀୟ ଫୁଟବଲ ଫେଡେରେଶନ ସମ୍ପାଦକ ଶାଜି ପ୍ରଭାକରନ ଏହି ପୁରସ୍କାର ରାଶି ଗ୍ରହଣ କରିଥିଲେ। ଆସନ୍ତା ସାଫ୍ ଚାମ୍ପିୟନଶିପ୍ ପାଇଁ ମୁଖ୍ୟମନ୍ତ୍ରୀ ଭାରତୀୟ ଦଳକୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଓଡ଼ିଶାରେ ମିଳିଥିବା ଆତିଥେୟତା ସହିତ ଅର୍ଥ ପୁରସ୍କାର ପାଇଁ ଖେଳାଳିମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**ବାହାନଗା ପାଇଁ ୨୦ ଲକ୍ଷ:** ଭାରତୀୟ ଦଳକୁ ୧ କୋଟି ଟଙ୍କାର ପୁରସ୍କାର ମିଳିବା ପରେ ଏଥିରୁ ୨୦ ଲକ୍ଷ ଟଙ୍କାର ବାହାନଗାର ଦୁର୍ଘଟଣା ପୀଡିତଙ୍କୁ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ସମସ୍ତ ଖେଳାଳି। ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ କାର୍ଯ୍ୟରେ ଏହି ଅର୍ଥ ବ୍ୟବହୃତ ହେବ। ଆର୍ଥିକ ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ



ଚେକ୍ ଗ୍ରହଣ କରୁଛନ୍ତି ଭାରତୀୟ ଫୁଟବଲ ଦଳ ଅଧିନାୟକ ସୁନୀଲ ଛେତ୍ରୀ।

ଧନ୍ୟବାଦ, ଫୁଟବଲ ଡ୍ରେସିଂରୁମ୍ ତୁରନ୍ତ ଏଥିରୁ ୨୦ ଲକ୍ଷ ଟଙ୍କା ଦାନ କରିବା ପାଇଁ ନିଷ୍ପତ୍ତି ନେବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଭାରତୀୟ ଫୁଟବଲ ଦଳ ପକ୍ଷରୁ ଟୁଇଟ୍ କରାଯାଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



DADLS - 15

# ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୩ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଆଧାତ୍ମ ଅନ୍ୱେଷଣର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0057/2324

DADLS-15

ଓଡ଼ିଶା ସରକାର





## ଶ୍ରୀଗୁଣ୍ଡିଚା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0057/2324





DADLS - 15

# ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ଅସ୍ମିତା ଏବଂ ସାଂସ୍କୃତିକ ଗୌରବର ସର୍ବୋତ୍ତମ ପରିଚୟ ତଥା ଜଗତର ନାଥ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଆମ ରାଜ୍ୟର ସମୃଦ୍ଧି ଓ ଅଭିବୃଦ୍ଧି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ନମ୍ର ପ୍ରଣତି ଜଣାଉଛି।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0057/2324

DSPL-94

ମୋ ସରକାର

State Transport Authority
Odisha

# ସୁରକ୍ଷିତ ରଥଯାତ୍ରାର ଶୁଭକାମନା

## ରାଜ୍ୟ ସରକାରଙ୍କ ଦ୍ୱାରା ସଡ଼କ ସୁରକ୍ଷାକୁ ସମୃଦ୍ଧ କରିବା ପାଇଁ ଉତ୍ତମ ଚାଳକ ପ୍ରଶିକ୍ଷଣ ଯୋଜନାର ପରିକଳ୍ପନା

| ଫ୍ରେଶର ଡ୍ରାଇଭିଂ ଟ୍ରେନିଙ୍ଗ୍ | ରିଫ୍ରେଶର ଟ୍ରେନିଙ୍ଗ୍ |
|---|---|
| • ଯୋଗ୍ୟତା - ଆପଣଙ୍କ ପାଖରେ ହାଲୁକା ମୋଟର ଯାନ ଚଳାଇବା ପାଇଁ ଲାଇସେନ୍ସ ଥିବା ଆବଶ୍ୟକ<br>• ଅବଧି – ୩୦ ଦିନ<br>• ସୁବିଧା – ମାଗଣା ରହିବା ଓ ଖାଇବା ପାଇଁ ଛାତ୍ରାବାସର ସୁବିଧା<br>• ରାଜ୍ୟ ସରକାର ଏହି ତାଲିମର ସମସ୍ତ ଖର୍ଚ୍ଚ ବହନ କରିବେ | • ଯୋଗ୍ୟତା - ଅଧିକାଂଶ ଏଚ୍‌ଏମ୍‌ଭି ଡ୍ରାଇଭରମାନେ ରାସ୍ତାରେ ଯାନବାହନ ଚଳାଇବା ଆରମ୍ଭ କରିବା ପୂର୍ବରୁ ଆନୁଷ୍ଠାନିକ ଭାବେ ତାଲିମପ୍ରାପ୍ତ ହୁଅନ୍ତି କିମ୍ବା ସେମାନଙ୍କର ସଠିକ୍ ଡ୍ରାଇଭିଙ୍ଗ ଟେଷ୍ଟ କରାଯାଇନାହିଁ। ସେମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ତମାନର ତାଲିମ ପାଇପାରିବେ।<br>• ଅବଧି – ୩ ଦିନ<br>• ସୁବିଧା – ମାଗଣା ରହିବା ଓ ଖାଇବା ପାଇଁ ଛାତ୍ରାବାସର ସୁବିଧା<br>• ରାଜ୍ୟ ସରକାର ଏହି ତାଲିମର ସମସ୍ତ ଖର୍ଚ୍ଚ ବହନ କରିବେ |

ତାଲିମ୍ ପ୍ରକ୍ରିୟା
• ଶ୍ରେଣୀଗୃହ ତାଲିମ୍, ଡ୍ରାଇଭିଙ୍ଗ ଟ୍ରାକ୍ ଓ ସଡ଼କସୁରକ୍ଷା ସମ୍ବନ୍ଧୀୟ ବ୍ୟବହାରିକ ତାଲିମ।
• ଯୋଗ, ପ୍ରାଣାୟାମ, ନିଜସ୍ୱ ସ୍ୱାସ୍ଥ୍ୟ ରକ୍ଷା ତଥା ଯୋଗାଯୋଗ ଦକ୍ଷତା ତାଲିମ, ପ୍ରଥମିକ ଆଶୁ ଚିକିତ୍ସା ତାଲିମ ପ୍ରଦାନ କରାଯାଏ

| ଛତିଆ, ଆଇଡିଟିଆର୍ | ବଣାଇ, ଆଇଡିଟିଆର୍ |
|---|---|
| • ୪୪ ଏକର ଜମିରେ ପରିବ୍ୟାପ୍ତ<br>• ବର୍ତ୍ତମାନ ସୁଧା ୬୭,୦୦୦ ଜଣ ତାଲିମପ୍ରାପ୍ତ ହୋଇ ନିଯୁକ୍ତି ପାଇଛନ୍ତି<br>• ଏକ ବର୍ଷରେ ୨୪୦୦ ଛାତ୍ରଙ୍କୁ ତାଲିମ ଦେବା ପାଇଁ ଏହି ଅନୁଷ୍ଠାନର ସର୍ବାଧିକ କ୍ଷମତା ଅଛି | • ୩୭ ଏକର ଜମିରେ ପରିବ୍ୟାପ୍ତ<br>• ବାର୍ଷିକ ୨୮୮୦ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା ପାଇଁ ସକ୍ଷମ<br>• ଏହି ଅନୁଷ୍ଠାନରେ ୨୦୦ଜଣ ଲୋକ ବସିବା କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ଅଡିଟୋରିୟମ ଅଛି |

ବିଶ୍ୱସ୍ତରୀୟ ଓ ଅତ୍ୟାଧୁନିକ ତାଲିମ ସୁବିଧା ଓ ଚାକିରୀ ଯୋଗାଇବା ପାଇଁ ସହାୟତା
• ଉଭୟ ଆଇଡିଟିଆର୍‌ରେ ଅତ୍ୟାଧୁନିକ ଡ୍ରାଇଭିଙ୍ଗ ଟ୍ରେନିଙ୍ଗ ଟ୍ରାକ୍, ଆଧୁନିକ ଏସି ଶ୍ରେଣୀଗୃହ, କଟ୍ ମଡେଲ୍ ରୁମ୍, ଇଞ୍ଜିନ କର୍ମଶାଳା, ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍, ଛାତ୍ରାବାସ, ରୋଷେଇଘର ଏବଂ ଡାଇନିଂ ରୁମ୍ ଅଛି
• ତାଲିମ ପାଇଁ ୨ଟି ଏଚ୍‌ଏମ୍‌ଭି ଓ ଏଲ୍‌ଏମ୍‌ଭି ଡ୍ରାଇଭିଂ ସିମୁଲେଟର ଶ୍ରେଣୀଗୃହ, ୪ଟି ଭାରୀ ଯାନ ଏବଂ ୨ଟି ହାଲୁକା ଯାନ ଏଠାରେ ଉପଲବ୍ଧ ଅଛି

| ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ<br>ଛତିଆ ଆଇଡିଟିଆର | ବଣାଇ, ଆଇଡିଟିଆର୍ |
|---|---|
| ଫୋନ୍ ୭୦୭୭୪ ୨୭୫୭୧, ୯୧୭୮୯ ୨୭୭୭୩<br>ଇ-ମେଲ୍ - dti.chhatia@gmail.com<br>ୱେବ୍‌ସାଇଟ୍ - www.hmvdti.com | ଫୋନ୍ - ୮୨୮୦୯ ୯୩୦୮୩<br>୮୨୮୦୯ ୦୭୫୦୩<br>ଇ-ମେଲ୍ - idtr.bonai@gmail.com |

ମାଗଣା ଡ୍ରାଇଭିଂ ତାଲିମ୍ ନିଅନ୍ତୁ ଓ ଚାକିରୀଟିଏ ପାଆନ୍ତୁ



OIPR-38003/13/0009/2324

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ଓଡିଶା ଫେରିଲେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ

**ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର):** ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସୁସ୍ଥ ହୋଇ ଦୀର୍ଘଦିନ ପରେ ଓଡିଶା ଫେରିଛନ୍ତି। କୋଭିଡ୍ ମହାମାରୀରେ ଆକ୍ରାନ୍ତ ହୋଇ ଗୁରୁତର ହେବାପରେ ସେ ପ୍ରଥମେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାପରେ ତାଙ୍କୁ ସେଠାରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘଦିନ ଧରି ସେ ଦିଲ୍ଲୀରେ ଚିକିତ୍ସାଧୀନ ହେବା ପରେ ସେ ଧୀରେଧୀରେ ସୁସ୍ଥ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ହେଲେ ଏହା ଭିତରେ ସେ ଓଡିଶା ଆସି ନ ଥିଲେ। ସୋମବାର ବିଳମ୍ବିତ ସନ୍ଧ୍ୟାରେ ସେ ଓଡିଶା ଫେରିଛନ୍ତି। ତାଙ୍କୁ ଭାଜପା ନେତାମାନେ ବିମାନବନ୍ଦର ଠାରେ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି।

# ଯୁକ୍ତ ୩ ନାମଲେଖା ଆବେଦନ ଆରମ୍ଭ

**ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା):** ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ କଳା, ବିଜ୍ଞାନ, ବାଣିଜ୍ୟ ଓ ସେଲ୍ଫ ଫାଇନାନ୍ସିଂ କୋର୍ସରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ସୋମବାର ଆରମ୍ଭ ହୋଇଛି। ଆବେଦନର ଶେଷ ତାରିଖ ଜୁଲାଇ ୪ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଛି। ତେବେ ପ୍ରଥମ ଦିନରେ ରାତି ୮ଟା ସୁଦ୍ଧା ୪,୫୦୭ଜଣ ପଞ୍ଜୀକରଣ କରିଥିବାବେଳେ ୪,୪୭୬ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। ୨୧ ଜୁନ୍‌ରୁ ଜୁଲାଇ ୭ ମଧ୍ୟରେ ଆବେଦନକାରୀ ତଥ୍ୟ ପରିବର୍ତ୍ତନ କରିପାରିବେ। କଟ୍‌ଅଫ୍ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୪ରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୨୭ ଅପରାହ୍ଣ ୨ଟାରେ ଓ ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୯ରେ ପ୍ରକାଶ ପାଇବ। କଲେଜଗୁଡ଼ିକର ଅବଶିଷ୍ଟ ଆସନରେ ନାମ ଲେଖାଇବା ପାଇଁ ଚତୁର୍ଥ ପର୍ଯ୍ୟାୟ ମେଧା ତାଲିକା ଅଗଷ୍ଟ ୨୧ରେ, ପଞ୍ଚମ ପର୍ଯ୍ୟାୟ ସେପ୍ଟେମ୍ବର ୧ରେ ଓ ଶେଷ ତଥା ଷଷ୍ଠ ପର୍ଯ୍ୟାୟ ମେଧା ତାଲିକା ସେପ୍ଟେମ୍ବର ୧୩ରେ ପ୍ରକାଶ ପାଇବ। ପ୍ରତ୍ୟେକ ଡିଗ୍ରୀ କଲେଜ କର୍ତ୍ତୃପକ୍ଷ ନିଜ ନିଜ କଲେଜରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ବିବରଣୀ ସହ ଖାଲିପଡ଼ିଥିବା ଆସନ ସମ୍ପର୍କରେ ଇ-ସ୍ପେସ୍‌ରେ ସୂଚନା ଦେବେ। ସୂଚନାଯୋଗ୍ୟ, ୨୦୨୩-୨୪ ଶିକ୍ଷାବର୍ଷରେ ୧୦୪୨ କଲେଜର ୨ ଲକ୍ଷ ୭୦ହଜାର ୩୪୭ ସିଟ୍‌ରେ ନାମଲେଖା ହେବ। କଳା ବିଭାଗରେ ୧ ଲକ୍ଷ ୫୧ ହଜାର ୯୦୨, ଫିଜିକାଲ ସାଇନ୍ସରେ ୪୬,୧୩୯, ବାୟୋଲୋଜିକାଲ ସାଇନ୍ସରେ ୨୮,୬୯୨, ବାଣିଜ୍ୟର ୩୨,୩୮୦, ସେଲ୍ଫ ଫାଇନାନ୍ସିଂର ୨,୦୮୬ ଓ ସଂସ୍କୃତରେ ୯,୧୪୮ ସିଟ୍ ରହିଛି।

## ଆଜି ସରୁଛି ଯୁକ୍ତ ୨ ନାମଲେଖା ଆବେଦନ

**ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା):** ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର କଲେଜଗୁଡ଼ିକରେ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପ୍ରଥମବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ମଙ୍ଗଳବାର ଶେଷ ହେଉଛି। ସାମସ୍ ପୋର୍ଟାଲରୁ ମିଳିଥିବା ସୂଚନା ଅନୁସାରେ, ସୋମବାର ରାତି ୮ଟା ସୁଦ୍ଧା ୪,୭୩,୦୦୪ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୪,୩୬,୩୬୭ଜଣ ଆବେଦନ କରିଛନ୍ତି। ସେହିପରି ୪,୩୧,୯୮୯ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। କଟ୍‌ଅଫ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁନ ୨୮ ସକାଳ ୧୧ଟା ୪୫ରେ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ଜୁନ୍ ୨୯ରୁ ଜୁଲାଇ ୫ ସନ୍ଧ୍ୟା ୬ଟା ସୁଦ୍ଧା ନାମ ଲେଖାଇବେ।

# ପ୍ରଫୁଲ୍ଲଙ୍କ ମନ୍ତବ୍ୟକୁ ନେଇ ଘେରିଲେ ବିରୋଧୀ

**ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ନେଇ ବିରୋଧୀ କଡ଼ା ସମାଲୋଚନା କରିବାରେ ଲାଗିଛନ୍ତି। ଏହାକୁ ବିରୋଧୀ ଏକ ପ୍ରମୁଖ ପ୍ରସଙ୍ଗ କରିଛନ୍ତି। ତେବେ ବିରୋଧୀଙ୍କ ଏହି ମନ୍ତବ୍ୟ ଉପରେ ଶାସକ ଦଳର ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରତିକ୍ରିୟା ରଖି ରବିବାର କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ସବୁଆଡକୁ ଯାଇପାରୁ ନ ଥିବା ଲୋକ। ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ସବୁଆଡେ ପଠାଉଛନ୍ତି। ମନେକର ଅନେକ ସମୟରେ ବିଭିନ୍ନ ସ୍ଥାନରେ ବନ୍ୟା ହେଉଛି ସବୁଠାକୁ କ'ଣ ପ୍ରଧାନମନ୍ତ୍ରୀ ଦେଖିବାକୁ ଯାଉଛନ୍ତି। ଅନେକ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କ ଟିମ୍‌କୁ ପଠାଉଛନ୍ତି। ସେମାନେ ସବୁ କଥାର ସର୍ବେକ୍ଷଣ କରୁଛନ୍ତି। ବିରୋଧୀଙ୍କ ପାଖରେ କିଛି ବିଷୟବସ୍ତୁ ନାହିଁ। ସେମାନେ କେବଳ ବିରୋଧ କରିବା ଛଳରେ ଏମିତି କରୁଛନ୍ତି ବୋଲି ପ୍ରଫୁଲ୍ଲ କହିଥିଲେ। ପ୍ରଫୁଲ୍ଲ ମୁଖ୍ୟମନ୍ତ୍ରୀ ସବୁଆଡେ ଯାଇପାରୁ ନ ଥିବା ଲୋକ ବୋଲି କହିବା ପରେ ଏହି କଥାକୁ ବିରୋଧୀ ଢାଲ କରିଛନ୍ତି। ମଙ୍ଗଳବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟୁଇଟ୍ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁଆଡେ ଯାଇ ନ ପାରିବା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। କାହିଁକି ଏପରି ଅକ୍ଷମତା ଏବଂ ଏହାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ସୁସ୍ଥ ଓ ନିଜେ ଶାସନ ଭାର ସମ୍ଭାଳୁଛନ୍ତି ତେବେ ଏହି ପ୍ରସଙ୍ଗ ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ସବୁଆଡେ ଯାଇପାରୁ ନାହାନ୍ତି ବୋଲି କାହିଁକି କହିଲେ ତାଙ୍କ ଦଳର ବିଧାୟକ। ଲୋକମାନେ ନବୀନଙ୍କୁ ଭୋଟ୍ ଦେଇଛନ୍ତି। ସେ ଆଗକୁ ଆସନ୍ତୁ ବୋଲି ଲୋକମାନେ ଚାହୁଁଛନ୍ତି। ଅଫିସରଙ୍କ ଗସ୍ତ ଲାଗି ମନ୍ତ୍ରୀ ବ୍ୟବସ୍ଥା କରୁଛନ୍ତି। ଦେଶର କୌଣସି ରାଜ୍ୟରେ ଏପରି ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ସେପଟେ ଶାସକ ଦଳ ବିଧାୟକ ସୁଧୀର ସାମଲ କହିଛନ୍ତି. କେଉଁ ବୟସ୍କ ନେତା କ'ଣ କହିଲେ ନ କହିଲେ ସେଇଟାରେ କିଛି ନାହିଁ। କାହା ବାଚଲାମି ଲାଗି କିଏ କଣ କହିଲେ କିଛି ଯାଏ ଆସେ ନାହିଁ। ମୁଖ୍ୟମନ୍ତ୍ରୀ ସବୁଆଡେ ଯାଇପାରୁଛନ୍ତି ନା ନାହିଁ ସେକଥା ସମସ୍ତେ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ହେଉଛନ୍ତି ସରକାର। ସିଏ କେଉଁ ସଚିବଙ୍କୁ ମ୍ୟାଣ୍ଡେଟ୍ ଦେବେ ସେକଥା ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ସୁଧୀର କହିଛନ୍ତି।



























# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମହିମା ସାଧୁସନ୍ଥ



**ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋମବାର ଅନେକ ମହିମା ସାଧୁସନ୍ଥ ଓ ଧର୍ମାବଲମ୍ବୀ ନବୀନ ନିବାସଠାରେ ଭେଟିଛନ୍ତି। ଯୋରନ୍ଦା ପୀଠର ରୂପାନ୍ତରଣ ପାଇଁ ପଦକ୍ଷେପକୁ ସେମାନେ ସ୍ୱାଗତ ଜଣାଇବା ସହ ଏଥିପାଇଁ ଅର୍ଥ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବୀନ ନିବାସଠାରେ ସେମାନେ ପହଞ୍ଚି ପ୍ରଥମେ ଆଳତି ଦେଇଥିଲେ। ଏହାପରେ କିଛି ସାଧୁସନ୍ଥ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ହାତ ରଖି ତାଙ୍କୁ ଆଶୀର୍ବାଦ କରିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୁଇଥର ଜୟ ଅଲେଖ ବାବା ବୋଲି କହିବା ସହ ଆପଣମାନେ ଭଲ ଅଛନ୍ତି ନା ନାହିଁ ବୋଲି କହିଥିଲେ। ଏହାସହ ମଞ୍ଜୁର ହୋଇଥିବା ୧୧୨ କୋଟି ଟଙ୍କା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଯୋରନ୍ଦା ପୀଠ ପରିଦର୍ଶନ କରି ଏହାର ସମ୍ପୂର୍ଣ୍ଣ ରୂପାନ୍ତରଣ ପାଇଁ ପ୍ରସ୍ତାବ ଦେବା ଲାଗି ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ପ୍ରସ୍ତାବଭିତ୍ତିରେ ମୁଖ୍ୟମନ୍ତ୍ରୀ ଜୁନ୍ ୧୫ ତାରିଖରେ ଏଥିପାଇଁ ୧୧୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

# ‘୧୫ ହଜାର କୋଟିରୁ ଅଧିକ ଦୁର୍ନୀତି ହୋଇଛି’

## ଅଘୋଷିତ ବିଜୁଳି କାଟ୍: ରାଜ୍ୟପାଳଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟ ବୋଲି ସରକାରୀ ଭାବେ କୁହାଯାଉଛି। ଯଦି ରାଜ୍ୟରେ ବିଦ୍ୟୁତ୍ ବଳକା ତେବେ ବାରମ୍ବାର ବିଜୁଳି କଟ୍ କାହିଁକି ହେଉଛି ବୋଲି ଭାଜପା ପ୍ରଶ୍ନ କରିଛି। ଗ୍ରାମାଞ୍ଚଳ, ସହରାଞ୍ଚଳରେ ବାରମ୍ବାର ପାୱାର କଟ୍ ହେବା ସହ ରାଜଧାନୀରେ ‘ଲୋ ଭୋଲଟେଜ’ର ଶିକାର ହେଉଛନ୍ତି। ବିଜୁଳି ଭିତ୍ତିଭୂମିର ବିକାଶ ପାଇଁ ଗତ ୧୦ ବର୍ଷରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ନେଇ ରାଜ୍ୟ ସରକାର କହୁଥିବା ବେଳେ ବିତରଣ ଦାୟିତ୍ୱରେ ଥିବା ଟାଟ ପାୱାର କମ୍ପାନୀ କହୁଛି ୫୦୦୦ କୋଟି ଟଙ୍କାର ଭିତ୍ତିଭୂମି ଅଛି । ତେବେ ୧୫ ହଜାର କୋଟି ଟଙ୍କାରୁ ଅଧିକ ଦୁର୍ନୀତି ହୋଇଛି। ଦୁର୍ନୀତି କିଏ କରିଛି ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଛି।

ଭାଜପାର ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶାର ବିଜୁଳି ବିଭ୍ରାଟ ଘଟଣା ଚଳିତ ଦଶନ୍ଧିର ବଡ଼ ଦୁର୍ନୀତି। ବିଜେଡି ସରକାରର ଶକ୍ତି ବିଭାଗ ଦାୟିତ୍ୱରେ ଥିବା ସମସ୍ତ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ତଦନ୍ତ ହେଉ ବୋଲି ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଛି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ପ୍ରଥମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାରିପଦା ସଭାରେ ପାୱାର କଟ୍, ୨ରୁ ୩ ଦିନ ତଳେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଆନ୍ତର୍ଜାତିକ ଫୁଟ୍‌ବଲ ମ୍ୟାଚ ସମୟରେ ବାରମ୍ବାର ପାୱାର କଟ୍ ଯୋଗୁ ରାଜ୍ୟବାସୀ ସମଗ୍ର ବିଶ୍ୱରେ ନିନ୍ଦିତ ହୋଇଛନ୍ତି। ତେଣୁ ସରକାର ଫାଇଦା କି ଲାଭ ପାଇଁ ନୁହେଁ ବରଂ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ଜାତୀୟ ବିଧାୟକ ସମ୍ମିଳନୀରେ ଓଡ଼ିଶାର ୨୦ ବିଧାୟକ

**ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର):** ମହାରାଷ୍ଟ୍ରର ବମ୍ବେଠାରେ ଜୁନ୍ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ ବିଧାୟକ ସମ୍ମିଳନୀ (ନ୍ୟାଶନାଲ୍ ଲେଜିସ୍‌ଲେଟର୍ସ କନ୍‌ଫରେନ୍ସ) ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଧାନସଭା ପକ୍ଷରୁ କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହଙ୍କ ନେତୃତ୍ୱରେ ପ୍ରାୟ ୨୦ ଜଣ ବିଧାୟକ, ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ ଏଥିରେ ଯୋଗ ଦେଇଥିଲେ। ରଜନୀକାନ୍ତ ସିଂହ ସମ୍ମିଳନୀରେ ଗୁଡ୍ ଗଭର୍ନାନ୍ସ ଥ୍ରୁ ନନ୍-ପାର୍ଟିଶନ୍ ପଲିଟିକ୍ସ ଉପରେ ବକ୍ତବ୍ୟ ରଖିଥିବା ବେଳେ ବିଧାନସଭା ସଚିବ ଫଙ୍କ୍‌ଶନ ଅଫ୍ ଲେଜିସ୍‌ଲେଟର ଚାଲେଞ୍ଜେସ୍ ଆଣ୍ଡ୍ ରୋଡ୍‌ସ ଆହେଡ୍ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏମ୍‌ଆଇଟି ୱାର୍ଲଡ୍ ପିସ୍ ୟୁନିଭରସିଟି, ପୁଣେର ସହଯୋଗରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଥିଲେ । ଲୋକ ସଭାର ପୂର୍ବତନ ବାଚସ୍ପତି ମୀରାକୁମାର, ଶିବରାଜ ପାଟିଲ ଏବଂ ସୁମିତ୍ରା ମହାଜନ ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିବା ସହ ଉପସ୍ଥିତ ପ୍ରତିନିଧିମାନଙ୍କୁ ବିଭିନ୍ନ ବିଷୟରେ ଉଦ୍‌ବୋଧନ ଦେଇଛନ୍ତି। ସବୁ ରାଜ୍ୟ ବିଧାନସଭାର ବାଚସ୍ପତି, ଉପବାଚସ୍ପତି, ବିଧାୟକ ଏବଂ ସଚିବମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।





ପବିତ୍ର ରଥଯାତ୍ରା ଉପଲକ୍ଷେ ବିଦ୍ୟୁତ୍ ସୁରକ୍ଷା ନିର୍ଦ୍ଦେଶାବଳୀ



No. DSPL-104: ଓଡ଼ିଶାର ବିଭିନ୍ନ ଜାଗାରେ ଅନୁଷ୍ଠିତ ହେବାକୁଥିବା ଶୁଭ ରଥଯାତ୍ରା-୨୦୨୩ର ସମସ୍ତ ଆୟୋଜକମାନଙ୍କୁ ଧନ ଜୀବନର ସୁରକ୍ଷା ନିମନ୍ତେ ନିମ୍ନ ଲିଖିତ ବିଦ୍ୟୁତ୍ ସୁରକ୍ଷା ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ଅନୁରୋଧ କରାଯାଉଅଛି।

- ରଥକୁ ଅନୁମୋଦିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାର ନିକଟସ୍ଥ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ।
- ପୂଜା ପେଣ୍ଡାଲ, ଯାତ୍ରାସ୍ଥଳୀ, ଅଧିକ ଜନ ସମାଗମ ଜାଗାଗୁଡ଼ିକରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ ନିମନ୍ତେ ବୈଦ୍ୟୁତିକ ନିରୀକ୍ଷକ (Electrical Inspector)ଙ୍କୁ ଲିଖିତଭାବେ ଜଣାନ୍ତୁ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା, ଭୁବନେଶ୍ୱର

OIPR-04025/13/0002/2324



# ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୯।୬: (ଅଭୟ ଦାଶ)

ଚଳିତ ରଥଯାତ୍ରାରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଅଣାଯାଇଛି। ବିଶେଷ କରି ରଥଯାତ୍ରା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିରେ ଉନ୍ନତି ପାଇଁ ସମସ୍ତ ଭୂତଳ ୩୩ କେଭି ତାର ଠିକ୍ ଥିବା ସୁନିଶ୍ଚିତ କରାଯାଇଛି, ଯାହା ମୁଖ୍ୟ ରିଙ୍ଗ୍ ବ୍ୟବସ୍ଥା ଜରିଆରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସକ୍ଷମ କରିବ। ଏପରିକି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ଗ୍ରାଣ୍ଡ୍ ରୋଡ୍, ବେଳାଭୂମି ରାସ୍ତା, ଭିଆଇପି ରୋଡ୍ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଫିଡର୍ ପିଲାର ବକ୍ସର ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ କରାଯାଇଛି। ସେହିଭଳି ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ୫୦୦ ଟିପିସିଓଡିଏଲ୍ କର୍ମଚାରୀ ଓ ବିଜନେସ୍ ଆସୋସିଏଟ୍ସଙ୍କୁ ପୁରୀରେ ମୁତୟନ କରାଯାଇଛି। ଏପରିକି ଉତ୍ତମ ନିରୀକ୍ଷଣ ଓ ସମନ୍ୱୟ ପାଇଁ ପୁରୀ ଡିଭିଜନ୍‌ରେ କାର୍ଯ୍ୟ କରିବାର ଅଭିଜ୍ଞତା ଥିବା ଟିପିସିଓଡିଏଲ୍ ଅଧିକାରୀଙ୍କୁ ପିଇଡି ପୁରୀରେ ନିୟୋଜିତ କରାଯାଇଛି। ବିଶେଷ କରି ପୁରୀ ଡିଭିଜନ୍‌ର ୩୫ଜଣ ଟିପିସିଓଡିଏଲ୍ ଅଧିକାରୀଙ୍କ ସହିତ ବିଜନେସ ଆସୋସିଏଟ୍‌ସର ୧୫ଜଣ ସୁପରଭାଇଜରଙ୍କୁ ରଥଯାତ୍ରା ସମୟରେ ଉତ୍ସର୍ଗୀକୃତ ଭାବେ ମୁତୟନ ସହ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଦୃଢ଼ ରିଙ୍ଗ୍ ମୁଖ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସେହିପରି ୩୩ କେଭି ଭୂତଳ କେବୁଲ ଜରିଆରେ ତାଳବଣିଆ, ଶ୍ରୀରାମନଗର, କଚେରି, ବଳିଆପଣ୍ଡା, ଚାରିନଳା, ଅଠରନଳା ଓ ସାମଙ୍ଗା ଭଳି ୭ ପ୍ରମୁଖ ସବଷ୍ଟେଶନକୁ ଯୋଡ଼ାଯାଇଛି। ଏପରିକି ପୁରୀ ଡିଭିଜନ୍‌ର ଉତ୍ସର୍ଗୀକୃତ ଇଆଣ୍ଡ ଏମ୍‌ଆର୍ ଟିମ୍ ୧୪ଟି ୩୩/୧୧କେଭି ପ୍ରାଥମିକ ସବଷ୍ଟେଶନର ରକ୍ଷଣାବେକ୍ଷଣ କରାଯାଇଛି। ଏହି ସବ୍‌ଷ୍ଟେଶନଗୁଡ଼ିକ ରେଡୁନ୍‌ଡେନ୍ସି (ଏନ୍-୧) ମାନଦଣ୍ଡ ପୂରଣ କରୁଛନ୍ତି ଏବଂ ଦୁଇଟି ୧୩୨/୩୩କେଭି ଗ୍ରୀଡ୍ (ପୁରୀ ଓ ଶାମୁକା) ଏବଂ ୨୨୦/୧୩୨/୩୩ କେଭି ସମଗରା ଗ୍ରୀଡ୍ ସହିତ ସଂଯୁକ୍ତ କରାଯାଇଛି।




# ବଡ଼ଦାଣ୍ଡରେ ଆଇଟିସି ଆଶୀର୍ବାଦର ବିଶାଳ ଷ୍ଟଲ୍

ଭୁବନେଶ୍ୱର,୧୯।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁରୀ ରଥଯାତ୍ରାରେ ଆଶୀର୍ବାଦ ଅଟା ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲ କରାଯାଇଛି। ଉକ୍ତ ଷ୍ଟଲ୍ ପରିସରରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ସାଙ୍ଗକୁ ଜଗନ୍ନାଥ ମହାପ୍ରଭୁଙ୍କର ଅନେକ ଅନୁଭୂତି ସବୁ ବର୍ଗର ଭକ୍ତ ପାଇପାରିବେ। ଏପରିକି ଚଳିତ ବର୍ଷ ପୁରୀ ରଥଯାତ୍ରାରେ ବ୍ରାଣ୍ଡ ପକ୍ଷରୁ କଳ୍ପନାର ଟୋପି ସହିତ ଏକ ୨୭୦ ଡିଗ୍ରୀ ଇମର୍ସିଭ୍ ଏକ୍ସପେରିଏନ୍ସ ଭକ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବ ବୋଲି ଆଇଟିସି ଲିମିଟେଡ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ୨୦୨୩ ଜୁନ୍ ୨୦ରୁ ୨୯ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ଗ୍ରାଣ୍ଡରୋଡ (ବଡ଼ଦାଣ୍ଡ) ପୁରୀରେ ଆଇଟିସି ଆଶୀର୍ବାଦର ଆକର୍ଷଣୀୟ ଷ୍ଟଲକୁ ପରିଦର୍ଶନ କରି ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଏକ ଅତୁଳନୀୟ ଅନୁଭବ ପାଇବା ସହ ଭାବପୂର୍ଣ୍ଣବେଗ ନାଟକୀୟ ଜଗତରେ ଭକ୍ତ ପଦାର୍ପଣ କରନ୍ତୁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# କାଫେ ଆକାଶ ମେନ୍ୟୁର ଶୁଭାରମ୍ଭ

ଭୁବନେଶ୍ୱର,୧୯।୬

ଆକାଶ ଏୟାର ପକ୍ଷରୁ ନିକଟରେ ନୂଆ କାଫେ ଆକାଶ ମେନ୍ୟୁର ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ସମଗ୍ର ନେଟୱର୍କରେ ଏକ ବର୍ଦ୍ଧିତ ଇନଫ୍ଲାଇଟ ଖାଦ୍ୟ ଏବଂ ପାନୀୟ ମେନ୍ୟୁର ଆରମ୍ଭ ହୋଇଯାଇଛି। ଏୟାରଲାଇନ୍ସର ଇନଫ୍ଲାଇଟ ଭୋଜନ ସେବା, କାଫେ ଆକାଶ କିଛି ମୂଳ ପସନ୍ଦକୁ ବଜାୟ ରଖିବା ସହିତ ସୁସ୍ଥ ଭୋଜନ, ଉତ୍ସବ ପ୍ରିୟ, ଗୌରମେଟ ଏବଂ ଫ୍ୟୁଜନ ଭୋଜନ ଭଳି ବିଭିନ୍ନ ପ୍ରକାରର ଭୋଜନ ବିକଳ୍ପ ସହିତ ଏହାର ଅନନ୍ୟ ଏବଂ ବିବିଧ ମେନ୍ୟୁ ସୁବିଧା ବିକଶିତ କରିଛି, ନୂତନ ମେନ୍ୟୁରେ ୬୦ରୁ ଅଧିକ ଭୋଜନ ବିକଳ୍ପ ରହିଛି, ଯାହା ସମଗ୍ର ଭାରତର ଖ୍ୟାତନାମା ରୋଷେୟାମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି।

ଏ ସମ୍ପର୍କରେ ଆକାଶ ଏୟାରର ସହ ପ୍ରତିଷ୍ଠାତା ତଥା ମୁଖ୍ୟ ମାର୍କେଟିଙ୍ଗ ଏବଂ ଏକ୍ସପେରିଏନ୍ସ ଅଫିସର ବେଲସନ କଟିନୋ କହିଛନ୍ତି, ଭାରତ ବିଭିନ୍ନ ସଂସ୍କୃତିର ସଙ୍ଗମ ସ୍ଥଳ ଏବଂ ଏହା ଆମର ରୋଷେଇ ପରିଦୃଶ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ୬୦ରୁ ଅଧିକ ଆକର୍ଷଣୀୟ ବିକଳ୍ପ ସହିତ ଏହି ନୂଆ କାଫେ ଆକାଶ ମେନ୍ୟୁ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ସ୍ନାକ୍ସ, ଭୁରି ଭୋଜନ, ମିଠା ଏବଂ ଉତ୍ସବ ପ୍ରିୟ ଭୋଜନ ସହିତ ଅତ୍ୟନ୍ତ ଯତ୍ନର ସହ ପ୍ରସ୍ତୁତ ହୋଇଛି।


















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୦/୨୦୨୩ Bhubaneswar, Tuesday, June 20/ 2023



୬୨ ତମ ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍‌ର ମହିଳା ୮୦୦ ମିଟର ଦୌଡ଼।



ପୋଡିୟମରେ ୨୦୦ ମିଟର ସ୍ପ୍ରିଣ୍ଟରେ ସ୍ୱର୍ଣ୍ଣ ବିଜେତା ଶ୍ରାବଣୀ ନନ୍ଦ(ମଝି)। (ଫଟୋ: ବିକାଶ ନାୟକ)

# ମିଟ୍ ରେକର୍ଡ ଭାଙ୍ଗିଲେ ଅମ୍ଲାନ

**ଭୁବନେଶ୍ୱର, ୧୯।୬**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୨ ତମ ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିନରେ ୧୯ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ଶଟ୍‌ପୁଟ୍, ମହିଳା ୮୦୦ ମିଟର ଦୌଡ ଓ ପୁରୁଷ ଜାଭେଲିନ୍ ଥ୍ରୋରେ ୩ ଜଣ ଲେଖାଏ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ପକ୍ଷରେ ପୁରୁଷ ୨୦୦ ମିଟର ସ୍ପ୍ରିଣ୍ଟରେ ନୂତନ ମିଟ୍ ରେକର୍ଡ କରିଛନ୍ତି ଆସାମର ଅମ୍ଲାନ ବୋର୍ଗୋହେନ୍। ଚେନ୍ନାଇରେ ନିଜ ନାମରେ ରହିଥିବା ଜାତୀୟ ରେକର୍ଡକୁ ସେ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ୨୦୨୦ରେ ୨୦.୮୦ ସେକେଣ୍ଡର ଟାଇମିଂ ହାସଲ କରିଥିବା ବେଳେ ସୋମବାର ୨୦.୬୧ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତେବେ ଏସିଆନ୍ ଗେମ୍ସ ପାଇଁ ରହିଥିବା ୨୦.୬୧ ସେକେଣ୍ଡରୁ ସେ ପଛରେ ରହି ଯାଇଛନ୍ତି। କର୍ଣ୍ଣାଟକର ଶଶିକାନ୍ତ ବିରୁପାକ୍ଷ ୨୧.୦୮ ସେକେଣ୍ଡ ସହିତ ଦ୍ୱିତୀୟ ଓ ଉତ୍ତର ପ୍ରଦେଶର ଆକାଶ କୁମାର ତୃତୀୟ ସ୍ଥାନ ହାସଲ କରିଥିଲେ।

ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ୫୮.୨୨ ମିଟରର ଥ୍ରୋ ସହିତ ପ୍ରଥମ ସ୍ଥାନରେ ରହି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ହରିୟାଣାର ପ୍ରିୟଙ୍କା(୫୧.୯୪ ମି.) ଓ ଆନ୍ଧ୍ରପ୍ରଦେଶର ରଶ୍ମି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।

ମହିଳା ଲଙ୍ଗଜମ୍ପରେ କେରଳର ଆନ୍ସି ସୋଜାନ ଓ ୟୁପିର ଶାଇଲି ସିଂ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆନ୍ସି ୬.୫୧ ମିଟର ଡେଇଁଥିବା ବେଳେ ଶାଇଲି ୬.୪୯ ମିଟର ଡେଇଁଥିଲେ। ମହିଳା ହାଇଜମ୍ପରେ ହରିୟାଣାର ପୂଜା ୧.୮୦ ମିଟର ଡେଇଁ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା

## ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍

୮୦୦ ମିଟର ଦୌଡରେ ୩ ଜଣ ଖେଳାଳି ଏସିଆନ୍ ଗେମ୍ସ ଯୋଗ୍ୟତା ମାର୍କରୁ ଅଗରେ ରହିଛନ୍ତି।ଚନ୍ଦା(୨.୦୩.୮୨), ହରମିଲନ୍ ବେଂଶ(୨.୦୪.୦୪)ଓ କେ ଏମ୍ ଦୀକ୍ଷା(୨.୦୪.୩୫) ଯୋଗ୍ୟତା ଅର୍ଜନରେ ସଫଳ ହୋଇଛନ୍ତି।

ମହିଳା ଶଟ୍‌ପୁଟ୍‌ରେ ୩ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉତ୍ତର ପ୍ରଦେଶର କିରଣ ବଲିୟାଁ ୧୭.୧୭ ମିଟର ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ହରିୟାଣାର ମନ୍‌ପ୍ରୀତ୍ କୌର ୧୬.୬୧ ମିଟର ସହ ଦ୍ୱିତୀୟ ଓ ମହାରାଷ୍ଟ୍ରରା ଆଭା ଖଟୁଆ ତୃତୀୟ ସ୍ଥାନରେ ରହିଛନ୍ତି।

## ଉଦ୍‌ଯାପନୀ ଦିବସର ଇଭେଣ୍ଟ

ହାମର ଥ୍ରୋ(ମହିଳା): କେ.ଏମ. ରଚନା(ୟୁପି)-୬୫.୦୩ ମିଟର(ଏସିଆନ ଗେମ୍ସ), ତାନ୍ୟା ଚୌଧାରୀ(ୟୁପି)- ୬୩.୧୬ ମିଟର(ଏସିଆନ୍ ଗେମ୍ସ), ରେଣୁ(ହରିୟାଣା)-୬୦.୯୧ ମିଟର।

ଜାଭେଲିନ୍ ଥ୍ରୋ(ମହିଳା): ଅନୁ ରାଣୀ(ୟୁପି)-୫୮.୨୨ ମିଟର(ଏସିଆନ ଗେମ୍ସ), ପ୍ରିୟଙ୍କା (ହରିୟାଣା)-୫୧.୯୪ ମିଟର, କେ. ରଶ୍ମି(ଆନ୍ଧ୍ର ପ୍ରଦେଶ)-୫୦.୯୫ ମିଟର।

ଲଙ୍ଗ ଜମ୍ପ(ମହିଳା): ଆନ୍ସି ସୋଜାନ(କେରଳ)-୬.୫୧ ମିଟର (ଏସିଆନ୍ ଗେମ୍ସ), ଶାଇଲି ସିଂ(ୟୁପି)- ୬.୪୯ ମିଟର (ଏସିଆନ୍ ଗେମ୍ସ), ଭବାନୀ ଯାଦବ (ଆନ୍ଧ୍ର ପ୍ରଦେଶ)-୬.୪୪ ମିଟର।

ପୋଲ ଭଲ୍ଟ (ପୁରୁଷ): ଏସ୍ ଶିବା(ତାମିଲନାଡୁ)-୫.୧୧ ମିଟର (ଏସିଆନ୍ ଗେମ୍ସ), ଦେବ ମୀନା(ମଧ୍ୟ ପ୍ରଦେଶ)-୪.୯୦ ମିଟର, ଏ କେ ସିଦ୍ଧାର୍ଥ(କେରଳ)-୪.୮୦ ମିଟର।

ଶଟପୁଟ୍(ମହିଳା): କିରଣ ବଲିୟାଁ(ଉତ୍ତର ପ୍ରଦେଶ)-୧୭.୧୭ ମିଟର, (ଏସିଆନ୍ ଗେମ୍ସ), ମନପ୍ରୀତ କୌର(ହରିୟାଣା)- ୧୬.୬୧ ମିଟର, (ଏସିଆନ୍ ଗେମ୍ସ), ଆଭା ଖଟୁଆ(ମହାରାଷ୍ଟ୍ର)-୧୬.୩୯ ମିଟର, (ଏସିଆନ୍ ଗେମ୍ସ)।

ହାଇ ଜମ୍ପ (ମହିଳା): ପୂଜା (ହରିୟାଣା)- ୧.୮୦ ମିଟର, (ଏସିଆନ୍ ଗେମ୍ସ), ରୁବିନା ଯାଦବ(ହରିୟାଣା) ୧.୭୮ ମିଟର, ଅଭିନୟା ଶେଟ୍ଟୀ(କର୍ଣ୍ଣାଟକ)-୧.୭୬ ମିଟର।

୪୦୦ ମିଟର ହର୍ଡଲ୍ସ(ପୁରୁଷ): ପି ୟଶାସ(କର୍ଣ୍ଣାଟକ)-୪୯.୩୭ ସେକେଣ୍ଡ, (ଏସିଆନ୍ ଗେମ୍ସ), ଟି. ସନ୍ତୋଷ କୁମାର(ତାମିଲନାଡୁ)-୪୯.୫୨ସେକେଣ୍ଡ, (ଏସିଆନ୍ ଗେମ୍ସ), ଜବିର୍ ମଡାରି(କେରଳ)-୫୦.୪୦ ସେକେଣ୍ଡ।

୪୦୦ ମିଟର ହର୍ଡଲ୍ସ(ମହିଳା):ଆର. ବିଦ୍ୟା ରାମରାଜ(ତାମିଲନାଡୁ)- ୫୬.୦୧ ସେକେଣ୍ଡ,(ଏସିଆନ୍ ଗେମ୍ସ), କାଭେରାମ୍ମା ସିଞ୍ଚଲ(କର୍ଣ୍ଣାଟକ)-୫୬.୭୬ ସେକେଣ୍ଡ(ଏସିଆନ ଗେମ୍ସ), ଆର. ଅନୁ (କେରଳ)-୫୮.୧୩।

୮୦୦ ମିଟର ଦୌଡ(ମହିଳା): ଚନ୍ଦା(ଦିଲ୍ଲୀ)-୨.୦୩.୮୨, (ଏସିଆନ୍ ଗେମ୍ସ), ହରମିଲନ୍ ବେଂଶ(ପଞ୍ଜାବ)- ୨.୦୪.୦୪, (ଏସିଆନ୍ ଗେମ୍ସ), କେ ଏମ୍ ଦୀକ୍ଷା(ମଧ୍ୟ ପ୍ରଦେଶ)-୨.୦୪.୩୫, (ଏସିଆନ୍ ଗେମ୍ସ)।

ଜାଭେଲିନ୍ ଥ୍ରୋ (ପୁରୁଷ): ରୋହିତ ଯାଦବ (ଉତ୍ତର ପ୍ରଦେଶ)- ୮୩.୨୮ମିଟର, (ଏସିଆନ୍ ଗେମ୍ସ), କିଶୋର କୁମାର ଜେନା(ଓଡ଼ିଶା)-୮୨.୮୭ ମିଟର, (ଏସିଆନ୍ ଗେମ୍ସ), ଶିବପାଲ ସିଂ(ଉତ୍ତର ପ୍ରଦେଶ)- ୮୧.୯୬ ମିଟର, (ଏସିଆନ୍ ଗେମ୍ସ)।

# ଭର୍ଷ୍ଟାପେନ୍ ଜିତିଲେ କାନାଡିଆନ ଗ୍ରାଁପ୍ରି

**ମଣ୍ଟ୍ରିଲ, ୧୯।୬ (ଏପି)**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ କାନାଡିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ତାଙ୍କ କ୍ୟାରିୟରର ମୋଟ ଟାଇଟଲ ସଂଖ୍ୟା ୪୧ରେ ପହଞ୍ଚିଛି। ଏହାଦ୍ୱାରା ସେ ଆଇର୍ଟନ ସେନାଙ୍କ ସମକକ୍ଷ ହୋଇପାରିଛନ୍ତି। ଚଳିତ ସିଜନରେ ଅନୁଷ୍ଠିତ ୮ଟି ରେସ୍ ମଧ୍ୟରେ ନେଦରଲାଣ୍ଡ୍ସର ଡ୍ରାଇଭରଙ୍କ ଏହା ହେଉଛି ୬ଷ୍ଠ ସଫଳତା। ଚାମ୍ପିୟନଶିପ୍ ଟେବୁଲରେ ତାଙ୍କ ଅଗ୍ରଣୀ ବ୍ୟବଧାନ ୬୯କୁ ବୃଦ୍ଧି ପାଇଛି। ରେଡ୍‌ବୁଲ୍ ଟିମ୍ ପାଇଁ ମଧ୍ୟ ସେ ୧୦୦ତମ ବିଜୟ ଆଣି ଦେଇଛନ୍ତି। ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଆଷ୍ଟନ ମାର୍ଟିନର ଫର୍ନାଣ୍ଡୋ ଆଲୋଁସୋ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସର୍ବକାଳୀନ ସର୍ବାଧିକ ବିଜୟ ରେକର୍ଡ ଲୁଇସ୍ ହାମିଲଟନ (୧୦୩)ଙ୍କ ନାମରେ ରହିଛି। କିନ୍ତୁ ଭର୍ଷ୍ଟାପେନ୍ ତାଙ୍କୁ ଅତିକ୍ରମ କରିଯିବେ ବୋଲି ୭ଥର ଚାମ୍ପିୟନ ଆଶା କରୁଛନ୍ତି। ରେସ୍‌ରେ ଯେଉଁମାନେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ ସେମାନେ ହେଲେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ସର୍ଗିଓ ପେରେଜ (ରେଡ୍‌ବୁଲ୍), ଆଲେକ୍‌ଜାଣ୍ଡର ଆଲ୍‌ବନ(ୱିଲିୟମ୍ସ), ଏଷ୍ଟିବାନ ଓକନ (ଅଲ୍‌ପାଇନ୍), ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ), ଭାଲ୍‌ଟେରୀ ବୋଟାସ (ଆଲ୍‌ଫା ରୋମିଓ)।



ମାକ୍ସ ଭର୍ଷ୍ଟାପେନ୍

# ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲରେ ଅନୁପମା

**ଭୁବନେଶ୍ୱର, ୧୯।୬**
**(ବିଜୟ ରଣା)**

ସେପ୍ଟେମ୍ବର ଚାଇନାରେ ହେବାକୁଥିବା ଏସିଆନ ଗେମ୍ସର ଜି ଜୁତ୍‌ସୁ ପ୍ରତିଯୋଗିତା ପାଇଁ ହେବାକୁଥିବା ସିଲେକ୍ସନ ଟ୍ରାଏଲରେ ଅଂଶଗ୍ରହଣ କରିବେ ଓଡ଼ିଶାର ଅନ୍ତର୍ଜାତୀୟ ସାମରିକକଳା କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ। ସିଲେକ୍ସନ ଟ୍ରାଏଲ୍ ଉତ୍ତରଖଣ୍ଡର ହଲଦ୍ୱାନୀସ୍ଥିତ ଇନ୍ଦିରାଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ହେବ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୫ ବର୍ଷ ଧରି ଜାତୀୟ ଚାମ୍ପିୟନ ରହିଥିବା ବେଳେ ଗତ ୩ ବର୍ଷ ଧରି ଏସୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାରେ ପଦକ ଜିତିଆସୁଛନ୍ତି। ସୂଚନାଯୋଗ୍ୟ, ଏସିଆନ ଗେମ୍ସରେ ଦ୍ୱିତୀୟ ଥର ଜୁ ଜିତ୍‌ସୁ କ୍ରୀଡ଼ାକୁ ସାମିଲ କରାଯାଇଛି। ଗତଥର ଇଣ୍ଡୋନେସିଆରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଜି ଜିତ୍‌ସୁକୁ ଏକ ପଦକ ଇଭେଣ୍ଟ ଭାବେ ସାମିଲ କରାଯାଇଥିଲେ ମଧ୍ୟ ଭାରତରୁ କୌଣସି ପ୍ରତିଯୋଗୀ ଯୋଗ୍ୟତା ହାସଲ କରିପାରି ନ ଥିଲେ। ଅନୁପମାଙ୍କୁ ରାଜ୍ୟ ଜୁ ଜିତ୍‌ସୁ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ରୌପ୍ୟ ଜିତିଲେ କିଶୋର

**ଭୁବନେଶ୍ୱର, ୧୯।୬**
**(ସରୋଜ ଜେନା)**

ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି ଓଡ଼ିଶାର କିଶୋର କୁମାର ଜେନା। ସୋମବାର ଅନୁଷ୍ଠିତ ଫାଇନାଲ ଇଭେଣ୍ଟରେ ସେ ୮୨.୮୭ ମିଟର ଥ୍ରୋ କରିବାରେ ସମର୍ଥ ହେବା ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉତ୍ତର ପ୍ରଦେଶର ରୋହିତ ଯାଦବ ୮୩.୨୮ ମିଟର ଦୂରତା ହାସଲ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ଡୋପିଂ ବାସନ୍ଦ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଉତ୍ତର ପ୍ରଦେଶର ଶିବପାଲ ଯାଦବ ୮୧.୯୬ ମିଟରର ଥ୍ରୋ ସହିତ ତୃତୀୟ ସ୍ଥାନରେ ରହିଥିଲେ।



କିଶୋର କୁମାର ଜେନା

# ଭାରତର ସହଜ ବିଜୟ

**ତେହେରାନ, ୧୯।୬ (ପି.ଟି.)**

## ଏସିଆନ ସ୍ନୁକର

ଏକାଧିକ ଥର ବିଶ୍ୱ ଚାମ୍ପିୟନ ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ପଙ୍କଜ ଆଡଭାନୀଙ୍କ ନେତୃତ୍ୱରେ ଭାରତ ଏଠାରେ ଚାଲିଥିବା ଏସିଆନ ଟିମ୍ ସ୍ନୁକର ଚାମ୍ପିୟନଶିପ୍ ଗ୍ରୁପ୍ ପର୍ଯ୍ୟାୟରେ ଦୁଇଟି ବଡ଼ ବିଜୟ ହାସଲ କରିଛି। ଆଫଗାନିସ୍ତାନ ଓ ମାଲେସିଆକୁ ସମାନ ୩-୦ ବ୍ୟବଧାନରେ ହରାଇ ଦେଇଛି ଭାରତ। ଆଡଭାନୀ ଉଭୟ ମ୍ୟାଚରେ ଖେଳିଥିଲେ। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଆଡଭାନୀ ୫୪-୦୭ରେ ମହମ୍ମଦ ନୁରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଲକ୍ଷ୍ମଣ ରାୱତ ୭୫-୧୭ରେ ସାଲେ ମହମ୍ମଦଙ୍କୁ ହରାଇ ଦେଇଛନ୍ତି। ଭାରତ ୬୮-୪୧ରେ ଡବଲ ଫ୍ରେମ୍ ଜିତି ନେଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଚାଷୀ ଅପହରଣକୁ ନେଇ ଉତ୍ତେଜନା**

**ନୟାଗଡ,(ଲୋକନାଥ ମିଶ୍ର):** ନୟାଗଡ଼ ଟାଉନ ଥାନାର ଡିଆଁପଡ଼ା ଗାଁରେ ଶ୍ୟାମସୁନ୍ଦର ବେହେରା(୫୯) ଜଣେ ଚାଷୀ ସୋମବାର ସନ୍ଧ୍ୟାରେ ନିଖୋଜ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଜମିର ଶ୍ୟାମସୁନ୍ଦରଙ୍କର ଏକ ଗାମୁଛା, ଭାଙ୍ଗି ଯାଇଥିବା ଟର୍ଚ୍ଚ ଲାଇଟକୁ ପୋଲିସ ଓ ଗାଁ ଲୋକ ଉଦ୍ଧାର କରିଛନ୍ତି। ବିଳମ୍ବିତ ରାତି ଯାଏ ଶ୍ୟାମସୁନ୍ଦରଙ୍କୁ ଖୋଜାଖୋଜି ଚାଲିଥିବା ବେଳେ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ଶ୍ୟାମସୁନ୍ଦର ସନ୍ଧ୍ୟା ପ୍ରାୟ ୭ଟାରେ ଗାଁ ପାଖ ପରିବା କ୍ଷେତକୁ ବୁଲିବାକୁ ଯାଇଥିଲେ। ରାତି ୮ଟାରେ ଗାଁ ସଭାରେ ଯୋଗ ଦେବାର ଥିଲା। ତେବେ ଗାଁ ସଭାକୁ ସେ ନ ଆସିବାରୁ ପରିବାର ଓ ଗାଁ ଲୋକ ପରିବା କ୍ଷେତକୁ ଯାଇ ଦେଖନ୍ତି ସେଠାରେ କେବଳ ତାଙ୍କ ଗାମୁଛା ଓ ଟର୍ଚ୍ଚ ଲାଇଟ୍ ପଡ଼ି ରହିଥିଲା। ଏହା ପରେ ଗାଁ ଲୋକ ପୋଲିସକୁ ଖବର ଦେଇଥିଲେ।

# ଜ୍ୱରରୁ ଉଠିବା ପରେ ନବ ଯୌବନ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ଖଣ୍ଡପଡ଼ା,୧୯।୬ (ଅଜୟ କୁମାର ମହାରଣା)**

ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀ ବଳଭଦ୍ର, ଶ୍ରୀ ଜଗନ୍ନାଥ, ମା' ସୁଭଦ୍ରା ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡିତ ହୋଇଥିଲେ। ୧୪ ଦିନ ଅନବସର ଘରେ ରହି ଜ୍ୱରରୁ ଉଠିବା ପରେ ସୋମବାର ଶ୍ରୀଜୀଉମାନେ ନବ ଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର ପାର୍ଶ୍ୱ ଠାକୁର ଭାବେ ବିରାଜିତ ୩ ଠାକୁର, ଖଣ୍ଡପଡ଼ା ରାଜବାଟି ପରିସରରେ ଥିବା ଏକକ ଜଗନ୍ନାଥ ଓ ରଥଗଡା ଛକ ନିକଟ ଦେବୋତ୍ତର ବିଭାଗ ଅଧୀନରେ ଥିବା ଶ୍ରୀରଘୁନାଥଙ୍କ ପାର୍ଶ୍ୱ ଠାକୁର ଭାବେ ବିରାଜିତ ମହିମା ମେରୁ (ଶ୍ରୀଜଗନ୍ନାଥ, ଶ୍ରୀବଳଦେବ, ଦେବୀ ସୁଭଦ୍ରା), ଖଳିସାହି ଜଗନ୍ନାଥ ମନ୍ଦିର, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠସ୍ଥ ଜଗନ୍ନାଥ ମନ୍ଦିରରେ ଓ କୁମ୍ଭାରପଡ଼ାରେ ଶ୍ରୀଜୀଉମାନଙ୍କୁ ନବଯୌବନ ବେଶରେ ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ମଙ୍ଗଳବାର ଶ୍ରୀଜୀଉଙ୍କ ଘୋଷଯାତ୍ରା । ଖଣ୍ଡପଡ଼ାର ୭ଟି ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଓ ଉପଚାର ହୋଇଥିବା ଜଣାପଡ଼ିଛି।

# ବାଘ ସହ ତୃଣଭୋଜିଙ୍କ ଗଣନା ଆରମ୍ଭ

**ନୟାଗଡ଼,୧୯।୬ (ଲୋକନାଥ ମିଶ୍ର)**



- ମହାନଦୀ ବନ୍ୟପ୍ରାଣୀ ଡିଭିଜନ
- ଗଣନାରେ ୧୦୮ କର୍ମଚାରୀ ନିୟୋଜିତ

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପକ୍ଷରୁ ମହାନଦୀ ବନ୍ୟପ୍ରାଣୀ ଡିଭିଜନର କୁଶଙ୍ଗ, କୁଆଁରିଆଁ, ଛାମୁଣ୍ଡିଆ, ବାଣିଗୋଛା(ପଶ୍ଚିମ) ଭଳି ୪ଟି ରେଞ୍ଜରେ ବାଘ ସମେତ ମାଂସାସୀ ପ୍ରାଣୀ ଓ ତୃଣଭୋଜୀ ପ୍ରାଣୀଙ୍କ ପ୍ରାକ୍ ମୌସୁମୀ ଗଣନା ଆରମ୍ଭ ହୋଇଛି। ଏହି ଗଣନା ଗତ ୧୭ରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ହେଉଛି। ୬ଦିନ ଧରି ହେବାକୁ ଥିବା ସର୍ଭେରେ ଡିଜିଟାଲ ସର୍ଭେ ଓ ଆପର ବ୍ୟବହାର କରାଯାଇ ଗଣନା କରାଯିବ। ପ୍ରଥମ ପର୍ଯ୍ୟାୟ ସର୍ଭେ ମାଂସାସୀ ପ୍ରାଣୀ, ବଡ଼ ତୃଣଭୋଜୀ ପ୍ରାଣୀଙ୍କର ଜୁନ ୧୭ରୁ ଆରମ୍ଭ ହୋଇଛି। ଏହା ୧୯ରେ ଶେଷ ହେବ। ୨ୟ ପର୍ଯ୍ୟାୟ ସର୍ଭେ ଜୁନ୍ ୨୦ରୁ ୨୨ ପର୍ଯ୍ୟନ୍ତ ହେବ। ଏଥିରେ ତୃଣଭୋଜୀ ପ୍ରାଣୀ, ଟ୍ରାନଜିଟ୍ ଲାଇନ୍ ସହ ବୃକ୍ଷରାଜୀ, ଗୁଳ୍ମଲତା ରହିଛି। ଗଣନା କାର୍ଯ୍ୟରେ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ୧୧ବିଟରେ ୩୩ଜଣ, କୁଆଁରିଆଁର ୭ଟି ବିଟ୍‌ରେ ୨୧ଜଣ, ଛାମୁଣ୍ଡିଆ ରେଞ୍ଜର ୧୧ବିଟରେ ୩୩ଜଣ ଏପରି ମୋଟରେ ୩୬ ବିଟରେ ୧୦୮ ଜଣ ବନ୍ୟପ୍ରାଣୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗଣନାରେ ସୁବିଧା ପାଇଁ ୫୪୦ ସ୍ଥାନରେ ପାଦ ଚିହ୍ନ ନିରୀକ୍ଷଣ ବ୍ୟବସ୍ଥା ହୋଇଛି। ଏଥିପାଇଁ ପ୍ରତ୍ୟେକ ବିଟରେ ୩ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗୋଟିଏ ଟ୍ରାନଜିଟ ଲାଇନର ଦୂରତା ୨ କିଲୋମିଟର ରହିଛି। ୩ ଜଣିଆ ଟିମ ଭୋର ସମୟରୁ ବାହାରି ବନ୍ୟପ୍ରାଣୀ ମହାବଳ ବାଘ, ଚିତା ବାଘ, କଲରାପତରିଆ ବାଘ, ବଣ କୁକୁର, ରାମଶିଆଳ ବିଭିନ୍ନ ପ୍ରଜାତିର ବାଘ ତଥା ମାଂସାସୀ ପ୍ରାଣୀ ଓ ତୃଣ ଭୋଜି ପ୍ରାଣୀଙ୍କ ପାଦ ଚିହ୍ନ, ମଳ, ଗର୍ଜନ, ରାମ୍ପୁଡା ଦାଗ ଚିହ୍ନଟ କରି ଡିଜିଟାଲ ସର୍ଭେ ଓ ଇକୋଲୋଜିକାଲ ମୋବାଇଲ ଆପ ସହାୟ୍ୟରେ ଗଣନା କରୁଛନ୍ତି ବୋଲି ମହାନଦୀ ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ଫାଲଗୁନ ସାରଥି ମଲ୍ଲିକ ସୂଚନା ଦେଇଛନ୍ତି।

# ବାପପୁଅଙ୍କୁ ମରଣାନ୍ତକ ଆକ୍ରମଣ: ୩ ଅଭିଯୁକ୍ତ ଗିରଫ

**ଓଡ଼ଗାଁ, ୧୯।୬ (ଆଦର୍ଶ ପଟ୍ଟନାୟକ):** ଓଡ଼ଗାଁ ଆଦର୍ଶ ଥାନା ସୁନାମୁହିଁ ଗାଁରେ ବାପପୁଅ ତାଙ୍କ ଘରବାରି ବାଉଁଶ ବୁଦାରୁ ବାଉଁଶ ହଣାକୁ ବିରୋଧ କରିବାରୁ ଉଭୟେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏ ନେଇ ଗ୍ରାମର ପାଟଣାସାହିର ନାରାୟଣ ପ୍ରଧାନ(୩୫) ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ତାଙ୍କ ଘରବାରିରେ ଥିବା ବାଉଁଶ ବୁଦାରୁ ଗାଁର ୨ଭାଇ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରମୋଦ ଏବଂ ପ୍ରଫୁଲଙ୍କ ପୁଅ ସନ୍ତୋଷ କଟୁରୀ ଦ୍ୱାରା ବାଉଁଶ ହାଣୁଥିଲେ। ସେମାନେ ବାଉଁଶ ବୁଦା ମୂଳକୁ ଯାଇ ଏହାକୁ ବାରଣ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ୩ ଜଣ ଯାକ ନାରାୟଣ, ତାଙ୍କ ବାପା ଯୋଗୀ (୬୨)ଙ୍କୁ ପ୍ରଥମେ ଠେଲାପେଲା ପରେ ମାଡ ମାରିଥିଲେ। ଏପରିକି ପ୍ରମୋଦ ଧରିଥିବା କଟୁରୀରେ ଯୋଗୀଙ୍କ ମୁଣ୍ଡ ଓ ହାତକୁ ହାଣି ପକାଇଥିଲେ। ନାରାୟଣ ଏହାର ପ୍ରତିବାଦ କରିବାରୁ କଟୁରୀ ବେଣ୍ଟରେ ତାଙ୍କ ପିଠିକୁ ମଧ୍ୟ ପ୍ରମୋଦ ଶକ୍ତ ଆଘାତ ଦେଇଥିଲେ। ଉଭୟେ ଓଡ଼ଗାଁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।ନାରାୟଣଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୦୪/୨୩ରେ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛି।

# ସ୍ୱାସ୍ଥ୍ୟସେବା ସୁଧାରିବାକୁ ଜିଲାପାଳଙ୍କୁ ଫେରାଦ

**ନୟାଗଡ,୧୯।୬(ଲୋକନାଥ ମିଶ୍ର):** ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ସୁଧାରିବାକୁ ସୋମବାର ନୟାଗଡ ହେମେନ୍ଦ୍ର ସେନା ପକ୍ଷରୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ଓ ପରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହେମେନ୍ଦ୍ର ସେନାର ଏକ ୭ ଜଣିଆ ଦଳ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭେଟି ୧୧ ଦଫା ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ଦାବି ପୂରଣ ନ ହେଲେ ଜୁଲାଇ ୪ରେ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଧାରଣା ଦିଆଯିବ ବୋଲି ସ୍ମାରକପତ୍ରରେ ଦର୍ଶାଇଛନ୍ତି।

# ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

**ଭାପୁର,୧୯।୬ (ଭରତ କୁମାର ବେହେରା)**

ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଜୀକୃତ ୧୨୫ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଭାବେ ୯୨ ଅଭିଯୋଗ ଥିଲା। ସାମୂହିକ ଗ୍ରାମ ବିବାଦ ୬ ଗୋଟିର ଶୁଣାଣି କରାଯାଇ ସମୁଦାୟ ୬୪ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୨୫ ଓ ରେଡ଼କ୍ରସ ପାଣ୍ଠିରୁ ୨ଜଣଙ୍କୁ ସହାୟତା ପାଇଁ ଆବେଦନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କିଛି ଅଭିଯୋଗ ହୋଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଏସ୍‌ପି ଅଲେଖ ଚନ୍ଦ୍ର ପହି , ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ , ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ରଣଜିତ କୁମାର ମଲ୍ଲିକ, ତହସିଲଦାର ଲଗ୍ନଜିତ ବେହେରା, ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଫତେଗଡ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ।

# ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

**ନୟାଗଡ଼,୧୯।୬ (ଲୋକନାଥ ମିଶ୍ର)**

ଶ୍ରୀଜୀଉମାନେ ପବିତ୍ର ନେତ୍ରୋତ୍ସବ ଅବସରରେ ସୋମବାର ନବଯୌବନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ନୟାଗଡ଼ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିର , ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଜଗନ୍ନାଥ ମନ୍ଦିର ଓ ଗୋଡ଼ିପଡ଼ା ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ଶ୍ରୀଜୀଉଙ୍କ ନବଯୌବନ ରୂପ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଛି। ନୟାଗଡ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ତାଟି ଫିଟା ଓ ପୂର୍ବାହ୍ନ ସାଢ଼େ ୯ଟାରେ ନେତ ଓ ପତାକା ବନ୍ଧା ଯିବା ପରେ ପୂଜାନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରୁ ଭକ୍ତମାନେ ନବଯୌବନ ଦର୍ଶନ କରିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଓ ତାରିଖ; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମଡି:** ୧୭-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୦୬।୨୦୨୩; ଚକ୍ରଧରପୁର ଡିଭିଜନ ଅଧୀନରେ ଉତ୍ତମବସ୍ତି (ବଣ୍ଡମୁଣ୍ଡା)ଠାରେ ୩୩ କେଭି ସେକ୍ସନାଲ୍ ଆଇସୋଲେସନ୍ (ଡାଙ୍ଗୁଆପୋଷୀ, ସିନି ଜଂ. ଏବଂ ବଣ୍ଡମୁଣ୍ଡା), ସୁଡଙ୍ଗର ଆଲୋକୀକରଣ (ମହାଦେବସାଲ, କରମପଡ଼ା, ବାଂଶପାଣି), ୩୩ କେଭି ଷ୍ଟାଣ୍ଡବାଏ ବିଜୁଳି ଯୋଗାଣ ଏବଂ ଡାଙ୍ଗୁଆପୋଷୀ, ସିନି ଜଂ., ଚାଇଁବାସା ଓ ବଡ଼ ଜାମ୍‌ଦାଠାରେ ଜଳଯୋଗାଣ ବ୍ୟବସ୍ଥାର ଉନ୍ନତୀକରଣ; ₹ ୮୧,୨୬,୯୨୫.୫୯; ₹ ୧,୬୨,୫୦୦/- । (୨) ୧୮-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୬।୦୬।୨୦୨୩; ବଣ୍ଡମୁଣ୍ଡା ୟାର୍ଡଠାରେ ଭାରତୀୟ ରେଳପଥର ୧୦୦% ବିଦ୍ୟୁତୀକରଣ ମିଶନ୍ ସମ୍ବନ୍ଧରେ ଅନ୍‌ଓୟାର୍ଡ ଲୁପ୍ ଲାଇନ୍ସ ଏବଂ ୟାର୍ଡଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟଜନିତ ଉଲ୍ଲଂଘନ ବିରୁଦ୍ଧରେ ୩୩ କେଭି ଅଣ୍ଡରଗ୍ରାଉଣ୍ଡ କେବୁଲର ବ୍ୟବସ୍ଥା; ₹ ୬୯,୬୫,୬୩୧.୨୦; ₹ ୧,୩୯,୩୦୦/- । (୩) ୧୯-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୬।୦୬।୨୦୨୩; ଚକ୍ରଧରପୁର ଡିଭିଜନର ବିଭିନ୍ନ ପମ୍ପ ହାଉସ୍ (ଝାରସୁଗୁଡ଼ା, ମନୋହରପୁର, ଚକ୍ରଧରପୁର, ବିମଳାଗଡ଼ ଜଂ., କରମପଡ଼ା, ବଣ୍ଡମୁଣ୍ଡା, ଟାଟାନଗର ଓ ସୋଙ୍ଗାରି) ନିମନ୍ତେ ବିଜୁଳି ଯୋଗାଣ ଏବଂ ଜଳ ବ୍ୟବସ୍ଥାର ଉନ୍ନତୀକରଣ; ₹ ୨୦,୮୬,୪୯୨.୬୭; ₹ ୪୧,୭୦୦/- । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୦।୦୭।୨୦୨୩ରିଖ, ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-302)



**ROURKELA FOREST DIVISION**

NOTICE No. 298 of 2023-24, Date: 17.06.2023

**WALK IN INTERVIEW on dt 07.07.2023**

No. MM-63:- Rourkela Forest Division requires candidates for temporary engagement in **following posts for Mobile Veterinary Unit (MVU).** The Walk-in-interview is scheduled on **07.07.2023 at 11.00 AM** in the conference hall of Rourkela Forest Division. The application form along with detail terms and conditions shall be available on the website **www.sundargarh.nic.in/ www.odishaforest.in** from dt.**19.06.2023 to 06.07.2023.**

| Position | Number | Qualification | Consolidated Monthly Remuneration (in Rupees) | Remarks |
|---|---|---|---|---|
| Veterinary Officer | One | B.V.Sc & A.H. | 65,000/- | Fresh Veterinarian / Retired Veterinarian will be engaged directly by the concerned DFO. |
| Livestock Assistant | One | +2 Science with vocational training /Trained Livestock Inspector | 25,000/- | Retired Para Vets Educated Unemployed Youth with desired qualification having vocational training on animal husbandry will be engaged. |
| Attendants | Two | 10th Pass | 15,000/- | Retired attendants / Peons of Animal Husbandry Department and Forest Department will be engaged. |

OIPR-08044/11/0002/2324

Sd./- Divisional Forest Officer
Rourkela Forest Division



**SUIIT**
Sambalpur University
Institute of Information Technology
Advt. No.: 745/SUIIT Dt.19.06.2023

**ADMISSION OPEN FOR 2023-24**

**B.Tech (Regular):**
Computer Sc. & Engineering (CSE)
Computer Sc. & Engineering with Specialization in AI&ML.
Computer Sc. & Engg. with specialization in Information & Cyber Security
Electronics & Communication Engineering (ECE)
Electrical & Electronics Engineering (EEE)
B.Tech (Lateral Entry): CSE/ECE/EEE
Master in Computer Application (MCA)
M.Sc. Computer Science
M.Tech Computer Science & Engineering

**All B.Tech Admissions are done exclusively through OJEE Councelling - 2023. For Details of Admission Process and Information Brochure. Visit: www.suiit.ac.in**

**Contact Number: 9938983624 / 9438074077 / 9337347538**
**Email: admin.office@suiit.ac.in**
**Sd./- Director, SUIIT**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication/07, ତା.14.06.2023ରିଖ
ଟେଣ୍ଡର ସଂ.40235344

**ସାମଗ୍ରୀଗୁଡ଼ିକର ବିବରଣୀ :** ସମ୍ପୂର୍ଣ୍ଣ ଉପକରଣଗୁଡ଼ିକ ସହିତ ଏକ ସେଟ୍ ହାଇଡ୍ରୋଲିକ୍ ପାୱାର ପ୍ୟାକ୍ ର ଯୋଗାଣ, ସଂସ୍ଥାପନ ଏବଂ ପ୍ରଚଳନ । ନିର୍ମାତା- Bemco କିମ୍ବା ଅନୁରୂପ । ଅନୁଲଗ୍ନକ-A ଅନୁଯାୟୀ ବିସ୍ତୃତ ବିନିର୍ଦ୍ଦେଶ ।
[ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପରେ 30 ମାସ]
**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 43,21,160/-, EMD @2% (ଟଙ୍କାରେ) : 86,420/- ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.07.2023 ରିଖ 1500 ଘଟିକାରେ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-275/O/23-24



**ପୂର୍ବ ତଟ ରେଳପଥ**

ସଂ.Comml/SBP/IREPS/ Catg./23/15, ତା.14.06.2023ରିଖ

**କ୍ରମ ସଂ.1, ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ସମ୍ବଲପୁର ଷ୍ଟେସନର ପରିଚାଳନା କ୍ଷେତ୍ର ଠାରେ ରେଲ୍ କୋଚ୍ ରେଷ୍ଟୁରାଣ୍ଟର ସ୍ଥାପନ, ପରିଚାଳନା ଏବଂ ପ୍ରବନ୍ଧନ ବ୍ୟବସ୍ଥା, ଷ୍ଟେସନ : ସମ୍ବଲପୁର (SBP) ।
**କ୍ରମ ସଂ.2, ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ଭବାନୀପାଟଣା 'D'ବର୍ଗ (BWIP) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ରିଫ୍ରେସ୍‌ମେଣ୍ଟ ପ୍ରକୋଷ୍ଠ (ଜେନେରାଲ ମାଇନର ୟୁନିଟ୍) ର ବ୍ୟବସ୍ଥା । ଷ୍ଟେସନ : ଭବାନୀପାଟଣା (BWIP) ।
**କ୍ରମ ସଂ.3, ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ଜୁନାଗଡ଼ ରୋଡ଼ 'D'ବର୍ଗ (JNRD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଠାରେ ଚା ଦୋକାନ(ସ୍ପେଶାଲ ମାଇନର ୟୁନିଟ୍-ପୁରୁଷ) ବ୍ୟବସ୍ଥା । ଷ୍ଟେସନ : ଜୁନାଗଡ଼ ରୋଡ଼ (JNRD) ।
**କ୍ରମ ସଂ.4, ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ମହାସମୁନ୍ଦ'D'ବର୍ଗ (MSMD) / ପ୍ଲାଟଫର୍ମ-02 ରେଳ ଷ୍ଟେସନ ଠାରେ ଠାରେ ଚା ଦୋକାନ (ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା । ଷ୍ଟେସନ : ମହାସମୁନ୍ଦ (MSMD) ।
**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.29.06.2023 ରିଖ 1200 ଘଟିକା (କ୍ରମ ସଂ.1 ପାଇଁ) ଏବଂ ତା.05.07.2023 ରିଖ 1200 ଘଟିକା (କ୍ରମ ସଂ.2,3 ଏବଂ 4 ପାଇଁ) ।
**ନିଲାମ ବନ୍ଦ ହେବା ତାରିଖ ଓ ସମୟ :** ତା.29.06.2023 ରିଖ 1230 ଘଟିକା (କ୍ରମ ସଂ.1 ପାଇଁ) ଏବଂ ତା.05.07.2023 ରିଖ 1250 ଘଟିକା (କ୍ରମ ସଂ.2,3 ଏବଂ 4 ପାଇଁ) ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-276/O/23-24



**GOVERNMENT OF ODISHA** No. B-368
**OFFICE OF THE SUPERINTENDING ENGINEER BALANGIR (R&B) DIVISION, BALANGIR**
Email- eepwd.bgr@rediffmail.com; eepwd.bgr@gmail.com; Ph. No. 06652-232374

**e-Procurement Notice**
**BID IDENTIFICATION No.: BGR R&B/ 07 / 2023-24**
No. 3703 // Dtd. 13.06.23

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Road/Building/ Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work: 01 No.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.19.06.2023, 11.00 A.M. to Dt.03.07.2023 up to 05.00 P.M.
7. Date of opening of Bid : Dt.04.07.2023 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer, Balangir (R&B) Division
OIPR-34028/11/0009/2324



**UNIVERSITY LAW COLLEGE**
UTKAL UNIVERSITY, VANI VIHAR, BHUBANESWAR-751004 (ODISHA), Tel: 0674-2589507
NO. ULC/383/2023 Date : 19.06.2023

**ADMISSION NOTICE**
**3 YEAR LL.B (HONS.) COURSE, 2023-2024**

Applications are invited in prescribed form for admission into 3 Year LL.B (Hons.) Course at University Law College, Bhubaneswar-751007.

| | |
|---|---|
| Number of Seats | 80(Eighty) |
| Eligibility Criteria | The candidates must have secured at least 45 % of marks for General category and 40% of marks for SC/ST categories in aggregate at (at graduation (+3 Arts/Science/Commerce) (10+2+3 pattern) or in any equivalent examination. |
| Application procedure | The Candidates are required to download the application form and Prospectus from our website www.universitylawcollegebbsr.org.in and send the filled in application form with requisite document along with application fees for Rs.600/- (Rupees six hundred only) in the shape of D.D drawn in favour of the **Principal, University Law College, Bhubaneswar Payable at Bhubaneswar** |
| Address in which Application forms are to be sent | Principal, University Law College, Vani Vihar, Bhubaneswar- 751010 through Speed Post only. The Application form may be deposited in the office counter. |
| Availability of Application Forms | From 22.06.2023 |
| Receiving of Application Forms | From 22.06.2023 (09.00 AM to 11.00 AM) |
| Last date of Submission of Form | 22/07/2023 (Saturday) Or 14 days from the date of publication of +3 Results (Arts/Science/ Commerce) (all stream) of Utkal University Odisha by 1.00 PM whichever is later. |
| **Date of Entrance** | **13.08.2023( Sunday) Time( 10.00 AM -11.00AM) in the College Campus** |
| **Publication of Merit List** | **Will be notified later on in our website.** |

For further details & updates, please visit our website
**www.universitylawcollegebbsr.org.in**

Sd/- Principal
University Law College,
BBSR-04 Tel.: (0674) 2589507 (Off.)



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER NABARANGPUR**
Letter No.: 4113/2023 dated the 19.06.2023

**ADVERTISEMENT**
**SUPPLY OF DRUGS, CONSUMABLES/NTCP/BCL & ELECTRONICS & FURNITURE/EIF NEW PHC ITEMS UNDER CDM&PHO, NABARANGPUR )**

No. E-188:-Sealed tenders are invited Registered Manufacturer/ Suppliers/ Distributor/ Firms for supply of Drugs Consumables, EIF, NTCP, BWM, BCL, Lab Consumables and Electronics & Furniture items under CDM&PHO, Nabarangpur. The details of the terms and conditions can be seen on the district website http://nabarangpur.nic.in. Interested eligible supplier should submit their proposal in prescribed format (Technical & Financial bids separately) along with all supporting documents in sealed envelope to the office of CDM&PHO, Nabarangpur by 10.07.2023 upto 5 P.M. through speed post/Regd. post only. The Authority reserves the right to accept or reject any or all applications without assigning any reason thereof.
Pre bid:- 28.06.2023 from 10 A.M. to 5.30 P.M.

Sd./- CDM&PHO, NABARANGPUR
OIPR-10164/11/0002/2324



**GOVERNMENT OF ODISHA** No.B-362
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**

**E-Procurement Notice**
**Bid Identification No. S.E. (R&B) - MLK-05/2023-24**
No. 2407 Date: 09.06.2023

| | | |
|---|---|---|
| 1. | Name of the work: | Building Work |
| 2. | Total No. of Works: | 04 Nos |
| 3. | Estimated Cost: | Rs.57.22 lakhs to Rs.83.38 Lakhs |
| 4. | Period of completion: | 06 (Six) months |
| 5. | Date & time of availability of bid document in the portal: | From 11.00 hrs. of 22.06.2023 to 16.00 hrs. of 01.07.2023 |
| 6. | Last Date/Time for receipt of bids in the Portal: | 16.00 hours of 01.07.2023 |
| 7. | Date of opening of Tender: | 11.00 hours of 03.07.2023 |
| 8. | Name and address of the Officer Inviting Bid: | Superintending Engineer, Malkangiri (R&B) Division |

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer, Malkangiri (R&B) Division
OIPR-34063/11/0006/2324



**[GOVERNMENT OF ODISHA]** No. B-359
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail – eepwdbgh@gmail.com Phone/Fax-06646–234819

**INVITATIONS FOR BIDS (I.F.B.)**
e-Procurement Notice
IDENTIFICATION NO.IFB-S.E. PWD BGH No.11 OF 2023-24
No. 2810 , Dated: 13.06.2023

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double Cover** System in **ONLINE MODE** for the **Building Works (Composite Tender) only** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building work: – **3 Nos.**
3) Cost of Tender Paper: – **Rs.6000/- & Rs.10,000/-**
4) Class of contractor:– **"D", "C" & "B" Class Contractor**
5) Date & Time of available in website & receipt of Bids: – **11:00 Hrs. of 19.06.2023 to 17:00Hrs. of 28.06.2023**
6) Date of opening of Bid: – **01.07.2023 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

Sd./- (A.K. Naik), Superintending Engineer,
Bargarh (R&B) Division
OIPR-34039/11/0009/2324



**TP SOUTHERN ODISHA DISTRIBUTION LIMITED** TPSØDL
(Procurement Department)
Call Center /Training Center, Duduma Colony, Ambagada, Berhampur, Odisha-760006

**NOTICE INVITING TENDER** Dt.: 20.06.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Enforcement related activity at TPSODL. | TPSODL/OT/ 2023-24/024 | 06 Lacs | 5,000 | 03.07.2023; 18:00 Hrs. |
| 2 | Rate Contract for Survey Supervisory Activities for 10 Divisions. | TPSODL/OT/ 2023-24/025 | 50,000 | 5,000 | 01.07.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com



**झारखण्ड सरकार**
**कार्यपालक अभियंता का कार्यालय ग्रामीण विकास विशेष प्रमण्डल, हजारीबाग**

ई– अल्पकालीन पुनर्निविदा आमंत्रण सूचना
ई–निविदा सं0 :– **RE-RDD/SD/HZB/04/2023-24**

1.कार्य की विस्तृत विवरणीः

| ग्रुप सं0 | आईडेन्टीफिकेशन संख्या / पैकेज संख्या | प्रखण्ड | योजना का नाम | प्राक्कलित राषि (रू0) | अग्रधन की राषि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RE-RDD/SD/HZB/ 04/02/2023-24 | सदर | हिन्दू + उच्च विद्यालय हजारीबाग का उन्नयन हेतु विविध कार्य। | 24678900.00 | 494000.00 | 10000.00 | 12 माह |

2.वेबसाईट में निविदा प्रकाशन की तिथि :– 23.06.2023 पूर्वाह्न 11:00 बजे
3.ई–निविदा प्राप्ति की अंतिम तिथि एवं समय :– दिनांक 23.06.2023 पूर्वाह्न 11:00 बजे से दिनांक 03.07.2023 को अपराह्न 5.00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 04.07.2023 अपराह्न 05:00 बजे तक।
5. निविदा खोलने का स्थान एवं समय – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग, 06.07..2023 अपराह्न 2:00 बजे।
6. निविदा शुल्क एवं अग्रधन की राशि जमा करने का स्थानः– i) जिला नियंत्रण कक्ष, हजारीबाग
7. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जाएगी।
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग।
9. ई–निविदा प्रकोष्ठ का दूरभाष सं० – 9430154806
10.निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, हजारीबाग के पदनाम से देय हो, देना होगा।
11.परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग
PR300469 (Rural Development)23-24*D

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

ରସୁଲପୁର,(ରଞ୍ଜିତ ରାଉତ)-କୁଆଖିଆ ଥାନା ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତ ସରିଫାବାଦ ଗ୍ରାମର ହରିହର ରଣା ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ରଣାଙ୍କୁ ତଣ୍ଟି ଚିପି ମାରି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ମହିଳାଙ୍କ ଭାଇ ବିଶ୍ୱନାଥ ରଣାଙ୍କ ଅଭିଯୋଗ ଆଧାରରେ କୁଆଖିଆ ଥାନାରେ ଏକ ମାମଲା(ନଂ.୧୯୨/୨୩)ରୁଜୁ କରାଯାଇଛି । ପୋଲିସ ଅଭିଯୁକ୍ତ ସ୍ୱାମୀ ହରିହରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣା ସହ ମୃତ ମହିଳାଙ୍କ ଶାଶୁ, ଶ୍ୱଶୁରଙ୍କ ସଂପୃକ୍ତି ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି ।


### ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅର୍‌ତିଶ୍
ପରିବାରବର୍ଗ


ଦିଶା
ପରିବାରବର୍ଗ


ଜିତ୍
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଫୁଲ ତୋଳିବା ବେଳେ କୂଅରେ ପଡ଼ି ବୃଦ୍ଧା ମୃତ

**ଚଢ଼େଇଧରା,୧୯।୬(ଦିଲୀପ ପରିଡ଼ା)**

ଯାଜପୁର ଜିଲା ଜେନାପୁର ଥାନା ଗଡମଧୁପୁର ପଞ୍ଚାୟତ ଅନ୍ତର୍ଗତ ଭୁବନପୁର ଗ୍ରାମର ଜଣେ ବୃଦ୍ଧାଙ୍କ କୂଅରେ ପଡ଼ି ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ହେଲେ ସେହି ଗ୍ରାମର ଗଣେଶ୍ୱର ବିଶ୍ୱାଳଙ୍କ ସ୍ତ୍ରୀ ଶିଶିର (୭୨) । ଶିଶିର ସକାଳୁ ଉଠି ବାଡ଼ିରେ ଫୁଲ ତୋଳିବାକୁ ଯାଇଥିବା ବେଳେ କୂଅ ଭିତରକୁ ଖସି ପଡ଼ିଥିଲେ। କିଛି ସମୟ ପରେ ଜଣେ ମହିଳା ପାଣି ନେବାକୁ ଆସି କୂଅ ଉପରେ ପଡିଥିବା ସ୍ଲାବ ଭାଙ୍ଗି ପଡ଼ିଥିବା ଦେଖି କିଛି ଅଘଟଣ ଘଟିଥିବା ଅନୁମାନ କରିଥିଲେ । ଏହାପରେ ସେ କୂଅ ଭିତରକୁ ଦେଖିବାରୁ ଶିଶିର ଗଳି ପଡିଥିବା ଜାଣି ଅନ୍ୟମାନଙ୍କୁ ଡାକିଥିଲେ। ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପି ମହିଳା ଭାବେ ସ୍ଥାନୀୟ ଆଞ୍ଚଳରେ ପରିଚିତ ଥିଲେ। ସାନ ପୁଅ ପ୍ରଦୀପ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମମତା


@ ପ୍ରିୟଦର୍ଶନ


@ ସ୍ୱୟଂଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଦୟଗିରିରେ ହେବ ବୌଦ୍ଧ ସଂଗ୍ରହାଳୟ : ପ୍ରତ୍ନତତ୍ତ୍ୱ ଡିଜି


ପ୍ରତ୍ନତତ୍ତ୍ୱ ବିଭାଗ ଡିଜି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**ଚଣ୍ଡିଖୋଲ,୧୯।୬ (ପ୍ରଦୀପ୍ତ କୁମାର ପୃଷ୍ଟି)**

ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ନୂତନ ସଂଗ୍ରହାଳୟ ସ୍ଥାପନ କରାଯିବ। ଏଥିନେଇ ସୋମବାର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଡ଼. କିଶୋର କୁମାର ବାସା ସୂଚନା ଦେଇଛନ୍ତି। ସେ ବୌଦ୍ଧପୀଠ ଉଦୟଗିରି ପରିସର ବୁଲିବା ସହିତ ଏହାର ଉନ୍ନତୀକରଣ ଓ ସୁରକ୍ଷା ନେଇ ଆଲୋଚନା କରିଥିଲେ। ସଂଗ୍ରହାଳୟ କେଉଁ ସ୍ଥାନରେ ନିର୍ମାଣ କରାଯିବ ତା'ର ନକ୍ସା ପ୍ରସ୍ତୁତ କରିବା ସହ ଏଥିପାଇଁ ଆବଶ୍ୟକ ଅର୍ଥ ଭାରତୀୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ (ଏଏସ୍‌ଆଇ) ପକ୍ଷରୁ ଯୋଗାଇ ଦିଆଯିବ। ଏଠାରେ ୪୦ହଜାର ବର୍ଗଫୁଟ ଆକାରର ମ୍ୟୁଜିୟମ ପ୍ରତିଷ୍ଠା କରାଯିବ । ବୌଦ୍ଧ ବିହାରର ପ୍ରବେଶ ପଥର ଦକ୍ଷିଣ ପାର୍ଶ୍ୱ ପାହାଡ଼ ପାଦଦେଶ ଅଂଶରେ ଏହା ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଡ଼. ବାସାଙ୍କ ସହିତ ପ୍ରତ୍ନତତ୍ତ୍ୱ ବିଭାଗ ମ୍ୟୁଜିୟମ ମହାନିର୍ଦ୍ଦେଶକ ଡ଼ ଏନ୍.କେ. ସିହ୍ନା, ପୁରୀ ସର୍କଲର ଅଧୀକ୍ଷକ ଡ. ଦିବାଶିଷ ବ୍ରଜସୁନ୍ଦର ଗଡ଼ନାୟକ, ଭୁବନେଶ୍ୱର ସର୍କଲର ଅଧୀକ୍ଷକ ଡ. ସୁଶାନ୍ତ କର, ସହକାରୀ ଅଧୀକ୍ଷକ ପ୍ରଜ୍ଞାପତି ପ୍ରଧାନ, ପ୍ରିୟଦର୍ଶିନୀ କର ଓ ଆଶିଷ ରଞ୍ଜନ ସାହୁ ପ୍ରମୁଖ ଆସିଥିଲେ। ସେମାନେ ଉଦୟଗିରିରୁ ଆବିଷ୍କୃତ ସିଂହପ୍ରସ୍ଥ ମହାବିହାର ଓ ମାଧବପୁର ମହାବିହାର ପରିଦର୍ଶନ କରିଥିଲେ। ଏଥିସହିତ ଏଠାରୁ ଆବିଷ୍କୃତ ହୋଇଥିବା ବୌଦ୍ଧ କିର୍ତ୍ତୀରାଜି ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହ ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ଡ଼ ହରିଶ୍ଚନ୍ଦ୍ର ପୃଷ୍ଟିଙ୍କ ଅସୁସ୍ଥତା ଖବର ପାଇ ତାଙ୍କ ବାଲିପଡ଼ିଆସ୍ଥିତ ବାସଭବନକୁ ଯାଇ ଆଳାପ ଆଲୋଚନା କରିଥିଲେ। ଉଦୟଗିରିଠାରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଅଧ୍ୟକ୍ଷ ଡ଼ ଅରୁନ୍ଧତୀ ଦେବୀ, ଆବାହକ ମହେଶ୍ୱର ବଳ, ଶୈଳେନ୍ଦ୍ର ନାରାୟଣ ରାୟ ପ୍ରମୁଖ ତାଙ୍କୁ ସ୍ୱାଗତ କରିବା ସହ ଉଦୟଗିରିର ବିକାଶ ନିମନ୍ତେ ଆଲୋଚନା କରିଥିଲେ।





### ପ୍ରଥମ ଜନ୍ମବାର୍ଷିକୀରେ ଶୁଭେଚ୍ଛା


ଜାଗୃତି (ଦିଶା)
ହଳଦିଆ, ମାର୍ଶାଘାଇ, କେନ୍ଦ୍ରାପଡ଼ା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସୁସ୍ଥ, ନୀରୋଗ, ଦୀର୍ଘାୟୁ କରନ୍ତୁ।
ତୋର ବାପା, ମାଆ, ଆତ୍ମୀୟସ୍ୱଜନ ।
ଧ-୦୬୧୪

### ଜନ୍ମଦିନ ଶୁଭେଚ୍ଛା


ଶିବାଂଶୀ ମଲ୍ଲିକ (ସିଦ୍ଧି)
ଆଜି ତୋର ଷଷ୍ଠ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା। ଶୁଭେଚ୍ଛା ସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ଅଜା: ସୁରେନ୍ଦ୍ର, ଆଈ: ପାର୍ବତୀ, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ସ୍ମୃତି, ବଡ଼ମା: ରଞ୍ଜିତା, ଲୋପାମୁଦ୍ରା, ଭଉଣୀ: ରିଦ୍ଧି, ଶୁଭି, ଭାଇ, ମାମୁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ ।
ଧ-୦୬୦୫

### ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା


ARTISH PRADHAN
ରଗଡ଼ିସାହି, ଢେଙ୍କାନାଳ ଟାଉନ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥକୁ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବାପା, ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ ଓ ପରିବାରବର୍ଗ।
ଧ-୭୪୦୭୩

### ୮ମ ଜନ୍ମବାର୍ଷିକ ଶୁଭେଚ୍ଛା


ମୁକେଶ କୁମାର ସେଠୀ (ଜିତ୍)
ବନପୁର, ସାକ୍ଷୀଗୋପାଳ, ଜିଲ୍ଲା:ପୁରୀ
ଆଜି ତୁମର ୮ମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମେ ଦୀର୍ଘାୟୁ ଓ ଯଶସ୍ୱୀ ହୁଅ । ତୁମର ଚଲାପଥ ସଦା କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ । ଏହାହିଁ ଆମର କାମନା ଓ ଆଶୀର୍ବାଦ । ଶୁଭେଚ୍ଛା ସହ: ଜେଜେ, ମା, ଅଜା, ଆଈ, ମାମୁ, ମାଇଁ, ଦାଦା, ଖୁଡୀ, ବାପା, ବୋଉ ଓ ପିଉସା ପିଉସୀମାନେ ।
ଧ-୦୬୧୨


# Classified Everyday 0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872




Tolet Purpose: Office/Godown, Area 3600sqft. place 1503/c Acharyavihar. Contact No.- 8018830098. D-0617

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

Spa Kerala body Massage only best Therapist @699/-, Bhubaneswar. 9337672475. D-0610

Newly open Salon/ SPA with expert therapist (health benefits). 8114322659. D-75120

**AFFIDAVIT**

I, Prita Rani Mishra, D/o- Debi Prasad Mishra, Flat No.- 5/102, Balmiki Debashram, SBI Colony, Kesura, Bhubaneswar- 751002, Dist.- Khurda, Odisha declare by this affidavit C.F. No.-16, dtd.- 09.06.2023 that now onwards I shall be known as Prita Tripathy for all future purposes. D-0609

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Geeta Rani Mishra, W/o- Gangadhar Mishra, resident of House No- 4, Smile City Scape, Kanchilo, Balianta, Bhubaneswar, Odisha, Pin-752101 declare by this affidavit No. 60AA 384638 dated- 03 Feb. 2023 that from now onwards I shall be known as **Mamata Manjari Mishra** for all future purposes. D-0608

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱ.ସାବିତ୍ରୀ ସିଂହ (ଖୁକାରି)
ବଳରାମପ୍ରସାଦ, ଅନୁଗୋଳ
ଆବିର୍ଭାବ: ୧୯।୦୧।୧୯୫୯
ତିରୋଧାନ: ୧୧।୦୭।୨୦୨୧ (ରଥଯାତ୍ରା)
ଚାହୁଁ ଚାହୁଁ ୨ବର୍ଷ ପୂରିଗଲା, ହେଲେ ମନରୁ ଭୁଲିପାରୁନୁ ତୁମକୁ, ଆଜିବି ମନେପଡୁଛ । ପୁଣି ଫେରି ଆସିବ, ଏଇ ସଜାଡ଼ିଥିବା ଘରକୁ.... । ଆଜିର ଏହି ପବିତ୍ର (ରଥଯାତ୍ରା) ଦିନରେ ତୁମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ ଓ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶ୍ରଦ୍ଧାଞ୍ଜଳି:** ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା ଓ ଜାମାତାଗଣ, ନାତି ଓ ନାତୁଣୀମାନେ, ଶୋକସନ୍ତପ୍ତ ସିଂହ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୬୧୫

### ୨୨ତମ ଶ୍ରାଦ୍ଧବାର୍ଷିକୀ


ସ୍ୱ.ଚିତ ରଞ୍ଜନ ଦାସ
ଗ୍ରାମ- ପଟିଆ, ଭୁବନେଶ୍ୱର
ଆବିର୍ଭାବ- ୨୪।୦୬।୧୯୨୪
ତିରୋଧାନ- ୨୨।୦୬।୨୦୦୧
ଚାହୁଁ ଚାହୁଁ ୨୩ବର୍ଷ ବିତିଗଲା, ତୁମେ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଚାଲିଗଲା ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଗଲା । ଆଜି ୨୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୫୯୫୫୭

### LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ
ସିଭିଲ ସୁଟ୍ ନଂ. ୪୩/୨୦୨୨
ବିରଞ୍ଚି ସେଠି ଏବଂ ଅନ୍ୟମାନେ ..... ବାଦୀ
ବନାମ
ଆଲୋକ କୁମାର ମଙ୍ଗରାଜ ଏବଂ ଅନ୍ୟମାନେ ....ପ୍ରତିବାଦୀ

ପ୍ରାପ୍ତେଷୁ
କ୍ରମିକ ନଂ-୪: ଚିତ୍ରାଙ୍ଗଦା ଦେବି, ପି- ସ୍ୱ ନବୀନ ପ୍ରସାଦ ଦେବ, ସା- ଯୋଗିନ୍ଦ୍ର ଭିଲ୍ଲା ପାଲେସ ବୌଦ୍ଧ, ଜି- ବୌଦ୍ଧ। ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ ସୁଟ ନଂ. ୪୩/ ୨୦୨୨ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୪।୭।୨୩ରିଖ ଦିନ ୧୦.୩୦ ଘ. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର ସିଭିଲ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ
D-0613

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..................................
ଜନ୍ମ ତାରିଖ: ...........................


ଅର୍ତିଶ୍ ପରିବାରବର୍ଗ


ଦିଶା ପରିବାରବର୍ଗ


ଜିତ୍ ପରିବାରବର୍ଗ


ସିଦ୍ଧି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରଣପୁରରେ ଅପରାହ୍ନ ୧ଟାରେ ରଥଟଣା

**ରଣପୁର, ୧୯।୬ (ସୁକାନ୍ତ କିଶୋର ଡାକୁଆ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୟାଗଡ଼ ଜିଲା ରଣପୁର ରଥଯାତ୍ରା ଲାଗି ଚଳଚଞ୍ଚଳ ହୋଇଉଠିଛି। ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରାଙ୍କୁ ଧରି ମନ୍ଦିର ଛାଡି ଭକ୍ତଙ୍କ ଗହଣକୁ ଆସିବେ। ଆଉ ରଥରେ ବସି ମାଉସୀ ମା' ମନ୍ଦିରକୁ ଯିବେ। ରଥରେ କାରିଗର ଓ ମହାରଣାମାନେ ସେମାନଙ୍କ ଶେଷ ସ୍ପର୍ଶ ଦେଇଥିଲା ବେଳେ ଭକ୍ତମାନେ ମଙ୍ଗଳବାରକୁ ଅପେକ୍ଷା କରିଛନ୍ତି ରଥଟଣା ମୁହୂର୍ତ୍ତକୁ। ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ରଥପଥ ପ୍ରସ୍ତୁତ ହୋଇରହିଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଡିଏସ୍‌ପିଙ୍କ ସମେତ ବିଭିନ୍ନ ଫାଣ୍ଡି, ଥାନାର ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ସକାଳ ୫ ଟାରେ ଅବକାଶ, ବଲ୍ଲଭ, ସକାଳ ୭ ଟାରେ ରଥ ପ୍ରତିଷ୍ଠା, ୧୧ଟାରେ ପହଣ୍ଡି, ୧୨ ଟାରେ ଛେରା ପହଁରା, ଅପରାହ୍ନ ୧ଟାରେ ରଥଟଣା ହେବ ବୋଲି ସୂଚନା ମିଳିଛି।








## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମମତା


@ ପ୍ରିୟଚନ୍ଦନ


@ ସ୍ୱୟଂଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଜଗନ୍ନାଥଙ୍କ ନବ ଯୌବନ ଦର୍ଶନ

**ଦଶପଲ୍ଲା, ୧୯।୬ (ପ୍ରକାଶ କୁମାର ପାଣି)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଯୌବନ ଦର୍ଶନ ସୋମବାର ଶ୍ରଦ୍ଧାଳୁମାନେ କରିଛନ୍ତି। ଏଥି ନିମନ୍ତେ ଦଶପଲ୍ଲା ଟାଉନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ବହୁ ଭକ୍ତ ସମାଗମ ହୋଇଥିଲା। ସେହିପରି ସାତପାଟଣାସ୍ଥିତ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ମଧ୍ୟ ଭିଡ଼ ହୋଇଥିଲା।

# ପଚା, କୀଟଯୁକ୍ତ ମୃତଦେହ ସଂସ୍କାର

**ନୟାଗଡ଼, ୧୯।୬ (ଲୋକନାଥ ମିଶ୍ର)**

### କାନ୍ଧ ଦେଲେ ସରପଞ୍ଚ, ଖବରଦାତା

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ପଞ୍ଚାୟତର ନୃସିଂହପୁର ଟାଙ୍ଗୀସାହି ଗାଁରେ ପଚା ଓ କୀଟ ଯୁକ୍ତ ମୃତଦେହକୁ ସୋମବାର ସଂସ୍କାର କରାଯାଇଛି। ସରପଞ୍ଚ ଓ ଖବରଦାତାଙ୍କ ଚେଷ୍ଟାରେ ଏହା ହୋଇପାରିଛି। ନୃସିଂହପୁର ଟାଙ୍ଗୀସାହି ଗାଁରେ ୪୦ ବର୍ଷ ହେଲା ରୁହନ୍ତି କୃଷ୍ଣ ବହାଦୁର ଏବଂ ତାଙ୍କର ପତ୍ନୀଙ୍କ ସହ ୪ ଝିଅ। କୃଷ୍ଣ ନେପାଳରୁ ଆସି ସ୍ଥାନୀୟ ରାଜ ସୁନାଖଳା ବଜାରରେ ଚୌକିଦାର (ରାତ୍ରୀ ଜଗୁଆଳି) ଭାବେ କାର୍ଯ୍ୟ କରୁଥିଲେ। କୃଷ୍ଣ ନିଜର ସୀମିତ ରୋଜଗାରରେ ୪ ଝିଅଙ୍କୁ ବିବାହ ଦେଇଥିଲେ। ପରେ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ଫଳରେ ୫ବର୍ଷ ହେବ କୃଷ୍ଣ ବେସାହାରା ହୋଇ ପଡ଼ିଥିଲେ। ଭିକ୍ଷା କରି ପେଟ ପୋଷିବାକୁ ପଡୁଥିଲା। କୃଷ୍ଣଙ୍କ ୨ଗୋଡ଼ରେ ଘାଆ ହୋଇ କ୍ରମଶଃ କୀଟ ହୋଇଯାଇଥିଲେ। ଚିକିତ୍ସା ପାଇଁ ଅର୍ଥ ସାଙ୍ଗକୁ ଆତ୍ମୀୟଙ୍କ ଅଭାବ କାରଣରୁ କୃଷ୍ଣଙ୍କ ଶରୀର ସାରା ବଡ଼ ବଡ଼ ଘା ହୋଇ ସମ୍ପୂର୍ଣ୍ଣ କୀଟଯୁକ୍ତ ହୋଇ ଯାଇଥିଲା। ଗତ ୪ମାସ ହେବ ନିଜ ଘରର ବନ୍ଦ କୋଠରୀରେ ପଡ଼ି ଖାଦ୍ୟ, ଯତ୍ନ ଅଭାବରେ ରୋଗ ଯନ୍ତ୍ରଣାରେ କୃଷ୍ଣ ତିଳ ତିଳ ହୋଇ ଜଳୁଥିଲେ। ନା ପାଖରେ ଥିଲେ ବନ୍ଧୁବାନ୍ଧବ ନା ଜ୍ଞାତି କୁଟୁମ୍ବ। ଏହି ୪ ମାସ ନର୍କ ଯନ୍ତ୍ରଣା ଭୋଗୀ ଶେଷରେ ରବିବାର ବଡ଼ି ଭୋର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମାତ୍ର ଦୁର୍ଗନ୍ଧ ଯୁକ୍ତ ମୃତଦେହକୁ କେହି ଜଣେ ହେଲେ ଛୁଇଁ ନ ଥିଲେ। ଫଳରେ ସୋମବାର ଅପରାହ୍ନ ୧ ଟା ପର୍ଯ୍ୟନ୍ତ ପଡି ରହିଥିଲା। ଖବରପାଇ ରାଜ ସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଏବଂ ରାଜସୁନାଖଳା ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଖବରଦାତା ଆର୍ତ୍ତତ୍ରାଣ ପ୍ରଧାନ ପହଞ୍ଚିଥିଲେ। ଜଣେ ଶ୍ରମିକଙ୍କୁ ଡକାଇ ଉଭୟ ଏକ କୋକେଇରେ ମୃତଦେହଟିକୁ ଶ୍ମଶାନକୁ ନେଇଯାଇଥିଲେ। ଯଥା ରୀତିନୀତି ଅନୁସାରେ ସ୍ଥାନୀୟ ହଡାନଦୀ କୂଳରେ ଥିବା ଶ୍ମଶାନରେ କୃଷ୍ଣଙ୍କ ଅନ୍ତିମ ସଂସ୍କାର ଉଭୟେ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଯିଏ ଏହି ଦୃଶ୍ୟ ଦେଖିଛି ପ୍ରଶଂସା ନ କରି ରହିପାରିନାହିଁ। ତେବେ ଉଭୟ ଯୁବ ପ୍ରତିଭାଙ୍କ ଏଭଳି ହୃଦୟବାନ ପ୍ରବୃତ୍ତି ଏବଂ ନିଆରା ସେବା ପାଇଁ ସ୍ଥାନୀୟ ଯୁବମାନଙ୍କ ଆଦର୍ଶରେ ପରିଣତ ହୋଇଛନ୍ତି।


### ପ୍ରଥମ ଜନ୍ମବାର୍ଷିକୀରେ ଶୁଭେଚ୍ଛା



**ଜାଗୃତି (ଦିଶା)**
ହଳଦିଆ, ମାର୍ଶାଘାଇ, କେନ୍ଦ୍ରାପଡ଼ା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସୁସ୍ଥ, ନୀରୋଗ, ଦୀର୍ଘାୟୁ କରନ୍ତୁ।
ତୋର ବାପା, ମାଆ, ଆତ୍ମୀୟସ୍ୱଜନ।
ଧ-୦୬୧୪

### ଜନ୍ମଦିନ ଶୁଭେଚ୍ଛା



**ଶିବାଂଶୀ ମଲ୍ଲିକ (ସିଦ୍ଧି)**
ଆଜି ତୋର ଷଷ୍ଠ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା। ଶୁଭେଚ୍ଛା ସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ଅଜା: ସୁରେନ୍ଦ୍ର, ଆଈ: ପାର୍ବତୀ, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ସ୍ମୃତି, ବଡ଼ମା: ରଞ୍ଜିତା, ଲୋପାମୁଦ୍ରା, ଭଉଣୀ: ରିଧି, ଶୁଭି, ଭାଇ, ମାମୁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ।
ଧ-୦୬୦୫

### ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ARTISH PRADHAN**
ରଗଡ଼ିସାହି, ଢେଙ୍କାନାଳ ଟାଉନ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥକୁ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବାପା, ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ ଓ ପରିବାରବର୍ଗ।
ଧ-୭୪୦୭୩

### ୮ମ ଜନ୍ମବାର୍ଷିକ ଶୁଭେଚ୍ଛା



**ମୁକେଶ କୁମାର ସେଠୀ (ଜିତ୍)**
ବନପୁର, ସାକ୍ଷୀଗୋପାଳ, ଜିଲ୍ଲା:ପୁରୀ
ଆଜି ତୁମର ୮ମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମେ ଦୀର୍ଘାୟୁ ଓ ଯଶସ୍ୱୀ ହୁଅ। ତୁମର ଚଲାପଥ ସଦା କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଏହାହିଁ ଆମର କାମନା ଓ ଆଶୀର୍ବାଦ। ଶୁଭେଚ୍ଛା ସହ: ଜେଜେ, ମା, ଅଜା, ଆଈ, ମାମୁ, ମାଇଁ, ଦାଦା, ଖୁଡ଼ୀ, ବାପା, ବୋଉ ଓ ପିଉସା ପିଉସୀମାନେ।
ଧ-୦୬୧୨



# Classified Everyday

0674-2580101, 2549949



**REAL ESTATE**

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872



Tolet Purpose: Office/Godown, Area 3600sqft. place 1503/c Acharyavihar. Contact No.- 8018830098. D-0617

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Asribada Panchakarma herbal SPA Kesharimall, Bhubaneswar- Contact 8926173473. D-74695

Spa Kerala body Massage only best Therapist @699/-, Bhubaneswar. 9337672475. D-0610

Newly open Salon/SPA with expert therapist (health benefits). 8114322659. D-75120

## AFFIDAVIT

I, Prita Rani Mishra, D/o- Debi Prasad Mishra, Flat No.-5/102, Balmiki Debashram, SBI Colony, Kesura, Bhubaneswar-751002, Dist.-Khurda, Odisha declare by this affidavit C.F. No.-16, dtd.- 09.06.2023 that now onwards I shall be known as Prita Tripathy for all future purposes. D-0609

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Geeta Rani Mishra, W/o- Gangadhar Mishra, resident of House No- 4, Smile City Scape, Kanchilo, Balianta, Bhubaneswar, Odisha, Pin-752101 declare by this affidavit No. 60AA 384638 dated- 03 Feb. 2023 that from now onwards I shall be known as **Mamata Manjari Mishra** for all future purposes. D-0608


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସାବିତ୍ରୀ ସିଂହ (ଖୁଜାରି)**
ବଳରାମପ୍ରସାଦ, ଅନୁଗୋଳ
ଆବିର୍ଭାବ: ୧୯।୦୧।୧୯୫୯
ତିରୋଧାନ: ୧୧।୦୭।୨୦୨୧ (ରଥଯାତ୍ରା)
ଚାହୁଁ ଚାହୁଁ ୨ବର୍ଷ ପୂରିଗଲା, ହେଲେ ମନରୁ ଭୁଲିପାରୁନୁ ତୁମକୁ, ଆଜିବି ମନେପଡୁଛ। ପୁଣି ଫେରି ଆସିବ, ଏଇ ସଜାଡ଼ିଥିବା ଘରକୁ....। ଆଜିର ଏହି ପବିତ୍ର (ରଥଯାତ୍ରା) ଦିନରେ ତୁମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ ଓ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶ୍ରଦ୍ଧାଞ୍ଜଳି: ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା ଓ ଜାମାତାଗଣ, ନାତି ଓ ନାତୁଣୀମାନେ, ଶୋକସନ୍ତପ୍ତ ସିଂହ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୬୧୫

### ୨୨ତମ ଶ୍ରାଦ୍ଧବାର୍ଷିକୀ



**୰ଚିତ ରଞ୍ଜନ ଦାସ**
ଗ୍ରାମ- ପଟିଆ, ଭୁବନେଶ୍ୱର
ଆବିର୍ଭାବ- ୨୪।୦୬।୧୯୨୪
ତିରୋଧାନ- ୨୨।୦୬।୨୦୦୧
ଚାହୁଁ ଚାହୁଁ ୨୩ବର୍ଷ ବିତିଗଲା, ତୁମେ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଗଲା। ଆଜି ୨୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୫୭


## LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ
ସିଭିଲ ସୁଟ୍ ନଂ. ୪୩/୨୦୨୨
ବିରଞ୍ଚି ସେଠି ଏବଂ ଅନ୍ୟମାନେ ..... ବାଦୀ
ବନାମ
ଆଲୋକ କୁମାର ମଙ୍ଗରାଜ ଏବଂ ଅନ୍ୟମାନେ ....ପ୍ରତିବାଦୀ

ପ୍ରାପ୍ତେଷୁ
କ୍ରମିକ ନଂ-୪: ଚିତ୍ରାଙ୍ଗଦା ଦେବି, ପି- ୰ ନବୀନ ପ୍ରସାଦ ଦେବ, ସା- ଯୋଗିନ୍ଦ୍ର ଭିଲ୍ଲା ପାଲେସ ବୌଦ୍ଧ, ଜି- ବୌଦ୍ଧ। ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ ସୁଟ ନଂ. ୪୩/ ୨୦୨୨ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୪।୭।୨୩ରିଖ ଦିନ ୧୦.୩୦ ଘ. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର ସିଭିଲ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ
D-0613